
ଶ୍ରଦ୍ଧା ସ୍ମରଣିକାଙ୍କୁ ସ୍କୁଲ୍ ଚେସ୍ ଟାଇଟଲ୍

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


◆VOLUME- 43 ◆ISSUE-27 ◆MONDAY ◆21 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୭ ◆ସୋମବାର ◆୨୧ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସିରିଆରେ ସାମ୍ପ୍ରଦାୟିକ ଦଙ୍ଗା; ୧୦୦୦ ମୃତ



■ ଦାମାସକସ୍, ୨୦।୭ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ସିରିଆର ଦ୍ରୁଜ ବହୁଳ କ୍ଷେତ୍ର ସ୍ୱେଦାରେ ସାମ୍ପ୍ରଦାୟିକ ଦଙ୍ଗା ଉଗ୍ରରୂପ ଧାରଣ କରିଛି। ଗତ ଏକ ସପ୍ତାହ ମଧ୍ୟରେ ହୋଇଥିବା ହିଂସା କାଣ୍ଡରେ ଏପର୍ଯ୍ୟନ୍ତ ୧୦୦୦ଜଣ ମୃତ୍ୟୁବରଣ କରିଛନ୍ତି ବୋଲି ବ୍ରିଟେନ ସ୍ଥିତ ସିରିଆର ଆବଜରଭେଟରୀ ଫର ହ୍ୟୁମାନ ରାଇଟ୍ସ କହିଛି। ଏହି ଅଞ୍ଚଳରେ ମେସିନଗନ ଓ ମୋର୍ଟାର ଗୁଳିଗୋଳାର ଶବ୍ଦ ଶୁଣିବାକୁ ମିଳିଛି। ଏହି କ୍ଷେତ୍ରରେ ଅସ୍ତ୍ରବିରତି ଲାଗୁ କରିବାରେ ସରକାର ବିଫଳ ହୋଇଛନ୍ତି। ଦ୍ରୁଜ ସମ୍ପ୍ରଦାୟ ଓ ବେଦୁଇନ୍ ଜନାଜାତି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ସିରିଆର ଦକ୍ଷିଣ ଭାଗରେ ସୁରକ୍ଷାବାହିନୀ ନିୟୋଜିତ କରାଯାଇଥିଲେ ମଧ୍ୟ ହିଂସା ରୋକିବାରେ ସଫଳ ହୋଇନାହାନ୍ତି। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ସରକାର ସୈନ୍ୟ ପଠାଇଥିଲେ। ତେବେ ଦ୍ରୁଜ୍ ଯୋଦ୍ଧାମାନେଙ୍କ ସହିତ ସେନାର ସଂଘର୍ଷ ହୋଇଥିଲା। ଶନିବାର ଦ୍ରୁଜ୍ ଓ ବେଦୁଇନ୍ ପୁଣି ମୁହାଁମୁହିଁ ହୋଇଥିଲେ। ତେବେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ସିରିଆ ସରକାର କହିଛନ୍ତି।

## ବିଧାନସଭାରେ ଗେମ୍ ଖେଳିଲେ ମହାରାଷ୍ଟ୍ର କୃଷିମନ୍ତ୍ରୀ



■ ମୁମ୍ବାଇ, ୨୦।୭ (ଏଜେନ୍ସି): ମହାରାଷ୍ଟ୍ର ବିଧାନସଭାରେ ବସି କୃଷିମନ୍ତ୍ରୀ ମାଣିକରାଓ କୋକାଟେ ଗେମ୍ ଖେଳୁଥିବାର ଦେଖାଯାଉଛି। ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ବିରୋଧୀ ମନ୍ତ୍ରୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ରାଜ୍ୟରେ ଦିନକୁ ୮ ଚାଷୀ ଆତ୍ମହତ୍ୟା କରୁଥିବାବେଳେ କୃଷିମନ୍ତ୍ରୀ ବେସ୍ ଗେମ୍ ଖେଳିବା ଲଜ୍ଜାଜନକ ବୋଲି କହିଛନ୍ତି। ବିରୋଧୀ କୃଷିମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ରବିବାର ସଂସଦ ଭବନରେ ଅନୁଷ୍ଠିତ ସର୍ବଦଳୀୟ ବୈଠକ ପରେ ଏନ୍‌ସିପି (ଏସ୍‌ପି) ସାଂସଦ ସୁପ୍ରିୟା ସୁଲେ କହିଥିଲେ ଯେ କୃଷିମନ୍ତ୍ରୀ ତୁରନ୍ତ ପଦରୁ ଇସ୍ତଫା ଦେବା ଉଚିତ। ସେ ଇସ୍ତଫା ନ ଦେଲେ ମୁଖ୍ୟମନ୍ତ୍ରୀ ତାଙ୍କୁ ବାହାର କରିବା ଆବଶ୍ୟକ। ରାଜ୍ୟରେ ଗତ ତିନି ମାସରେ ପ୍ରାୟ ୭୫୦ ଚାଷୀ ଆତ୍ମହତ୍ୟା କଲେଣି। ଏଭଳି ଜରୁରୀ ସମୟରେ ଚାଷୀଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା ପରିବର୍ତ୍ତେ କୃଷିମନ୍ତ୍ରୀ ବିଧାନସଭାରେ ▶ପୃଷ୍ଠା-୭

**ଦିନକୁ ରାଜ୍ୟରେ ୮ ଚାଷୀ କରୁଛନ୍ତି ଆତ୍ମହତ୍ୟା: ବିରୋଧୀ**

**ତିନି ମାସରେ ୭୫୦ ଚାଷୀଙ୍କ ଆତ୍ମହତ୍ୟା; ସରକାର ଶୋଇଛନ୍ତି**

# ମରଣ ସହ ଯୁଝୁଛନ୍ତି ବଲଙ୍ଗା ପୀଡ଼ିତା

### ୭୫% ଦଗ୍ଧ; ସ୍ଥିତି ସଙ୍କଟାପନ୍ନ: ଦିଲ୍ଲୀ ଏମ୍ସ

### ସ୍ୱତନ୍ତ୍ର ଏୟାର ଆମ୍ବୁଲାନ୍ସ ଯୋଗେ ନିଆଗଲା

### ଆଇସିୟୁରେ ଅକ୍ସିଜେନ୍ ସପୋର୍ଟରେ ପୀଡ଼ିତା



■ ଭୁବନେଶ୍ୱର, ୨୦।୭ (ସମିସ): ଦୁର୍ବୃତ୍ତଙ୍କ ପାଶବିକ ଅତ୍ୟାଚାରର ଶିକାର ହୋଇ ଜଳି ଯାଇଥିବା ବଲଙ୍ଗା ଥାନା ଅଞ୍ଚଳର ୧୫ବର୍ଷୀୟା ପୀଡ଼ିତାଙ୍କୁ ଆଜି ଏୟାରଲିଫ୍ଟ କରାଯାଇଛି। ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସରୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

ପୀଡ଼ିତାଙ୍କୁ ଗତକାଲି ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ଆଜି ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। ହେଲେ ଉନ୍ନତ ଚିକିତ୍ସା ପାଇଁ ତାଙ୍କ ପରିବାର ସହ ଆଲୋଚନା ପରେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ପୀଡ଼ିତାଙ୍କୁ ସ୍ଥାନାନ୍ତର ପାଇଁ କମିସନରେଟ ପୁଲିସ ପକ୍ଷରୁ ଭୁବନେଶ୍ୱର ଏମ୍ସରୁ ବିଜୁ ପଟ୍ଟନାୟକ ବିମାନବନ୍ଦର ପର୍ଯ୍ୟନ୍ତ ଗ୍ରୀନ କରିଡର୍‌ର ବ୍ୟବସ୍ଥା କରିଥିଲା। ଗୋଟିଏ ପାଖ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଏମ୍ସରୁ ଆମ୍ବୁଲାନ୍ସ ବାହାରିବା ପରେ ଖଣ୍ଡଗିରି, ଫାୟାରଷ୍ଟେସନ୍, ଓୟୁଏଟି, ଗଙ୍ଗନଗର, ସୁର୍ କମ୍ପାନୀ ଛକ ଦେଇ ଏୟାରପୋର୍ଟ ନିଆଯାଇଥିଲା। ଦିନ ପ୍ରାୟ ସାଢ଼େ ୧୨ଟାରେ ବାହାରିଥିବା ଏସ୍କର୍ଟ ୧୨ଟା ୪୧ରେ ଏୟାରପୋର୍ଟରେ ପହଞ୍ଚିଥିଲା। ପୀଡ଼ିତାଙ୍କୁ ମାତ୍ର ୧୧ ମିନିଟରେ ବିମାନବନ୍ଦରର ପହଞ୍ଚା ଯାଇଥିଲା। ତାଙ୍କୁ ଚିକିତ୍ସା କରୁଥିବା ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗର ଅତିରିକ୍ତ ପ୍ରଫେସର ଡାକ୍ତର ସଞ୍ଜୟ ଗିରିଙ୍କ ସମେତ ଏକ ଡାକ୍ତରୀ ଟିମ୍ ପୀଡ଼ିତାଙ୍କ ସହ ଏମ୍ସରୁ ବିମାନବନ୍ଦର ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଦିଲ୍ଲୀ ଇନ୍ଦ୍ରପ୍ରସ୍ଥ ଆପୋଲୋର ସ୍ୱତନ୍ତ୍ର ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପୀଡ଼ିତାଙ୍କ ସହ ତାଙ୍କ ପରିବାରର ସଦସ୍ୟ ମଧ୍ୟ ଦିଲ୍ଲୀ ଯାଇଛନ୍ତି।

ସୂଚନାଯୋଗ୍ୟ, ଗ୍ରୀନ କରିଡର ଓ ଟ୍ରାଫିକ ପରିଚାଳନା ପାଇଁ କମିସନରେଟ୍ ପୁଲିସ୍ ପକ୍ଷରୁ ୭୯ ଟ୍ରାଫିକ୍ କନେଷ୍ଟବଳ, ୨ ପ୍ଲାଟୁନ୍ ପୁଲିସ ଫୋର୍ସ ଓ ଏସ୍କର୍ଟ ପାର୍ଟି ମୁତୟନ ହୋଇଥିଲେ।

ସେପଟେ, ପୀଡ଼ିତା ଦିଲ୍ଲୀ ଏମ୍ସରେ ପହଞ୍ଚିବା ପରେ ଡାକ୍ତରଖାନା ପକ୍ଷରୁ ଆଜି ସଂଧ୍ୟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବୁଲେଟିନ୍ ଜାରି ହୋଇଛି। ରବିବାର ଅପରାହ୍ଣ ୪ଟା ୨୦ରେ ଦିଲ୍ଲୀ ଏମ୍ସରେ ପହଞ୍ଚିଛନ୍ତି। ତାଙ୍କୁ ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବ୍ଲକ୍‌ର ବର୍ଣ୍ଣ ଆଇସିୟୁରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରର ୭୫ପ୍ରତିଶତ ଜଳିଯାଇଥିବା ବେଳେ ସେ ଆଇସିୟୁରେ ଅକ୍ସିଜେନ୍ ସପୋର୍ଟରେ ରହିଛନ୍ତି ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ପୀଡ଼ିତା ବିପିଏସ୍ ୫ ଆଇସିୟୁ ବେଡ୍ ନଂ-୧୨ରେ ଚିକିତ୍ସିତ ହେଉଥିବା ବେଳେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା ତଦାରଖ କରୁଛନ୍ତି।

### ଆଜିଠୁ ସଂସଦର ମୌସୁମୀ ଅଧିବେଶନ

## ଓଡ଼ିଶା, ବିହାର, ପହଲଗାମ ପ୍ରସଙ୍ଗରେ ତାତିବ ଗୃହ



**ଜଷ୍ଟିସ ବର୍ମାଙ୍କ ବିରୋଧରେ ଆସିବ ମହାଭିଯୋଗ ପ୍ରସ୍ତାବ**

**ସମସ୍ତ ଆଲୋଚନା ପାଇଁ ପ୍ରସ୍ତୁତ: ମନ୍ତ୍ରୀ**

■ ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି): ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ମୌସୁମୀ ଅଧିବେଶନ ବିହାର, ପହଲଗାମ ଏବଂ ଅପରେସନ ସିନ୍ଦୂର ପ୍ରସଙ୍ଗରେ ସରଗରମ ହେବାର ସମ୍ଭାବନା ରହିଛି। ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରୁ ଏଭଳି ଆଭାସ ମିଳିଛି। ସରକାର ଏହିସବୁ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି। ଏହି ଅଧିବେଶନରେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ବର୍ମାଙ୍କୁ ବହିଷ୍କାର କରିବା ଲାଗି ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ମଧ୍ୟ ଆଗତ କରାଯିବ।

ସଂସଦର ବର୍ଷାକାଳୀନ ଅଧିବେଶନ ଅବ୍ୟବହିତ ପୂର୍ବରୁ ଆଜି ସରକାରଙ୍କ ପକ୍ଷରୁ ସର୍ବଦଳୀୟ ବୈଠକ ଡକାଯାଇଥିଲା। ବୈଠକରେ ବିରୋଧୀ ଦଳମାନେ ଅନ୍ୟାନ୍ୟ ପ୍ରସଙ୍ଗ ସମେତ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଏଥିରେ ସରକାରୀ ଗୁଇନ୍ଦାର ବିଫଳତା, ଅପରେସନ ସିନ୍ଦୂର ବେଳେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି କରାଇଥିବା ନେଇ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଦାବି ତଥା ବିହାରରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ବିବାଦ କଥା ଉଠାଇଥିଲେ। ଓଡ଼ିଶାରେ ନାରୀ ନିର୍ଯାତନା କଥା ବି ଉଠିଥିଲା। ବିଜେଡି ସାଂସଦ ସସ୍ମିତ ପାତ୍ର କହିଥିଲେ ଯେ ଓଡ଼ିଶାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟର ଏଭଳି ପରିସ୍ଥିତି ପାଇଁ କେନ୍ଦ୍ର ନିଜ ଉପରୁ ଦାୟିତ୍ୱ ଖସାଇପାରିବ ନାହିଁ। ▶ପୃଷ୍ଠା-୭

# ଡିଏଫ୍‌ଓ ନା ଜମିଦାର୍ !

### ପତ୍ନୀ-ପୁଅଝିଅ ଓ ନିଜ ନାମରେ ୧୧୫ ପ୍ଲଟ୍



**ତାରକା ହୋଟେଲ ପରି ବହୁତଳ କୋଠା ବି ରହିଛି**

**ଜଙ୍ଗଲୀ ବାବୁଙ୍କ ଘରେ ମିନି ଅସ୍ତ୍ରାଗାର**

■ ଭୁବନେଶ୍ୱର, ୨୦।୭ (ସମିସ): ଜମିଦାର ଡିଏଫ୍‌ଓଙ୍କ ଅଚଳାଚଳ ସମ୍ପତ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି ଭିଜିଲାନ୍ସ ଟିମ୍। ଏପରିକି ବାବୁଙ୍କ ସମ୍ପତ୍ତିକୁ ଆକଳନ କରିବା ଭିଜିଲାନ୍ସ ପକ୍ଷେ କଷ୍ଟକର ହୋଇପଡ଼ିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର କେନ୍ଦୁପତ୍ର ଡିଭିଜନ୍ ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କ ଘରେ ଆଜି ଭିଜିଲାନ୍ସ ଟିମ୍ ଚଢ଼ଉ କରିବା ପରେ ଏଭଳି ସମ୍ପତ୍ତି ଠାବ ହୋଇଛି। ବାବୁଙ୍କ ପରିବାର ଏବଂ ତାଙ୍କ ନାମରେ ୧୧୫ଟି ପ୍ଲଟ୍ ରହିଛି। ଯାହାକି ଭିଜିଲାନ୍ସ ଇତିହାସରେ ସରକାରୀ ବାବୁଙ୍କ ସର୍ବାଧିକ ପ୍ଲଟ୍। ଭିଜିଲାନ୍ସ ଜାଲରେ ପଡ଼ିଥିବା କୌଣସି ସରକାରୀ କର୍ମଚାରୀଙ୍କ ନାମରେ ଏତେ ସଂଖ୍ୟକ ପ୍ଲଟ କେବେ ଠାବ କରାଯାଇ ନାହିଁ ବୋଲି କୁହାଯାଉଛି।

ଆଜି ଡିଏଫ୍‌ଓ ନିତ୍ୟାନନ୍ଦଙ୍କ ପୈତୃକ ବାସଭବନ ସମେତ ୭ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା। ବନ୍ତଳ ଥାନା ମଦନମୋହନ ପାଟଣାରେ ଗାଁ ଘର, ଜଗନ୍ନାଥ ପୁରରେ ଶଶୁର ଘର,କେଉଁଝରେ ଡିଏଫ୍‌ଙ୍କ ଅଫିସ୍, କେଉଁଝର ସରକାରୀ କ୍ୱାର୍ଟର୍ସ, ନୟାଗଡ଼ରେ କୋମଣ୍ଡା ସ୍ଥିତ ତାଙ୍କ ପୁଅଙ୍କ ଆବାସିକ ଘର ଓ କୋମଣ୍ଡା ସ୍ଥିତ ପିଏଚସିରେ ଥିବା ତାଙ୍କ ପୁଅଙ୍କ ଚ୍ୟାମ୍ବରରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉରେ ୩ଜଣ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ। ନିତ୍ୟାନନ୍ଦଙ୍କ ନାମରେ କଳାଧନ ଅର୍ଜନର ଅଭିଯୋଗ ଆସିବା ପରେ ▶ପୃଷ୍ଠା-୭

## ଆସୁଛି ବଡ଼ ବର୍ଷା

■ ଭୁବନେଶ୍ୱର, ୨୦।୭ (ସମିସ): ଆସନ୍ତା ୨୪ ଘଣ୍ଟା ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପରବର୍ତ୍ତୀ ସମୟରେ ସଦୃଶ ଲଘୁଚାପ ଓ ପରେ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବାର ସମ୍ଭାବନା ରହିଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ରାଜ୍ୟର ଅଧିକାଂଶ ସ୍ଥାନରେ ଆସନ୍ତା ୨୩-୨୬ ପର୍ଯ୍ୟନ୍ତ ବର୍ଷା ହେବ। ଏହି ସମୟରେ ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏମିତି କି ଉତ୍ତର ଓଡ଼ିଶାର କିଛି କିଛି ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ (୨୦ସେମି.ରୁ ଅଧିକ) ବର୍ଷା ହୋଇପାରେ।

ବର୍ତ୍ତମାନ ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ନାହିଁ। ଏଥିପାଇଁ ରାଜ୍ୟରେ ଏବେ ମୁଖ୍ୟତଃ ଖରାଟିଆ ପାଗ ରହୁଛି। ବାୟୁମଣ୍ଡଳରେ ଜଳୀୟବାଷ୍ପ ଅଧିକ ରହୁଥିବାରୁ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ମଧ୍ୟ ହେଉଛି। ମାତ୍ର ୨୪ ତାରିଖରେ ଲଘୁଚାପ ଯୋଗୁଁ ୨୨ରୁ ପାଗରେ ପରିବର୍ତ୍ତନ ଆସିବ ଓ ୨୩ରୁ ବର୍ଷା ବଢ଼ିବ। ▶ପୃଷ୍ଠା-୭

### ପ୍ରଶ୍ନପତ୍ର ଲିକ୍: ରାତିଅଧିଆ ଓଟିଇଟି ପରୀକ୍ଷା ବାତିଲ୍

## ୭୫ ହଜାର ପରୀକ୍ଷାର୍ଥୀ ହଟହଟା

**୧୪୦୦ ଫି' ସତ୍ତ୍ୱେ ସୁରକ୍ଷିତ ପରୀକ୍ଷା କରିବାରେ ବିଫଳ**

**ବୋର୍ଡ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଥିବା ଅଭିଯୋଗ**

■ ଭୁବନେଶ୍ୱର, ୨୦।୭ (ସମିସ): ଭାଇରାଲ୍ ହେଲା ପ୍ରଶ୍ନପତ୍ର। ତେଣୁ, ରାତିଅଧିଆ ବାତିଲ୍ ହେଲା ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)। ପରୀକ୍ଷା ଦେବାକୁ କିଛି ପରୀକ୍ଷାର୍ଥୀ ପୂର୍ବଦିନ ଏବଂ ଆଉ କିଛି ଭୋର୍ ସକାଳୁ ବାହାରିଥିଲେ। କିନ୍ତୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପରେ ପରୀକ୍ଷା ବାତିଲ୍ ହୋଇଥିବା ଜାଣିବାକୁ ପାଇଲେ। ଫଳରେ ରାଜ୍ୟବ୍ୟାପୀ ପ୍ରାୟ ୭୫ ହଜାର ପରୀକ୍ଷାର୍ଥୀ ଆଜି ହଟହଟା ହୋଇଛନ୍ତି। କିଛି ପରୀକ୍ଷା କେନ୍ଦ୍ରରୁ ଫେରିଥିବା ବେଳେ ଆଉ କିଛି ଅଧା ବାଟରୁ ଫେରିଛନ୍ତି। ତେବେ, ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପରିଚାଳିତ ଏହି ପରୀକ୍ଷାର ପ୍ରଶ୍ନପତ୍ର କିପରି ଭାଇରାଲ୍ ହେଲା, ତାହା ଏବେ ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରବିବାର ସକାଳ ୯ରୁ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଆରମ୍ଭ ହେବାର ଥିଲା। ଏହାର ଘଣ୍ଟାଏ ପୂର୍ବରୁ ଅର୍ଥାତ୍ ୮ଟାରେ ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କରିଥା'ନ୍ତେ ପରୀକ୍ଷାର୍ଥୀ। ପରୀକ୍ଷା ଆରମ୍ଭର ୧୫ମିନିଟ୍ ପୂର୍ବରୁ ପ୍ରଶ୍ନପତ୍ର ସିଲ୍ ଖୋଲିବା କଥା। ହେଲେ ଶନିବାର ଅପରାହ୍ଣରୁ ଭାଇରାଲ୍ ହେଉଛି ପ୍ରଶ୍ନପତ୍ର। ହ୍ୱାଟସ୍‌ଆପ୍‌ରେ ଭାଇରାଲ୍ ହେଉଥିବା ପ୍ରଶ୍ନପତ୍ର ଫେସ୍‌ବୁକ୍‌ରେ ଭାଇରାଲ୍ ହେବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିଦ ହଜିଥିଲା। ମୂଳ ପ୍ରଶ୍ନପତ୍ର ସହ ଭାଇରାଲ୍ ହେଉଥିବା ପ୍ରଶ୍ନପତ୍ରର ସାମଞ୍ଜସ୍ୟ ଥିବାରୁ ରାତି ଅଧରେ ପରୀକ୍ଷାକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ କରାଯାଇଛି। ହେଲେ ପ୍ରଶ୍ନପତ୍ର ଭାଇରାଲ୍ କିପରି ହେଲା, ତାହା ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସିଲ୍ ହୋଇଥିବା ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରକୁ ପଠାଯାଇଥିବା ବେଳେ କେଉଁଠି ସିଲ୍ ଖୋଲାଯାଇଛି ନା ପ୍ରଶ୍ନପତ୍ର ପ୍ରସ୍ତୁତି ବେଳେ ଏହାର ନକଲ କରାଯାଇଛି? ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ଖୋଲା ହୋଇନଥିବାରୁ ସେଠାରୁ ଭାଇରାଲ୍ ହେବାର ଆଶଙ୍କା ନାହିଁ। ଏପରି ସ୍ଥିତିରେ ବୋର୍ଡ ▶ପୃଷ୍ଠା-୭

## ୫ କିଲୋ ଚାଉଳ ପାଇଁ ଗାଡ଼ି ଖର୍ଚ୍ଚ ୧୦୦



■ ଲାଞ୍ଜିଗଡ଼, ୨୦।୭ (ସମିସ): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି; ହେଲେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍‌ର ଏଭଳି ୧୧ଟି ଗାଁ ଅଛି ଯେଉଁଠି ସ୍ୱାଧୀନତାର ବହୁ ବର୍ଷ ପରେ ମଧ୍ୟ ଗାଁ ଲୋକଙ୍କ ପାଇଁ ସରକାରୀ ସୁବିଧା ସୁଯୋଗ ସାତ ସପନ ହୋଇ ରହିଛି। ବର୍ଷ ବର୍ଷ ଧରି ଏହି ଆଦିବାସୀ ଗ୍ରାମଗୁଡ଼ିକର ୨୧୫ ପରିବାର ପାହାଡ଼ ଘେରା ଅପହଞ୍ଚ ଅଞ୍ଚଳରେ ବହୁ କଷ୍ଟରେ ଜୀବନ କାଟୁଛନ୍ତି। ଏମାନେ ନିଜର ବିଭିନ୍ନ ସମସ୍ୟା ନେଇ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ଗୁହାରୀ ଜଣାଇଥିଲେ ମଧ୍ୟ ପ୍ରତିଶ୍ରୁତି ଛଡା କୌଣସି ସୁଫଳ ମିଳି ନଥିବା କହିଛନ୍ତି। ସବୁଠୁ ସାଙ୍ଘାତିକ ବିଷୟ ହେଉଛି ମାଗଣା ଚାଉଳ ଆଣିବା ପାଇଁ ଏମାନଙ୍କୁ ୧୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି।

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଗୁଣ୍ଡୁରୀ ପଞ୍ଚାୟତର ଏହି ୧୧ଟି ଗାଁ ହେଉଛି ହାତୀମୁଣ୍ଡା, କାରକଟା, କୋଟେଜୋର, ଅଦଲାଡ୍ଡୁ, ତରଙ୍ଗଲ, ମାଡିବନ୍ଧା, ଗମପେନୁ, ବିଜେପୁର, ସାଡାଙ୍ଗପଦର, ଡମେର ଓ ଦାରବେଙ୍ଗ। ବ୍ଲକ ମୁଖ୍ୟାଳୟଠାରୁ ଏସବୁ ଗାଁର ଦୂରତା ୬୦କିଲୋମିଟର। ଗୁଣ୍ଡୁରୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୩୦ରୁ ୩୫ କିଲୋମିଟର। ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟକୁ ଏହି ଗାଁଗୁଡ଼ିକଠାରୁ ୧୦/୧୫ କିମି ପଡୁଥିଲା; ହେଲେ ରେଳ ପ୍ରକଳ୍ପ ଲାଗି ଏମାନେ ବିସ୍ଥାପିତ ହେବା ପରେ ଦୂରତା ବଢିଗଲା। ୧୯୮୪ରେ ରେଥ ପ୍ରକଳ୍ପ ପାଇଁ ସର୍ଭେ ହୋଇଥିଲା। ୧୯୯୪ରେ ରେଥ ପ୍ରକଳ୍ପ ନିର୍ମାଣ ପାଇଁ ଅନୁମତି ମିଳିଲା। ୨୦୦୬ରେ କ୍ଷୟକ୍ଷତି ବାବଦକୁ ଟଙ୍କା ପ୍ରଦାନ କରାଯାଇଥିଲା। ଏହାପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଫଳରେ ଅଧିକାଂଶ ଗାଁକୁ ବିସ୍ଥାପିତ କରାଯାଇଥିଲା। ୨୦୧୭ ମସିହାରେ ପ୍ରକଳ୍ପ ▶ପୃଷ୍ଠା-୭

### ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା

## କଲେଜରେ କ୍ରାଇମବ୍ରାଞ୍ଚ ଡିଜିଙ୍କ ତଦନ୍ତ



■ ବାଲେଶ୍ୱର, ୨୦।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ୩ଟି ତଦନ୍ତକାରୀ ଟିମ୍ କଲେଜରେ ଖୋଳତାଡ଼ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ, ୟୁଜିସି ଏବଂ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ବିଭିନ୍ନ ଦିଗରୁ ତଦନ୍ତ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ରବିବାର କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଫକୀରମୋହନ କଲେଜରେ ପହଞ୍ଚି ପାଖାପାଖି ୩ଘଣ୍ଟା ଧରି ତଦନ୍ତ କରିଥିଲେ।

ପରେ ଆଇଜିଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ଘଟଣାର ତଦନ୍ତ ସମୟରେ ଅନେକ ସାମଗ୍ରୀ ହସ୍ତଗତ ହୋଇଛି। ସେସବୁକୁ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାରକୁ ପଠାଯାଇଛି। କ୍ରାଇମବ୍ରାଞ୍ଚ ଆଇଜି ଏସ୍. ସାଇନିଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ସମୟରେ ଆସିଥିବା ବୟାନ ଏବଂ ଏସଏଫଏସଏଲ୍ ରିପୋର୍ଟକୁ ତର୍ଜମା କରାଯାଉଛି। ଏହି ମାମଲାରେ ସାକ୍ଷୀଙ୍କ ସଂଖ୍ୟା ଅଧିକ ରହିଛି। ଗତ ୩୦ ତାରିଖରେ ଯେତେବେଳେ ପୀଡ଼ିତାଜଣକ ଅଭିଯୋଗ କରିଥିଲେ, ସେତେବେଳେ କଲେଜ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ। ସୌମ୍ୟାଶ୍ରୀଙ୍କ ସପକ୍ଷରେ ଆଇସିସି ତଦନ୍ତ ରିପୋର୍ଟ ନଆସିବାରୁ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିଲେ। ଘଟଣାରେ ଜଡ଼ିତ ପ୍ରତ୍ୟେକ ଲୋକଙ୍କ ବୟାନ ରେକର୍ଡ କ୍ରାଇମବ୍ରାଞ୍ଚ କରୁଛି। ପୀଡ଼ିତାଙ୍କ ପରିବାର, ହଷ୍ଟେଲ ଅନ୍ତେବାସୀ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟ ବୟାନ ରେକର୍ଡ କରାଯାଉଛି। କଲେଜର ସିସିଟିଭି ଫୁଟେଜ ସଂଗ୍ରହ କରାଯାଇଛି।

ଡିଜି ଶ୍ରୀ ମିଶ୍ର କହିଛନ୍ତି, ପ୍ରତ୍ୟକ୍ଷଦର୍ଶୀ, ଆଇସିସି କମିଟି ଏବଂ କମିଟି ସମ୍ମୁଖରେ ଯେଉଁମାନେ ବୟାନ ଦେଇଛନ୍ତି; ସେଥିରେ ତାଳମେଳ ରହୁନାହିଁ। ବେଶ୍ କିଛି କଥାରେ ପାର୍ଥକ୍ୟ ଦେଖାଯାଇଛି। ଏହାଛଡ଼ା ସୋସିଆଲ ମିଡିଆରେ ଆସିଥିବା ବୟାନ ଏବଂ ସେମାନେ ଦେଉଥିବା ବୟାନ ମଧ୍ୟରେ ପାର୍ଥକ୍ୟ ରହୁଛି। ତେଣୁ ସମସ୍ତ ଘଟଣାକୁ ସଠିକ୍ ଭାବେ ତର୍ଜମା କରିବା ପରେ ଯାଇ ନିର୍ଯ୍ୟାସରେ ପହଞ୍ଚି ହେବ। ତେବେ ଆଉ କିଛି ଦିନ କ୍ରାଇମବ୍ରାଞ୍ଚ ଟିମ୍ ଏଠାରେ ତଦନ୍ତ ଜାରି ରଖିବ।

## ପତ୍ନୀଙ୍କୁ ଭୁଲିଗଲେ ଶିବରାଜ

**ନୂଆଦିଲ୍ଲୀ,୨୦ ।୭ (ଏଜେନ୍ସି):** ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରକୃଷି ମନ୍ତ୍ରୀ ଶିବରାଜ ସିଂଙ୍କୁ ନେଇ ଏକ ମଜାଦାର ଘଟଣା ସାମ୍ନାକୁ ଆସିଛି । ବିମାନ ଧରିବାକୁ ଯାଇ ତରବରରେ ସେ ପତ୍ନୀ ସାଧନା ସିଂଙ୍କୁ ସାଥିରେ ନେବାକୁ ଭୁଲିଯାଇଥିଲେ । ସେ ସାଧନାଙ୍କୁ ଛାଡି ୨୨ଟି ଗାଡିର କାରକେଡ ସହ ଜୁନାଗଡରୁ ରାଜକୋଟ ଅଭିମୁଖେ ଚାଲିଯାଇଥିଲେ। ପିନଟ (ବାଦାମ) ରିସର୍ଚ୍ଚ ସେଣ୍ଟରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ରାଜକୋଟ୍ ବାହାରି ଥିଲେ। କିନ୍ତୁ ଏକ କିମି ଯିବା ପରେ ସାଧନାଙ୍କୁ ସାଥିରେ ଆଣି ନ ଥିବା କଥା ସେ ହୃଦୟଙ୍ଗମ କରିଥିଲେ। ଏହାପରେ ସେ ତୁରନ୍ତ ୟୁଟର୍ଣ୍ଣ ନେଇଥିଲେ ଓ ୱେଟିଂ ରୁମ୍‌ରେ ବସିଥିବା ପତ୍ନୀଙ୍କୁ ସାଥିରେ ଆଣି ପୁଣି ରାଜକୋଟ ଅଭିମୁଖେ ଯାତ୍ରା କରିଥିଲେ । ଶିବରାଜଙ୍କ ଏହି ଭୁଲାପଣକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି ।



## 'ଡନ୍'ର ନିର୍ଦ୍ଦେଶକ ଚନ୍ଦ୍ରବାରୋଟ୍‌ଙ୍କ ପରଲୋକ



**ନୂଆଦିଲ୍ଲୀ,୨୦ ।୭ (ଏଜେନ୍ସି):** ବର୍ଷୀୟାନ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ଚନ୍ଦ୍ର ବାରୋଟ ରବିବାର ପରଲୋକ ଗମନ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା । ସେ ମିଲେନିୟମ ଷ୍ଟାର ଅମିତାଭ ବଚନଙ୍କ ଅନ୍ୟତମ ସୁପର ହିଟ୍ ସିନେମା 'ଡନ୍' ସିନେମାର ନିର୍ଦ୍ଦେଶନା ଦେଇଥିଲେ। ଡନ୍ ୧୯୭୮ରେ ମୁକ୍ତିଲାଭ କରିଥିଲା ଓ ବକ୍ସ ଅଫିସ୍‌ରେ ଭଲ ବ୍ୟବସାୟ କରିଥିଲା। ମୃତ୍ୟୁବେଳକୁ ତାଙ୍କ ପାଖରେ ପତ୍ନୀ ଦୀପା ବାରୋଟ ଉପସ୍ଥିତ ଥିଲେ। ଜଣାଶୁଣା ନିର୍ଦ୍ଦେଶକ ଫରହାନ ଅଖତାର ଏହି ସିନେମାକୁ ଦ୍ୱିତୀୟଥର ପାଇଁ ଶାହରୁଖ ଖାନ୍‌ଙ୍କୁ ନେଇ ବନାଇଥିଲେ ଓ ଏହା ମଧ୍ୟ ହିଟ୍ ହୋଇଥିଲା। ସେ ବେଙ୍ଗଲି ସିନେମା ଆଶ୍ରିତ (୧୯୮୯), ପ୍ୟାର ଭରା ଦିଲ୍ (୧୯୯୧) ଭଳି ସିନେମାର ନିର୍ଦ୍ଦେଶନା ଦେଇଥିଲେ। ଫରାହାନ ଅଖତାର ଏବେ ଡନ୍ ସିନେମାର ତୃତୀୟ ସିକ୍ୱେଲ ବନାଇବାକୁ ଯାଉଛନ୍ତି। ଏଥିରେ ସେ ରଣବୀର ସିଂ ଓ କିର୍ତ୍ତୀ ସାନନଙ୍କୁ ମୁଖ୍ୟ ଚରିତ୍ରରେ ନେଇଛନ୍ତି।


## ସେନାକୁ ମିଳିବ ଆପାଚେ ହେଲିକପ୍ଟର



**ନୂଆଦିଲ୍ଲୀ,୨୦ ।୭ (ଏଜେନ୍ସି):** ପନ୍ଦର ମାସ ବିଳମ୍ବ ପରେ ଭାରତୀୟ ବାୟୁସେନାକୁ ମିଳିବାକୁ ଯାଉଛି ଏଏଚ୍-୬୪ଇ ଆଟାକ ଆପେଚେ ଚପ୍ପର ତଥା ହେଲିକପ୍ଟର । ଏହା ମଙ୍ଗଳବାର ଭାରତୀୟ ସେନାରେ ଆନୁଷ୍ଠାନିକ ଭାବେ ସାମିଲ ହେବ । ଅପରେସନ ସିନ୍ଦୂରକୁ ଦୃଷ୍ଟିରେ ରଖି ଭାରତୀୟ ସେନା ଏଥିସହ ପଶ୍ଚିମ ସୀମାରେ ନିଜର ସ୍ଥିତିକୁ ଆହୁରି ମଜଭୁତ କରିବ । ୨୦୨୦ରେ ଭାରତ ୬ଟି ଆପାଚେ ଆଟାକ ହେଲିକପ୍ଟର ପାଇଁ ୬୦୦ ମିଲିଅନ ଆମରେକୀୟ ଡଲାର ତଥା ୫, ୧୭୨ କୋଟି ଟଙ୍କାରେ ଆମେରିକା ସହ ଚୁକ୍ତି କରିଥିଲା । ୨୦୨୪ ଜୁନ୍‌ରେ ଏହି ହେଲିକପ୍ଟର ଭାରତକୁ ମିଳିବାର ଥିଲା । କିନ୍ତୁ ଯୋଗାଣ ଶୃଙ୍ଖଳାରେ ବାଧା ଓ କେତୋଟି ବୈଷୟିକ ତ୍ରୁଟି କାରଣରୁ ଏହା ମିଳିବାରେ ବିଳମ୍ବ ହୋଇଥିଲା । ଦୁଇଟି ପର୍ଯ୍ୟାୟରେ ୩ଟି ଲେଖାଏ ହେଲିକପ୍ଟର ଭାରତ ଆସିବ । ଦ୍ୱିତୀୟ ପର୍ଯ୍ୟାୟରେ ବାକି ୩ଟି ହେଲିକପ୍ଟର ଚଳିତବର୍ଷ ଶେଷ ଆଡକୁ ଭାରତ ଆସିବ ।

## ସାଉଦି ଆରବର ସ୍ଲିପିଂ ପ୍ରିନ୍ସଙ୍କ ପରଲୋକ

**ରିୟାଦ,୨୦ ।୭ (ଏଜେନ୍ସି):** ସାଉଦି ଆରବ ରାଜକୁମାର ଅଲ ବଲିଦ୍ ବିନ ଖାଲିଦ୍ ବିନ ତଲାଲ ଅଲ ସାଉଦଙ୍କ ପରଲୋକ ହୋଇଛି । ଗତ ୨୦ ବର୍ଷ ହେବ ସେ କୋମାରେ ରହିଥିଲେ । ସେ ସ୍ଲିପିଙ୍ଗ ପ୍ରିନ୍ସ ଅର୍ଥାତ ଶୋଇଥିବା ରାଜକୁମାର ରୂପେ ଜଣାଶୁଣା ଥିଲେ। ସେ ସାଉଦି ଆରବ ରାଜ



**୨୦ ବର୍ଷ ହେବ କୋମାରେ ଥିଲେ**

ପରିବାରର ବରିଷ୍ଠ ସଦସ୍ୟ ପ୍ରିନ୍ସ ଖଲିଦ ବିନ ତଲାଲଙ୍କ ପୁଅ ଓ ଆରବପତି ପ୍ରିନ୍ସ ଅଲ ବଲିଦ ବିନ ତଲାଲଙ୍କ ଭଣଜା ଥିଲେ। ସେ ୧୯୯୦ରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ୨୦୦୫ରେ ଲଣ୍ଡନରେ ଏକ ମିଲିଟାରୀ ଟ୍ରେନିଂ ଅବସରରେ ସେ ଭୟଙ୍କର ସଡକ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲେ। ଏଥିରେ ସେ ମସ୍ତିଷ୍କ ଆଘାତର ସମ୍ମୁଖୀନ ହୋଇଥିଲେ ଓ ଇଣ୍ଟରନାଲ ବ୍ଲିଡିଂ ହେବାରୁ ସେ କୋମାକୁ ଚାଲିଯାଇଥିଲେ। କିନ୍ତୁ ତାଙ୍କ ପରିବାର ହାର ମାନି ନ ଥିଲେ ଓ ତାଙ୍କ ଚିକିତ୍ସା ଜାରି ରଖିଥିଲେ । ଆମେରିକା ଓ ସ୍ପେନର ଡାକ୍ତରମାନେ ତାଙ୍କୁ ଚିକିତ୍ସା କରୁଥିଲେ । ଶେଷରେ ତାଙ୍କୁ ଡାକ୍ତର ଅଚେତ ଘୋଷଣା କରିଥିଲେ।

## ଇଏମ୍‌ଆଇ ପାଇଁ ପରିବାରର ୫ ସଦସ୍ୟଙ୍କ ଆତ୍ମହତ୍ୟା

**ଅହମଦାବାଦ,୨୦ ।୭ (ଏଜେନ୍ସି):** ଗୁଜରାଟ ଅହମଦାବାଦ୍ ଜିଲ୍ଲାର ବଗୋଦରା ଗାଁରୁ ଶନିବାର ବିଚଳିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ଋଣଭାର ଏବଂ ଇଏମଆଇ ନ ଦେଇ ପାରି ଗୋଟିଏ ପରିବାର ୫ ଜଣ ସଦସ୍ୟ ଆତ୍ମହତ୍ୟା କରିଛନ୍ତି । ପତି, ପତ୍ନୀଙ୍କ ସମେତ ୩ ଜଣ ପିଲା ବିଷ ପିଇ ଜୀବନ ହାରିଛନ୍ତି । ବିପୁଲ ବାଘେଲା (୩୨) ଓ ପତ୍ନୀ ସୋନଲ (୨୬)ଙ୍କ ସମେତ ବଡ଼ ଝିଅ ସିମରନ (୧୧), ପୁଅ ମୟୂର (୮) ଓ ସାନ ଝିଅ ପ୍ରିନ୍ସ (୫) ରାତିରେ ବିଷ ପିଇଥିଲେ । ସକାଳୁ କେହି ଘର ବାହାରକୁ ଆସି ନ ଥିଲେ । ଫଳରେ ପଡ଼ୋଶୀଙ୍କ ସନ୍ଦେହ ହୋଇଥିଲା । ଯାଞ୍ଚ ପରେ ସମସ୍ତେ ମୃତ ବୋଲି ଜଣାପଡିଥିଲା । ବିପୁଲ ଅଟୋ ଚଳାଉଥିଲେ । ସୂଚନା ମିଳିବା ପରେ ଘଟଣାସ୍ଥଳକୁ ପୁଲିସ ଆସିଥିଲା ।

## ଜାହାଜରେ ନିଆଁ; ସମୁଦ୍ରକୁ ଡେଇଁ ୫ ମୃତ, ୧୩୦ ନିଖୋଜ

**ଜାକାର୍ତ୍ତା,୨୦ ।୭ (ଏଜେନ୍ସି):** ଇଣ୍ଡୋନେସିଆର ଉତ୍ତର ସୁଲାବେସୀ ପ୍ରାନ୍ତରେ ରବିବାର ଦ୍ୱିପହରରେ ଏକ ଯାତ୍ରୀବାହି ଜାହଜରେ ନିଆଁ ଲାଗି ଯାଇଛି । ଏହା ଦେଖିବା ପରେ ଜୀବନ ବିକଳରେ ସମୁଦ୍ରକୁ ଡେଇଁ ୫ ଜଣ ପ୍ରାମ ହରାଇଛନ୍ତି। ଜାହାଜରେ ୨୮୦ ଯାତ୍ରୀ ଥିଲେ। ୧୫୦ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ଏହି ଦୁର୍ଘଟଣାର ଭିଡିଓ ଭାଇରାଲ ହୋଇଛି। ଜୀବନ ବଞ୍ଚାଇବାକୁ ଯାତ୍ରୀ ଜାହାଜରୁ ସମୁଦ୍ରକୁ ଡେଇଁବାକୁ ପଛାଇ ନ ଥିଲେ । ଆହୁରି ୧୩୦ ଜଣ ଯାତ୍ରୀଙ୍କୁ ଖୋଜା ଚାଲିଛି । କେଏମ ବାର୍ସିଲୋନା ୫ ନାମକ ଏହି ଜାହାଜ ତାଲୋଦ ଦୀପରୁ ମନାଡୋ ବନ୍ଦରକୁ ଯାଉଥିଲା। କିନ୍ତୁ ଅପରାହ୍ଣ ୧.୩୦ରେ ଜାହଜାର ନିଆଁ ଲାଗିଥିଲା ଓ ଚାହୁଁ ଚାହୁଁ ନିଆଁ ସାରା ଜାହଜକୁ ବ୍ୟାପୀ ଯାଇଥିଲା । ନିଆଁ ଲାଗିବାର କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ କିଛି ଜଣାପଡିନାହିଁ ଓ ଏ ନେଇ ଯାଞ୍ଚ ଆରମ୍ଭ କରାଯାଇଛି । ୫ଜଣଙ୍କ ମୃତଦେଡ ଉଦ୍ଧାର କରାଯାଇଛି। ଏଥିରେ ଜଣେ ଗର୍ଭବତୀ ମହିଳା ସାମିଲ ରହିଛନ୍ତି ।

## ୨୦ ଟଙ୍କା ପାଇଁ ମା'କୁ ମାରିଦେଲା ପୁଅ

**ନୁହ,୨୦ ।୭ (ଏଜେନ୍ସି):** ମାତ୍ର ୨୦ ଟଙ୍କା ପାଇଁ ଜଣେ ପୁଅ ତା'ର ମାଆକୁ ହତ୍ୟା କରିଛି। ହରିୟାଣା ନୂହରେ ଏଭଳି ଘଟଣା ଘଟିଛି । ଜଣେ ନିଶାଶକ୍ତ ଯୁବକ ଏହି କାଣ୍ଡ ଘଟାଇଛି । ଶନିବାର ରାତିରେ ସେ ମାଙ୍କୁ ୨୦ ଟଙ୍କା ମାଗିଥିଲା । କିନ୍ତୁ ସକାଳେ ଦେବେ ବୋଲି ମା କହିଥିଲେ । କିନ୍ତୁ ମହିଳା ଜଣକ ସକାଳେ ଟଙ୍କା ଦେଇ ନ ଦେଇ ପରେ ଦେବେ ବୋଲି କହିଥିଲେ । ଫଳରେ କ୍ରୋଧରେ ଜାମସେଦ ତାଙ୍କୁ ତଳେ ପକାଇ ଏକ କୁରାଢୀରେ ହାଣିବା ସହ ବେକ କାଟି ଦେଇଥିଲା। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ହିଁ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ମୃତ ମହିଳା ହେଉଛନ୍ତି ଜୟସିଂହପୁରର ରେଜିଆ। ବଡ଼ ପୁଅ ଘଟଣା ସମ୍ପର୍କରେ ପୁଲିସକୁ ସୂଚନା ଦେଇଥିଲେ । ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ଅଭିଯାନ ଆରମ୍ଭ କରିଛି । ଅଭିଯୁକ୍ତ ୩ ଭାଇଙ୍କ ମଧ୍ୟରୁ ସବୁଠାରୁ ସାନ । ଜାମସେଦ ବିବାହ କରିଥିଲା । ତା ପତ୍ନୀ ୫ ବର୍ଷ ହେବ ବାପଘରେ ରହୁଥିଲେ । ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଭଲ ନଥିବାରୁ ସେ ନିଶା ସେବନ କରୁଥିଲା ।

# 'ହିଟ୍ ଆଣ୍ଡ ରନ୍'ର ଦେଶ ପାଲଟିଛି ଭାରତ

## ବର୍ଷକୁ ଯାଉଛି ୨୨ ହଜାରରୁ ଅଧିକ ଜୀବନ

**ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି):**

ସଡ଼କ ଦୁର୍ଘଟଣା ଭାରତୀୟ ଅର୍ଥବ୍ୟବସ୍ଥାର ମେରୁଦଣ୍ଡକୁ ଭାଙ୍ଗି ଦେଉଛି। ଅନେକ ପରିବାରକୁ ସର୍ବସ୍ୱାନ୍ତ କରିଦେଉଛି। ପିଲାଙ୍କୁ ଅନାଥ ହେବାକୁ ଛାଡ଼ି ଦେଉଛି। ଦେଶରେ ସଡ଼କ ଦୁର୍ଘଟଣା କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ି ଚାଲିଛି। ଏହି କ୍ଷେତ୍ରରେ ଭାରତ ବିଶ୍ୱରେ ଅପକୀର୍ତ୍ତି ଅର୍ଜନ କରିଛି। ସଡ଼କ ଦୁର୍ଘଟଣାରେ ଭାରତରେ ସର୍ବାଧିକ ଜୀବନ ଯାଉଛି। ଏହାକୁ ରୋକିବାକୁ ଆଇନ ଅଛି, କିନ୍ତୁ ଲାଭ ମିଳୁନି। ଯେଉଁ ଉଦ୍ଦେଶ୍ୟ ନେଇ ନୂଆ ଟ୍ରାଫିକ ନିୟମ ଅଣାଯାଇଥିଲା ତାହା ମଧ୍ୟ ଫଳବତୀ ହୋଇପାରିଲା ନାହିଁ। କିଛି ରାଜ୍ୟ ସରକାର ଏହାକୁ ଲାଗୁ ମଧ୍ୟ କରିନାହାନ୍ତି। ଆଉ ଯିଏ କାର୍ଯ୍ୟକାରୀ କରିଛନ୍ତି ସିଏ ଜୋରିମାନା ରାଶିକୁ କମାଇ ଆଇନକୁ ଦୁର୍ବଳ କରିଦେଇଛନ୍ତି। ଦେଶରେ ସଡ଼କ ଦୁର୍ଘଟଣାର ଅଧିକାଂଶ ମାମଲା ହିଟ୍ ଆଣ୍ଡ ରନ୍‌ର ରହିଛି। ଡ୍ରାଇଭର ଲୋକଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଉଛି। ପୀଡ଼ିତ ବଞ୍ଚିଛି କି ମରିଛି ତାହା ମଧ୍ୟ ଦେଖୁ ନାହାନ୍ତି। ଉଚିତ ସମୟରେ ଚିକିତ୍ସା ନ ପାଇ ଅନେକ ଲୋକଙ୍କ ଜୀବନ ଚାଲି ଯାଉଛି। ଯେତେ ଆଇନ ଆସିଲେ ବି ସବୁ ବିଫଳ ହେଇ ଯାଉଛି। ନୂଆ ଟ୍ରାଫିକ ନିୟମରେ ଡ୍ରାଇଭର ଦୁର୍ଘଟଣା ଘଟାଇ ଫେରିଗଲେ କଡ଼ା ଦଣ୍ଡର ବ୍ୟବସ୍ଥା ଥିବାବେଳେ ଏହାକୁ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ନାହିଁ। ବର୍ଷକୁ ଏଭଳି ଦୁର୍ଘଟଣାରେ ୨୨ ହଜାର ଜୀବନ ଯାଉଥିବାବେଳେ ସଡ଼କ ସୁରକ୍ଷାକୁ ନେଇ ସରକାର କେତେ ସମ୍ବେଦନଶୀଳ ତାହା ଏଥିରୁ ଜଣାପଡୁଛି।

**୨୦୨୨ରେ ଯାଇଥିଲା ୩୦, ୪୦୦ ଜୀବନ**

**ଦୋଷୀଙ୍କୁ ମିଳୁନି ଦଣ୍ଡ; ପୁଲିସ ବେଫିକର୍**

**ନ୍ୟାୟରୁ ବଞ୍ଚିତ ହେଉଛନ୍ତି ପୀଡ଼ିତ ପରିବାର**



ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ ଅନୁଯାୟୀ ୨୦୨୨ରେ ହିଟ୍ ଆଣ୍ଡ ରନ୍ ମାମଲାରେ ୩୦, ୪୦୦ ଲୋକ ଜୀବନ ହରାଇଛନ୍ତି। ଏହା ୨୦୨୧ ତୁଳନାରେ ୧୭ ପ୍ରତିଶତ ଅଧିକ। ୨୦୨୨ରେ ଦେଶରେ ସଡ଼କ ଦୁର୍ଘଟଣାରେ ୧.୬୮ ଲକ୍ଷ ଲୋକଙ୍କ ଜୀବନ ଯାଇଥିଲା। ତେବେ ଦୁଃଖର ବିଷୟ ଏହି କି ଯେ ହିଟ୍ ଆଣ୍ଡ ରନ୍ ମାମଲାର ତଦନ୍ତ ବି ଠିକ୍‌ରେ ହେଉନାହିଁ। ପୁଲିସ ଏହାକୁ ଗୁରୁତର ସହ ନେଉନାହିଁ। ଫଳରେ ହିଟ୍ ଆଣ୍ଡ ରନ୍ ମାମଲା ପଛରେ ଥିବା ଉଦ୍ଦେଶ୍ୟ ବି ଜଣାପଡୁ ନାହିଁ। ଅପରାଧି ଖସି ପୁଣି ଆଉ କୋଉଠି ଦୁର୍ଘଟଣା ଘଟାଇ ମୁକ୍ତ ହୋଇ ବୁଲୁଛି। ପୀଡ଼ିତଙ୍କୁ ନ୍ୟାୟ ମିଳୁନି। ସତେ ଯେମିତି ଏମାନଙ୍କୁ ନ୍ୟାୟ ଦେବାରେ ଆଇନ ଅନ୍ଧ ପାଲଟି ଯାଇଛି। କିଛି ଦିନ ତଳେ ବିଶ୍ୱର ସବୁଠୁ ବୟସ୍କ ମାରାଥନର ଫୌଜା ସିଂହ ମଧ୍ୟ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇ ଥିଲେ। କିନ୍ତୁ ଚାପ ଯୋଗୁଁ ପୁଲିସ ଏହି ହିଟ୍ ଆଣ୍ଡ ରନ୍ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲା। ତେବେ ୨୦୦୯ ମେ' ୫ରେ ଏପରି ଏକ ଘଟଣା ଘଟିଥିଲା ଉତ୍ତର ପ୍ରଦେଶ ବିଜନୌରରେ। ବରଯାତ୍ରୀରେ ଯାଉଥିବା ଅକ୍ଷୟ କୁମାର ସିଂହଙ୍କୁ ଏକ ଟ୍ରକ୍ ଧକ୍କା ଦେଇ ପଳାଇ ଥିଲା। ଏଥିରେ ତାଙ୍କର ଏବଂ ଅନ୍ୟ ଜଣେ ବରଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଡ୍ରାଇଭର କିଛି ନ ଦେଖି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଅକ୍ଷୟଙ୍କ ମୁହଁ ଚାପି ହୋଇ ଯାଇଥିଲା। ପୁଅ ପିନ୍ଧିଥିବା ସାର୍ଟରୁ ବାପା ରାକେଶ ସିଂହ ତାଙ୍କୁ ଚିହ୍ନଟ କରିଥିଲେ। ସବୁ ଘଟଣା ପରି ଏଥିରେ ମଧ୍ୟ ପୁଲିସ ଏତଲା ରୁଜୁ କରି ବସି ଯାଇଥିଲା। ନ୍ୟାୟ ପାଇଁ ସଂଘର୍ଷ କରିଥିଲେ ବି ନ୍ୟାୟ ମିଳି ନ ଥିଲା। ପୁଲିସର ନିଷ୍କ୍ରିୟତା ଦେଖିବା ପରେ ପିଏସ୍‌ୟୁରେ କାମ କରୁଥିବା ରାକେଶ ନିଜେ ଦୋଷୀକୁ ଧରିବା ପାଇଁ ବାହାରି ପଡ଼ିଲେ। ଏଥିରେ ସେ ସଫଳ ହୋଇଥିଲେ ମଧ୍ୟ ନ୍ୟାୟ ବ୍ୟବସ୍ଥା ତାଙ୍କୁ ବିଫଳ କରିଦେଲା। ସେ ପ୍ରଥମେ ଉକ୍ତ ଟ୍ରକରେ ବେଆଇନ ଭାବେ ଖଣି ଖନନ କରି ସାମଗ୍ରୀକୁ ଓଭରଲୋଡ କରି ନିଆଯାଉଥିବା ଜାଣିବାକୁ ପାଇଥିଲେ। ପରେ ୧୫ ଦିନ ଭିତରେ ଡ୍ରାଇଭରକୁ ଧରିଥିଲେ। ସେ ସେହି ଟ୍ରକର ମାଲିକ ଥିଲା। ରାକେଶ ସବୁ ପ୍ରମାଣ ପୁଲିସକୁ ଦେଇଥିଲେ। ମାତ୍ର ଅଭିଯୁକ୍ତ ଜାମିନ ପାଇ ଯାଇଥିଲା ଏବଂ ୨୦୧୨ରେ ସେହି ଡ୍ରାଇଭର ମଦି ପିଇ ମରିଯିବା ପରେ ମାମଲାକୁ ବନ୍ଦ କରିଦିଆଯାଇଥିଲା। ପରେ ଶ୍ରୀ ସିଂହ ନିଜ ଚାକିରି ଛାଡ଼ି ଜଣେ ସାମାଜିକ କର୍ମୀ ଭାବେ ସଡ଼କ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି। ଏବେ ତାଙ୍କୁ ୬୨ ବର୍ଷ।

■ ମହାରାଷ୍ଟ୍ର ରାଜନୀତି ସରଗରମ

## ଫଡ଼ନାଭୀସଙ୍କୁ ଭେଟିଲେ ଆଦିତ୍ୟ ଠାକରେ

**ମୁମ୍ବାଇ, ୨୦।୭ (ଏଜେନ୍ସି):** ଉଦ୍ଧବ ଗୋଷ୍ଠୀର ଶିବସେନାକୁ ନେଇ ମହାରାଷ୍ଟ୍ର ରାଜନୀତି ସରଗରମ ହୋଇ ଉଠିଛି । ଏହି ଗୋଷ୍ଠୀ ପୁଣିଥରେ ବିଜେପି ମେଣ୍ଟରେ ସାମିଲ ହେବ ବୋଲି ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀଙ୍କ ଅଫର ପାଇବାର ଦିନକ ପରେ ଉଦ୍ଧବ ଠାକରେ ଏବଂ ତାଙ୍କ ପୁଅ ଆଦିତ୍ୟ ଠାକରେ ତାଙ୍କୁ ଭେଟିବାକୁ ଯାଇଥିଲେ । ବିଧାନ ପରିଷଦ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଉଭୟେ ୨୦ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ଏହାର ଦିନକ ପରେ ଶନିବାର ସନ୍ଧ୍ୟାରେ ଉଦ୍ଧବଙ୍କ ପୁଅ ଆଦିତ୍ୟ ପୁଣି ଫଡନାଭୀସଙ୍କୁ ଭେଟିଛନ୍ତି। ମୁମ୍ବାଇର ସୋଫିଟେଲ ହୋଟେଲରେ ଉଭୟେ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଆଲୋଚନା କରିଥିବା ରିପୋର୍ଟ ଆସିଛି। ଅଲଗା ଅଲଗା କାର୍ଯ୍ୟକ୍ରମ ପାଇଁ ଦୁହେଁ ଏହି ହୋଟେଲକୁ ଯାଇଥିଲେ ବୋଲି କୁହାଯାଉଛି। ମାତ୍ର ଏହି ସାକ୍ଷାତ ଆଲୋଚନା ବିଜେପି-ଶିବେସନା ମଧ୍ୟରେ ମେଣ୍ଟ ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଉଛି। ମରାଠୀକୁ ନେଇ ରାଜ୍ୟ ରାଜନୀତି ଜୋର ଧରିଥିବାବେଳେ ଦୁଇ ପୁରୁଣା ବନ୍ଧୁ ଦଳ ଫାଟକୁ ଭୁଲି ପୁଣି ଏକାଠି ହେବେ ବୋଲି କୁହାଯାଉଛି । ତେବେ ଉଭୟ ନେତା କୌଣସି ବୈଠକ ହୋଇ ନ ଥିବା କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଏକ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ହୋଟେଲରେ ଥିଲେ, କିନ୍ତୁ ଆଦିତ୍ୟଙ୍କୁ ସେ ଭେଟି ନ ଥିଲେ। ଏହି ସମୟରେ ଆଦିତ୍ୟ ତାଙ୍କ ବନ୍ଧୁମାନଙ୍କ ସହ ହୋଟେଲରେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ୧୬ ତାରିଖରେ ଫଡନାଭୀସ ପୁରୁଣା



ସହଯୋଗୀ ଉଦ୍ଧବଙ୍କୁ ତାଙ୍କ ସାମିଲ ହେବା ପାଇଁ ଆମନ୍ତ୍ରଣ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜେପି ତାଙ୍କ ସହ ବିରୋଧୀ ଦଳରେ ସାମିଲ ହେବାର ସମ୍ଭାବନା ନାହିଁ, କିନ୍ତୁ ସେ କ୍ଷମତାସୀନ ପକ୍ଷକୁ ଆସିପାରିବେ। ସୂଚନାଯୋଗ୍ୟ ଯେ ଦିଶା ସାଲିଆନଙ୍କ ମୃତ୍ୟୁକୁ ନେଇ ତାଙ୍କ ପିତା ସିଧାସଳଖ ଆଦିତ୍ୟ ଠାକରେଙ୍କୁ ଦୋଷ ଦେଇଛନ୍ତି। ଝିଅକୁ ଦୁଷ୍କର୍ମ କରି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେ ହାଇକୋର୍ଟରେ ମାମଲା ଦାଏର କରିଥିବାବେଳେ କ୍ଷମତାସୀନ ମେଣ୍ଟ ସହ ଉଦ୍ଧବ ଗୋଷ୍ଠୀ ଶିବସେନାର ଘନିଷ୍ଠତା ବଢ଼ିବ ଭିନ୍ନ କିଛି ଦିଗକୁ ଇଙ୍ଗିତ କରୁଛି।

**ଆମେରିକାରେ ଭାରତୀୟ ବଂଶୋଦ୍ଭବ ଡାକ୍ତରଙ୍କ କଳା ସାମ୍ରାଜ୍ୟ**

## ଔଷଧ ବଦଳରେ ସେକ୍ସ!

**ୱାଶିଂଟନ, ୨୦।୭ (ଏଜେନ୍ସି):** ଆମେରିକା ନ୍ୟୁଜର୍ସିରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଏହାକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି। ଜଣେ ଡାକ୍ତର ଚିକିତ୍ସା କରିବା ବାହାନାରେ କଳା ସାମ୍ରାଜ୍ୟ ଚଳାଇ ଥିଲେ। ଶକ୍ତିଶାଳୀ ପେନ୍ କିଲର ବଦଳରେ ଶାରୀରିକ ସମ୍ପର୍କ ରଖୁଥିଲେ। କ୍ଲିନିକକୁ ଔଷଧ କେନ୍ଦ୍ର କରି ରଖିଥିଲେ। ଏହି ଡାକ୍ତରଙ୍କ ଠିକଣାରୁ ୩୧ ହଜାର ଜାଲ୍ ପ୍ରେସକ୍ରିପସନ୍ ଜବତ କରାଯାଇଛି। ଆମେରିକାର ଫେଡାରାଲ ପ୍ରୋସିକ୍ୟୁଟର ଏଭଳି ବେଆଇନ କାର୍ଯ୍ୟ କରୁଥିବା ଭାରତୀୟ ବଂଶୋଦ୍ଭବ ଡାକ୍ତର ରିତେଶ କାଲରାଙ୍କ ବିରୋଧରେ ମାମଲା ଚାଲିଛି। ସେ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଠକିଥିବା ଅଭିଯୋଗ ହୋଇଛି। ସିକାସସ୍ ସହରର ଏହି ଚିକିତ୍ସକ ଫେୟାର ଲନ୍‌ରେ ପ୍ରାକ୍ଟିସ କରୁଥିଲେ। ସେ ନିଜ ମେଡିକାଲ ଅଫିସକୁ ଔଷଧ କେନ୍ଦ୍ର ଭାବେ ପରିଣତ କରି ବିନା ଆବଶ୍ୟକତାରେ ହଜାର ହଜାର ହାଇ-ଡୋଜ୍ ଓପିଓଡିସ, ଅକ୍ସିକୋଡନ ଏବଂ ପ୍ରୋମେଥାଜାଇନ ଭଳି ଔଷଧ ଲେଖୁଥିଲେ। ଆମେରିକା ଆଟର୍ଣ୍ଣି ଏଲିନା ହବା କହିଛନ୍ତି ଯେ ଏହି ଡାକ୍ତର ନିଜ ପେଶାକୁ ବ୍ୟବହାର କରି ନ୍ୟୁଜର୍ସିର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଠକୁ ଥିଲେ। ନିଜ ପଦବୀକୁ ନିଶାସକ୍ତ କରିବାକୁ ଏବଂ ଦୁର୍ବଳ ରୋଗୀଙ୍କୁ ଯୌନ ସମ୍ପର୍କ ରଖିବା ପାଇଁ ଉତ୍ପୀଡ଼ନ ଦେଉଥିଲେ।



**୩୧ ହଜାର ଜାଲ୍ ପ୍ରେସକ୍ରିପ୍ସନ**

୨୦୧୯ ଜାନୁଆରୀରୁ ୨୦୨୫ ଫେବୃଆରୀ ମଧ୍ୟରେ ସେ ପ୍ରାୟ ୩୧ ହଜାର ଅକ୍ସିକୋଡନ ପ୍ରେସ୍‌କ୍ରିପ୍‌ସନ ଲେଖିଥିଲେ। ସେ ବେଳେବେଳେ ଦିନକୁ ୫୦ରୁ ଅଧିକ ଏଭଳି ପ୍ରେସ୍‌କ୍ରିପ୍‌ସନ ଲେଖିଥିଲେ। ବେଆଇନ ଔଷଧ ଲେଖିବା ସହିତ ସେ ପରାମର୍ଶ ଦେବା ଏବଂ କାଉନସେଲିଂ ପାଇଁ ଅଧିକ ଦେୟ ନେଉଥିଲେ। ଏହି ମାମଲାରେ କାଲରାଙ୍କୁ ଗିରଫ କରାଯାଇଥିଲା। ତେବେ ଲକ୍ଷେ ଡଲାରର ବଣ୍ଡରେ ନ୍ୟୁୱାର୍କ ମାଜିଷ୍ଟ୍ରେଟ ଜଜ୍ ତାଙ୍କୁ ମୁକ୍ତ କରିଛନ୍ତି। ତାଙ୍କୁ ମେଡିକାଲ ପ୍ରାକ୍ଟିସ ନ କରିବାକୁ କୁହାଯାଇଛି। ଅନ୍ୟପଟେ କାଲରାଙ୍କ ଓକିଲ ସମସ୍ତ ଅଭିଯୋଗକୁ ଖାରଜ କରିଦେଇଛନ୍ତି। ସରକାରଙ୍କ ପ୍ରେସ୍ ବିଜ୍ଞପ୍ତି 'ସୁପରମାର୍କେଟ ଟାବଲୋଏଡ' ଭଳି ବୋଲି କହିଛନ୍ତି।

# ନିଶା ର୍ୟାକେଟ ଚଳାଉଥିଲେ ଡାକ୍ତର, ଜିମ୍ ଟ୍ରେନର୍

**ଭୋପାଳ, ୨୦।୭ (ଏଜେନ୍ସି):**

ମଧ୍ୟପ୍ରଦେଶ ଭୋପାଳରୁ ଏକ ବଡ଼ ଡ୍ରଗ୍ ର୍ୟାକେଟର ପର୍ଦ୍ଦାଫାସ ହୋଇଛି। ଏହି କାରବାର ଜିମ୍ କ୍ଲିନିକ ଏବଂ ମହାବିଦ୍ୟାଳୟ ପରିସରରେ ଚାଲିଥିଲା। ଏହି ମାମଲାରେ ଦୁଇ ପ୍ରମୁଖ ନିଶା ଚାଲାଣକାରୀ ସୈଫୁଦିନ ଏବଂ ଆସୁ ଓରଫ ଶାହରୁଖକୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଜଣେ ଡାକ୍ତର ଏବଂ ଜଣେ ଜିମ୍ ଟ୍ରେନର ଏହି କାରବାରର ମୁଖ୍ୟ କାର୍ପଟଦାର ଥିଲେ। ମାନସିକ ସ୍ୱାସ୍ଥ୍ୟର ଚିକିତ୍ସା ପାଇଁ ଏହି ଡାକ୍ତର ମେଫାଡ୍ରୋନ (ଏମଡି) ଡ୍ରଗ ଲେଖୁଥିଲେ। ସେହିପରି ଜିମ୍ ଟ୍ରେନର ମେଦ ହ୍ରାସ ପାଇଁ ମେଫାଡ୍ରୋନ ନେବାକୁ କହୁଥିଲେ। ଏହି କାରବାରରେ ଯୁବତୀ ଏବଂ ମହିଳାଙ୍କୁ ଢାଲ କରାଯାଉଥିଲା। ସେମାନେ ଡ୍ରଗ ନେଇ ସ୍ଲିମ ହୋଇଥିବା ଏବଂ ମନୋବଳ ବୃଦ୍ଧି କରୁଥିବା କହୁଥିଲେ। ଦୁଇ ଅଭିଯୁକ୍ତ କେବଳ ଡ୍ରଗ୍ ବିକୁ ନ ଥିଲେ, ଏଥିପାଇଁ ଏକ ବ୍ୟବସ୍ଥା ମଧ୍ୟ ଗଢ଼ିଥିଲେ।

ପୁଲିସ ସୂଚନା ଅନୁଯାୟୀ ନିଶା କାରବାର ବୃଦ୍ଧି କରିବା ପାଇଁ ଉଭୟ ଅଭିଯୁକ୍ତ ଡାକ୍ତର, ଜିମ ଟ୍ରେନର ଏବଂ ପାର୍ଟି ପ୍ରମୋଟରଙ୍କ ସହାୟତା ନେଇ ଯୁବଗୋଷ୍ଠୀଙ୍କୁ ଏହି ଅନ୍ଧକାର ମଧ୍ୟକୁ ଠେଲି ଦେଉଥିଲେ। ଏଥିପାଇଁ ଫିଟ୍‌ନେସ ଏବଂ ମାନସିକ ସ୍ୱାସ୍ଥ୍ୟକୁ ଦ୍ୱାହି ଦେଉଥିଲେ। ଆଉ ଏହି ଡ୍ରଗ ଥରେ ନେବା ପରେ ସେମାନେ ଏହି ଯନ୍ତାରୁ ବାହାରି ପାରୁ ନ ଥିଲେ। ଦୁଇ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୧୫.୧୪ ଗ୍ରାମ ଏମଡି ଗୁଣ୍ଡ, ଗୋଟିଏ ସ୍କୁଟି

**ଓଜନ ହ୍ରାସ, ମାନସିକ ଚିକିତ୍ସା ଆଳରେ ବିକୁଥିଲେ ଡ୍ରଗ୍ସ**

**ଗଢ଼ିଥିଲେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା**

ଏବଂ ଫୋନ ଜବତ କରିଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏପରି ଏକ ବ୍ୟବସ୍ଥା ତିଆରି କରାଯାଇଥିଲା ଯେଉଁଥିରେ ଓଜନ ହ୍ରାସ, ଶକ୍ତି ବୃଦ୍ଧି, ମାନସିକ ସ୍ଥିତିକୁ ଭଲ ରଖିବାକୁ ନିଶା ଦିଆଯାଉଥିଲା। ଏଥିପାଇଁ ପ୍ରେସକ୍ରିପସନ୍ ମଧ୍ୟ ଲେଖା ଯାଉଥିଲା। ନିଜ ଚେହେରାକୁ ନେଇ ଚିନ୍ତିତ ଥିବା ଯୁବ ଗୋଷ୍ଠୀଙ୍କୁ ଏହି ନିଶା କାରବାରୀ ନିଶାଣ କରୁଥିଲେ। ଜିମ୍ ମାଧ୍ୟମରେ ନିଶା ଦ୍ରବ୍ୟ ବିକୁଥିଲେ। ଠକ ଡାକ୍ତରଙ୍କୁ ଏହି ର୍ୟାକେଟରେ ସାମିଲ କରି ଅବସାଦଗ୍ରସ୍ତ ଏବଂ ଚିଡ଼ଚିଡା ରୋଗରେ ପୀଡ଼ିତଙ୍କ ପାଇଁ ପ୍ରେସକ୍ରିପସନ୍ ଲେଖାଉ ଥିଲେ। ପରେ ନିଶା ଦେଇ ଯୁବତୀଙ୍କୁ ଯୌନ ଉତ୍ପୀଡ଼ନ ଦିଆଯାଉଥିଲା ଏବଂ ଅପରାଧ ମଧ୍ୟକୁ ଠେଲି ଦିଆଯାଉଥିଲା ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି।

ଅଭିଯୁକ୍ତମାନେ ଭୋପାଳର ବଡ଼ ପାର୍ଟିକୁ ମଧ୍ୟ ଡ୍ରଗ୍ସ ଯୋଗାଉ ଥିଲେ। ଝିଅଙ୍କୁ ବ୍ୟବହାର କରି ହନିଟ୍ରାପ କରୁଥିଲେ। ଏଭଳି ଝିଅଙ୍କୁ ମାଗଣାରେ ଡ୍ରଗ୍ସ ଦେଇ ଅନ୍ୟମାନଙ୍କୁ ସାମିଲ କରାଇବାକୁ କହୁଥିଲେ। ନୂଆ ଝିଅ ସାମିଲ ହେବା ପରେ ମାଗଣାରେ ଡ୍ରଗ୍ସ ଦେଉଥିଲେ। ଚେନ୍ ମାର୍କେଟିଂ ମାଧ୍ୟମରେ ଯୁବ ପିଢିକୁ ସାମିଲ କରୁଥିଲେ। ଏହି ବ୍ୟବସ୍ଥାରେ ଜିମ୍, ଥେରାପି କ୍ଲିନିକ, ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ନାଇଟ କ୍ଲବ ଗୁଡିକୁ ସାମିଲ କରିଥିଲେ। ଏମାନେ ମଧ୍ୟବିତ୍ତ ପରିବାରର ପିଲା, କଲେଜ ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରୁଥିଲେ। ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଗୋବିନ୍ଦପୁରାର ସବ୍‌ଜି ମଣ୍ଡି ଟିନ୍ ସିଡ ଅଞ୍ଚଳରୁ ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

# ଟ୍ରେଲର-ବାଇକ୍ ଧକ୍କା; ୨ ମୃତ




ତୁରୁମୁଙ୍ଗା/କରଞ୍ଜିଆ, ୨୦।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥର ସାହାରପଡ଼ା ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ଜଣ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ପାଟଣା ଥାନା ଜଗାନାଳି ଗ୍ରାମର ଅଣ୍ଡ ମୁଣ୍ଡା ଓ ସରୋଜ ମହାନ୍ତ। ଏକ ବାଇକ୍‌କୁ ଟ୍ରେଲର୍ ମୁହାଁମୁହିଁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ସୂଚନାନୁଯାୟୀ, ଅଣ୍ଡ ଓ ସରୋଜ ଏକ ବାଇକ୍‌ରେ କୌଣସି କାମରେ ଯାଉଥିବା ବେଳେ ସାହାରାପଡ଼ା ପେଟ୍ରୋଲ ପମ୍ପ ନିକଟରେ ସେମାନଙ୍କୁ ଟ୍ରେଲର୍‌ଟି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଅଣ୍ଡଙ୍କ ମୃତ୍ୟୁ ଘଟିଥିବା ବେଳେ ସରୋଜଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ ବାହିନୀ କରଞ୍ଜିଆ ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସାହାରପଡ଼ା ଫାଣ୍ଡି ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଅଟକ ରଖି ତଦନ୍ତ ଚଳାଇଛି।

# ଟୋଲ୍‌ଗେଟ୍ ଉପରକୁ ମାଡ଼ିଗଲା କାର୍

ବୈଶିଙ୍ଗା/ବେତନଟୀ, ୨୦।୭ (ସମିସ): ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲ ଗେଟ୍‌ରେ ରବିବାର ଭୋର୍‌ରେ ଏକ ବଡ଼ ଅଘଟଣ ଘଟିଛି। ଏକ ଦ୍ରୁତଗାମୀ କାର୍ ଭାରସାମ୍ୟ ହରାଇ ଟୋଲ୍ ଗେଟ୍‌ର ୩ ନମ୍ବର ବୁଥ୍ ଉପରକୁ ମାଡ଼ିଯିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ

## ପ୍ରାକ୍ତନ ଅଧ୍ୟାପକଙ୍କ ମୃତ୍ୟୁ





ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ବାରିପଦା ଶ୍ରୀମା' ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ରାଜଦୀପ ପଟ୍ଟନାୟକ। ସେ ବିଜେଡି ନେତ୍ରୀ ଛବି ମାହାଲିଙ୍କ ସ୍ୱାମୀ। ସେହିପରି, ଆହତ ଜଣଙ୍କ ହେଲେ ଅଜୟ ନାଏକ। ଉଭୟ ଏକ କାର୍ (ଓଡି -୧୧ଏମ -୬୭୧୬)ରେ ବାରିପଦା ଆସୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଦୁର୍ଘଟଣା ପରେ ଟୋଲଗେଟ୍ କର୍ମଚାରୀ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସରେ ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ସେଠାରୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାଜଦୀପଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି କ୍ରେନ୍ ସହାୟତାରେ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରି ମାମଲା ରୁଜୁ କରିଛି। ରାଜଦୀପଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ପରେ ଶୋଭାଯାତ୍ରାରେ ମରଶରୀରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଆଉ କେତେ ଅଘଟଣ ପରେ ଚେତିବେ ସରକାର

- ବଢ଼ିଚାଲିଛି ଦୁଷ୍କର୍ମ, ହତ୍ୟା, ଲୁଟ୍‌ପାଟ୍
- ପୁଲିସ ଏବଂ ପ୍ରଶାସନକୁ ଅପରାଧୀଙ୍କ ଭୟନାହିଁ
- ପୁଲିସ ଉପରୁ ଲୋକଙ୍କ ଭରସା ବି ତୁଟିଗଲାଣି

ଭୁବନେଶ୍ୱର, ୨୦।୭ (ସମିସ): ରାଜ୍ୟରେ ଏବେ ମହିଳା ଅସୁରକ୍ଷିତ ହୋଇପଡ଼ିଛନ୍ତି। ଅପରାଧୀଙ୍କ ନା ପୁଲିସକୁ ଭୟ ଅଛି ନା ପ୍ରଶାସନକୁ। ମନଇଚ୍ଛା ଯାହା ଚାହୁଛନ୍ତି, ସେୟା କରୁଛନ୍ତି। କାହାକୁ ହତ୍ୟା କରୁଛନ୍ତି ତ ଆଉ କାହାକୁ ଜୀବନ୍ତ ପୋଡ଼ି ଦେଉଛନ୍ତି। ବିନା ଭୟରେ ଦୁଷ୍କର୍ମ କରିବାକୁ ବି ପଛାଉ ନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଭଳି ଜଘନ୍ୟ କାଣ୍ଡ ଘଟାଇବା ପରେ ସେମାନେ ଅତି ସହଜରେ ଚମ୍ପଟ ମାରୁଛନ୍ତି। ଅଧିକାଂଶ ମାମଲାରେ ନା ପୁଲିସ ସେମାନଙ୍କୁ ଗିରଫ କରିପାରୁଛି ନା ପୀଡ଼ିତଙ୍କୁ ନ୍ୟାୟ ଦେଇପାରୁଛି। ପ୍ରଶାସନ କେବଳ ମୃତବ୍ୟକ୍ତିଙ୍କୁ କ୍ଷତିପୂରଣ ଦେଇ ବସିପଡୁଛି। ଫଳରେ ରାଜ୍ୟରେ ପୁଣି ସମଧରଣର ଆଉ ଏକ ଘଟଣା ଘଟୁଛି। ଗତ କିଛି ମାସ ହେବ, ରାଜ୍ୟରେ ଘଟୁଥିବା କେତେକ ଅପରାଧ ଉପରେ ନଜର ପକାଇଲେ, ଏହା ସ୍ପଷ୍ଟ ହେଉଛି।

ଗୋପାଳପୁର ଗଣଦୁଷ୍କର୍ମ ଘଟଣାଠାରୁ ଆରମ୍ଭ କରି ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଏବଂ ଗତକାଲିର 'ବଳଙ୍ଗା' ଘଟଣାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷର ନିଆଁ ଜଳୁଛି। ରାଜ୍ୟରେ ଘଟୁଥିବା ଏକାଧିକ ଘଟଣା ଜାତୀୟ ମାନବିକ ଅଧିକାର ଆୟୋଗ, ମହିଳା ଆୟୋଗଙ୍କୁ ବିବ୍ରତ କରିପକାଇଲାଣି। ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ବି କ୍ଷୁବ୍ଧ। ରାଜ୍ୟବାସୀ ବି ଅଣନିଃଶ୍ୱାସୀ ହୋଇପଡ଼ିଲେଣି। ହେଲେ, ପ୍ରଶାସନ ପକ୍ଷରୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଆଉ ଏଭଳି କେତେ ଅଘଟଣ ଘଟିଲେ, ସରକାର ଚେତିବେ ବୋଲି ଏବେ ପ୍ରଶ୍ନ ଉଠିଲାଣି।

ଗତ ଜୁନ୍ ୧୬ ତାରିଖରେ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କ ଗଣଦୁଷ୍କର୍ମ କରାଯାଇଥିଲା। ଗଣଦୁଷ୍କର୍ମ ଘଟଣାରେ ପୁଲିସ ମୋଟ ୧୦ ଜଣଙ୍କୁ ଗିରଫ କରିଛି। ୧୦ଜଣଙ୍କ ମଧ୍ୟରେ ୬ଜଣ ନାବାଳକେ ଅଛନ୍ତି। ସେହିପରି ରାୟଗଡ଼ା ଜିଲ୍ଲାରେ ଜୁଲାଇ ୧୨ତାରିଖରେ ପ୍ରେମୀଯୁଗଳଙ୍କୁ ଲଙ୍ଗଳ ପକାଇ ହଳ ବୁଲାଇଥିଲେ। ଜୁଲାଇ ୧୩ ତାରିଖରେ କୋରାପୁଟରେ କଙ୍ଗାରୁ କୋର୍ଟ ଦେଖିବାକୁ ମିଳିଥିଲା। ପ୍ରେମ କରିବାରୁ ଗାଁ ଦାଣ୍ଡରେ ବଳଦ କରି ହଳ ବୁଲାଇଲେ ଗ୍ରାମବାସୀ। ପ୍ରେମୀଯୁଗଳଙ୍କ ବେକରେ ଜୁଆଳି ପଡ଼ିଥିବା ଦେଖିବାକୁ ମିଳିଥିଲା। ଜୁନ୍ ୨୩ରେ ଗଞ୍ଜାମ ଧରାକୋଟ ଖାରିଗୁମ୍ମା ଗାଁରେ ଗୋ-ତସ୍କରୀ ଅଭିଯୋଗ ଆଣି ଟଙ୍କା ଲୋଭରେ ଦୁଇ ଦଳିତଙ୍କୁ ପିଟିଲେ ଲୋକେ। ଗାଁ ଦାଣ୍ଡରେ ଲଣ୍ଡା କରି ପାଟିରେ ଘାସ ଦେଇ ଆଣ୍ଠେଇଲେ ଏପରିକି, ନର୍ଦ୍ଦମା ପାଣି ବି ପିଇବାକୁ ବାଧ କଲେ। ସେହିପରି, ଜୁନ୍ ୩୦ ତାରିଖରେ ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ବିଜେପି କର୍ପୋରେଟର୍ ଏବଂ ଅନ୍ୟ ସହଯୋଗୀମାନେ ଆକ୍ରମଣ କରିଥିଲେ। ଗତ ଶନିବାରରେ ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ନପାଇବାରୁ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେଇଥିଲେ। ଗତକାଲି ପୁଣି ବଳଙ୍ଗା ଥାନା ଅଞ୍ଚଳରେ ଜଣେ ଯୁକ୍ତ ଦୁଇ ଛାତ୍ରୀଙ୍କୁ ଦୁର୍ବୃତ୍ତ ଅପହରଣ କରିନେଇ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ପୁଲିସ ପ୍ରତି ଅପରାଧୀଙ୍କ ଭୟ ନଥିବା ସ୍ପଷ୍ଟ ରୂପେ ବାରି ହୋଇପଡୁଛି।

## ପରକୀୟା ପ୍ରୀତି ସନ୍ଦେହ ନେଲା ଜୀବନ

# ସ୍ତ୍ରୀକୁ ହତ୍ୟା କରି ନଦୀରେ ଫିଙ୍ଗିଦେଲା

ବଣାଇଁ/ରାଉରକେଲା, ୨୦।୭ (ସମିସ): ବୁଲାଇବା ବାହାନାରେ ସ୍ତ୍ରୀକୁ ସାଥିରେ ନେଲା। ସେଠାରେ ହତ୍ୟା କରିବା ପରେ ଅଖାରେ ବାନ୍ଧି ଶବକୁ ନଦୀରେ ଫିଙ୍ଗିଦେଲା। ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ଥାନା ପଙ୍କଡିହି ତଥା ଜଡ଼ା ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ହତ୍ୟାର ଶିକାର ମହିଳାଜଣଙ୍କ ହେଲେ, ଜୟନ୍ତୀ କୁଜୁର। ଆଜି ସଂଧ୍ୟାରେ ରାଜଗାଙ୍ଗପୁର ନିକଟସ୍ଥ କାନ୍ସବାହାଲ ନିକଟରୁ ଏକ ଅଖାବସ୍ତା ଭିତରୁ ଜୟନ୍ତୀଙ୍କ ଶବକୁ ପୁଲିସ୍ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ଜୟନ୍ତୀଙ୍କୁ ଗତକାଲି ହତ୍ୟା କରିବା ପରେ ସ୍ୱାମୀ ଲକ୍ଷ୍ମଣ ଓରାମ ଆଜି ଥାନାରେ ଆତ୍ମସମର୍ପଣ କରିଥିଲା। ପୁଲିସ୍ ତାକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପରପୁରୁଷ ସହ ସ୍ତ୍ରୀର ଅନୈତିକ ସଂପର୍କ ଥିବା ସନ୍ଦେହ କରି ଲକ୍ଷ୍ମଣ ଏପରି ନାରକୀୟ କାଣ୍ଡ ଘଟାଇଥିବା ପୁଲିସ୍ ଆଗରେ ସ୍ୱୀକାର କରିଛି।

ସୂଚନାନୁଯାୟୀ, ଜୟନ୍ତୀ ଜଣେ ଅଙ୍ଗନବାଡ଼ି କର୍ମୀ। ସେ ପଙ୍କଡ଼ିହି ପଞ୍ଚାୟତ ଅଧୀନ ଜଡା ଅଙ୍ଗନବାଡ଼ିରେ କାର୍ଯ୍ୟରତ। ଗତକାଲି ଅଙ୍ଗନବାଡ଼ିରୁ ଜୟନ୍ତୀ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଏହାକୁ ନେଇ ନାନା ଚର୍ଚ୍ଚା ହୋଇଥିଲା। ହେଲେ ଆଜି ଲକ୍ଷ୍ମଣ ଗୁରୁଣ୍ଡିଆ ଥାନାରେ ଆତ୍ମସମର୍ପଣ କରି ସତ ଓଗାଳିଥିଲା। ଜୟନ୍ତୀଙ୍କୁ ହତ୍ୟା କରି ବ୍ରାହ୍ମଣୀ ନଦୀରେ ଫୋପାଡ଼ି ଦେଇଥିବା ନେଇ ଥାନାରେ ସ୍ୱୀକାର କରିଥିଲା। ହେଲେ,



କେଉଁଠାରେ ମୃତଦେହ ଫୋପାଡ଼ିଥିଲା; ସେନେଇ ଭିନ୍ନଭିନ୍ନ କଥା କହିବା ଯୋଗୁଁ ଆଜି ଦିନତମାମ ପୁଲିସ୍ ନାକେଦମ ହୋଇଥିଲା। ଶେଷରେ ଆଜି ସନ୍ଧ୍ୟାରେ ରାଜଗାଙ୍ଗପୁର ନିକଟସ୍ଥ କାନ୍ସବାହାଲ ନିକଟରୁ ଏକ ଅଖା ଭିତରୁ ଜୟନ୍ତୀଙ୍କ ଶବ ଜବତ କରିଥିଲା। ଅଭିଯୁକ୍ତ ଲକ୍ଷ୍ମଣ ବାରମ୍ବାର ବିଭ୍ରାନ୍ତିକର ତଥ୍ୟ ଦେବାରୁ ପୁଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ହଇରାଣ ହୋଇଥିଲା।

୨୦୧୯ ମସିହାରେ ଜଡ଼ା ଗ୍ରାମର ଲକ୍ଷ୍ମଣଙ୍କୁ ସୁନ୍ଦରଗଡ଼ କିଞ୍ଜିରିକେଲା ଗ୍ରାମର ଜୟନ୍ତୀ ବିବାହ କରିଥିଲେ। ଜୟନ୍ତୀଙ୍କ ଅନ୍ୟ ଜଣେ ପୁରୁଷ ବନ୍ଧୁ ରହିଥିବା ଜାଣିବା ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଦୀର୍ଘ ଦିନ ଧରି କଳହ ଲାଗି ରହିଥିଲା। ଏପରିକି, ଉଭୟଙ୍କ ମଧ୍ୟରେ ଝଗଡ଼ା କାରଣରୁ ଜୟନ୍ତୀ ନିଜ ବାପା ଘରକୁ ମଧ୍ୟ ଚାଲିଯାଇଥିଲେ। ପରେ ଲକ୍ଷ୍ମଣ ବୁଝାସୁଝା କରି ପୁଣି ଜୟନ୍ତୀଙ୍କୁ ଡାକି ଆଣିବା ପରେ ହତ୍ୟା ଷଡ଼ଯନ୍ତ୍ର ରଚିଥିବା ପୁଲିସ ନିକଟରେ କହିଛି। ଗତକାଲି ସେ ଜୟନ୍ତୀଙ୍କୁ ବୁଲାଇବା ବାହାନାରେ ନେଇ ଯାଇଥିଲା। ସେଠାରେ ହତ୍ୟା କରିବା ପରେ ଏକ ଅଖାରେ ମୃତଦେହକୁ ପୂରାଇ ଏକ ସ୍କୁଟିରେ ନେଇ ବ୍ରାହ୍ମଣୀରେ ଫୋପାଡ଼ି ଦେଇ ଚାଲି ଆସିଥିଲା। ଅଭିଯୁକ୍ତକୁ ସାଥିରେ ନେଇ ପୁଲିସ ଏବେ ଶବ ଉଦ୍ଧାର କରିଥିଲା। ଆସନ୍ତାକାଲି ମୃତା ମହିଳାଙ୍କ ଶବ ପରିବାରଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ହେବା ସହ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

## ଅସହ୍ୟ ହେଲା ସ୍ୱାମୀଙ୍କ ପରକୀୟା ପ୍ରୀତି

# ଜୀବନ ହାରିଲେ ସ୍ତ୍ରୀ

ଭବାନୀପାଟଣା, ୨୦।୭ (ସମିସ): ବାହାଘର ବେଳେ ଖୋଲା ଆଖିରେ କେତେ କ'ଣ ଅସୁମାରି ସ୍ୱପ୍ନ ଦେଖିଥିଲେ। ଭଲରେ କେମିତି ସଂସାର ଗାଡ଼ି ଚାଲିବ, ସେଥିପାଇଁ ମନେମନେ ଠାକୁରଙ୍କୁ କୋଟି ଗୁହାରି କରିଥିଲେ। ନୂଆବୋହୂ ହୋଇ ପାଦ ଥାପିବା ପରେ ସ୍ୱାମୀ ଓ ଶ୍ୱଶୁରଘର ଲୋକଙ୍କ ମନ ନେଇ ଚଳିବାକୁ ବି ଖୁବ୍ ଚେଷ୍ଟା କରିଥିଲେ। କିନ୍ତୁ ବାହାଘରର କିଛି ମାସ ପରେ ପରଯୁବତୀ ସହ ସ୍ୱାମୀର ସଂପର୍କ ଥିବା ଜାଣିବା ପରେ ତାଙ୍କର ସବୁ ସ୍ୱପ୍ନ ତାଙ୍କର ଚୂରମାର୍ ହୋଇଗଲା। ତଥାପି ସଂପର୍କ ସୁଧାରିବାକୁ ବହୁ ଚେଷ୍ଟା

## ସୁଇସାଇଡ୍ ନୋଟ୍‌ରେ ସ୍ୱାମୀ ଓ ପ୍ରେମିକାକୁ ଦାୟୀ କଲେ



କଲେ, କିନ୍ତୁ ପାରିଲେନି। ସ୍ୱାମୀ ତ ଯାହା ନିର୍ଯାତନା ଦେଉଥିଲେ, ଶେଷରେ ତାଙ୍କ ପ୍ରେମିକା ବି ଛାଡ଼ିଲାନି। ନିର୍ଯାତନା ସହ ଗାଳିଗୁଲଜ ଦେଲା। ଏଥିରେ ଅତିଷ୍ଠ ହୋଇ ବେକରେ ଶାଢ଼ି ଲଗାଇ ଝୁଲିପଡ଼ିଲେ। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଟାଉନ୍ ଥାନା ଅଧୀନ ଧୋବାପଡ଼ାରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀ ଓ ପ୍ରେମିକାଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ହେଲେ, ଭବାନୀପାଟଣା ଧୋବାପଡ଼ାର ଜିତେନ୍ଦ୍ର ସେଠୀଙ୍କ ଝିଅ ସ୍ନେହଲତା ସେଠୀ। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହାସହ ପୁଲିସ୍ ଶବ ପାଖରୁ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ସେଥିରେ ସେ ତାଙ୍କ ମୃତ୍ୟୁ ପାଇଁ ସ୍ୱାମୀ ଓ ପ୍ରେମିକାକୁ ଦାୟୀ କରିଛନ୍ତି।

ସୂଚନାନୁଯାୟୀ, ସ୍ନେହଲତା ୨୦୨୩ ମସିହାରେ କନ୍ଧମାଳ ବାଲିଗୁଡ଼ା ଥାନା ଅଞ୍ଚଳର ଶ୍ୟାମକୁମାର ବେହେରାଙ୍କୁ ବିବାହ କରିଥିଲେ। ତେବେ ଶ୍ୟାମକୁମାରଙ୍କ ଅନ୍ୟ ଝିଅ ସହ ସମ୍ପର୍କ ଥିବା ଜାଣିବା ପରେ ସ୍ନେହଲତା ବାପଘର ଭବାନୀପାଟଣାକୁ ପଳାଇ ଆସିଥିଲେ। ଶନିବାର ଶ୍ୟାମ କୁମାରଙ୍କ ପ୍ରେମିକା ମୋନାଲିସା ଆଚାର୍ଯ୍ୟ ଫୋନ୍‌ରେ ସ୍ନେହଲତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ସ୍ନେହଲତା ବେକରେ ଶାଢ଼ି ଦେଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଭବାନୀପାଟଣା ଟାଉନ ଥାନାରେ ଅଭିଯୋଗ ହୋଇଛି।

- ପ୍ରେମିକାକୁ ଖୁସି କରାଇବାକୁ ମହିଳାଙ୍କୁ ଚୂନ ମାରୁଥିଲା

# ଗିରଫ ହେଲା ଝାଡ଼ଖଣ୍ଡୀ ଧୂର୍ତ୍ତ

ବାରିପଦା, ୨୦।୭ (ସମିସ): ପ୍ରେମିକାକୁ ଖୁସି କରିବା ପାଇଁ ବିବାହିତ ମହିଳାଙ୍କୁ ପ୍ରେମଜାଲରେ ଫସାଇ ଠକୁଥିବା ଝାଡ଼ଖଣ୍ଡର ଜଣେ ଧୂର୍ତ୍ତକୁ ଭଞ୍ଜପୁର ପୁଲିସ ଗିରଫ କରିଛି। ସେ ହେଲା, ଝାଡ଼ଖଣ୍ଡର ବାହଡ଼ାଗୋଡ଼ା ଥାନା ଅଧୀନ ମୌଦା ଗ୍ରାମର ଶମ୍ଭୁନାଥ ବେରା ଓରଫ ସିମରନ(୨୭)। ଭଞ୍ଜପୁର

- ବିବାହିତ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ଠକୁଥିଲା ଟଙ୍କା, ଅଳଙ୍କାର
- କାର୍, ବାଇକ୍, ମୋବାଇଲ ସହ ୧୦୭ ଗ୍ରାମ ସୁନା ଜବତ

ଥାନା ଅଞ୍ଚଳର ଜଣେ ବିବାହିତ ମହିଳାଙ୍କ ସହ ସିମରନ ଇନଷ୍ଟାଗ୍ରାମରେ ବନ୍ଧୁତା ସୃଷ୍ଟି କରିଥିଲା। ପରେ ତାଙ୍କ ହ୍ୱାଟ୍ସଆପ ନମ୍ବର ନେଇ ଚାଟିଂ କରି ପ୍ରେମ ଜାଲରେ ଫସାଇଥିଲେ। କିଛି ଦିନର ସମ୍ପର୍କ ପରେ ବିଭିନ୍ନ ବାହାନାରେ ପର୍ଯ୍ୟାୟକ୍ରମେ ଟଙ୍କା ମାଗୁଥିଲା। ମହିଳାଜଣଙ୍କ ଟଙ୍କା ଦେଉଥିବାରୁ ସିମରନ୍‌ର ଲୋଭ ବଢ଼ିଥିଲା। ତେଣୁ ବଡ଼ ହାତ ମାରିବାକୁ ସେ ନୂଆ ଫନ୍ଦି ବାହାର କରିଥିଲା। ମାଆଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା କହି ଚିକିତ୍ସା ପାଇଁ ୧୦ଲକ୍ଷ ଟଙ୍କା ମାଗିଥିଲା। କିନ୍ତୁ ମହିଳାଙ୍କ ପାଖରେ ଏତେ ଟଙ୍କା ନଥିବାରୁ ସେ ତାକୁ ୧୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁନାଗହଣା



ଦେଇ ଦେଇଥିଲେ। କିନ୍ତୁ ଏହା ପରଠାରୁ ସିମରନ୍ ଆଉ ଧରାଛୁଆଁ ଦେଇନଥିଲା। ମହିଳାଜଣଙ୍କ ବାରମ୍ବାର ଟଙ୍କା ମାଗିବାରୁ ସେ ତାଙ୍କୁ ବ୍ଲାକମେଲ କରିବା ଆରମ୍ଭ କରିଥିଲା। ବାରମ୍ବାର ତାଙ୍କୁ ଯୌନ ନିର୍ଯାତନା ଦେବା ସହ ଏନେଇ କାହାକୁ ଜଣାଇଲେ ପରିବାରଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଶେଷରେ ମହିଳାଜଣଙ୍କ ସାହସ ଜୁଟାଇ ପୁଲିସର ଦ୍ୱାରସ୍ଥ ହୋଇଥିଲେ।

ପୁଲିସ୍ ସୂଚନାନୁଯାୟୀ, ମହିଳାଙ୍କ ପାଖରୁ ନେଇଥିବା ସମସ୍ତ ଗହଣାକୁ ସିମରନ୍ ନିଜ ପ୍ରେମିକା (ବାଙ୍ଗିରିପୋଷିର ଜଣେ ଯୁବତୀ)ଙ୍କୁ ଦେଇଥିଲା। ଉକ୍ତ ଯୁବତୀଙ୍କର ଏକ ବିୟୁଟିପାର୍ଲର୍ ଅଛି। କିଛି ଦିନ ପରେ ଦୁହେଁ ବିବାହ କରିଥା'ନ୍ତେ। ତେବେ, ଯୁବତୀଜଣଙ୍କ ଏହି ଗହଣାକୁ ବଦଳାଇବାକୁ ସୁନା ଦୋକାନକୁ ଯାଇଥିବା ବେଳେ ପୁଲିସ ଖବର ପାଇଥିଲା। ତଦନ୍ତ ପରେ ସବୁ ଘଟଣା ସାମ୍ନାକୁ ଆସିଥିଲା। ତାଙ୍କଠାରୁ ୧୦୭ ଗ୍ରାମ୍ ସୁନା, ୨ଟି ଦାମୀ ସ୍ମାର୍ଟଫୋନ୍, କାର୍, ବାଇକ୍ ଜବତ ହୋଇଛି। ଘଟଣାର ଭଞ୍ଜପୁର ଥାନା ଅଧିକାରୀ ଅଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅଧିକ ତଦନ୍ତ ଜାରି ରହିଛି।

# ବନ୍ୟାପାଣିରେ ଭାସି ବୋଲବମ୍ ଭକ୍ତ ମୃତ



ରାଜକନିକା, ୨୦।୭ (ସମିସ): ରାଜକନିକା ଥାନା ଅନ୍ତର୍ଗତ ବରାଡ଼ିଆ ପଞ୍ଚାୟତର ମଧୁପଡ଼ା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ମହାଦେବଙ୍କୁ ଜଳାଭିଷେକ ପାଇଁ ପାଣି ଉଠାଉଥିବା ବେଳେ ଜଣେ ବୋଲବମ୍ ଭକ୍ତ ବନ୍ୟାଜଳରେ ଭାସି ପ୍ରାଣ ହରାଇଛନ୍ତି। ସେ ହେଲେ, ମଧୁପଡ଼ା ଗ୍ରାମର ସୁଦର୍ଶନ ମଲିକଙ୍କ ପୁଅ ଆଲୋକ ମଲିକ (୧୬)। ରବିବାର ଗାଁ ପିଲାଙ୍କ ସହ ମିଶି ସେ ଆଖଣ୍ଡଳମଣିଙ୍କୁ ଜଳାଭିଷେକ କରିବାକୁ ବାହାରିଥିଲେ। ମଧ୍ୟାହ୍ନରେ ସେ ମନ୍ତପଡ଼ା ପୋଲ ନିକଟରେ ବିଧିପୂର୍ବକ ପୂଜାପାଠ କରି ପାଣି ଉଠାଇବାକୁ ବୈତରଣୀ କୂଳ ନାଳ ଭିତରକୁ ପଶିଥିଲେ। ନଦୀରେ ବନ୍ୟା କାରଣରୁ ପାଣିର ପ୍ରଖର ସୁଅରେ ଆଲୋକ ଭାସି ଯାଇଥିଲେ। ନିକଟରେ ଥିବା ଅନ୍ୟ ବୋଲବମ୍ ସାଥୀ ତାଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜକନିକା ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।






## 'ବଳଙ୍ଗା' ଘଟଣାକୁ ନେଇ ତେଜିଲା ରାଜନୀତି

# ଉପମୁଖ୍ୟମନ୍ତ୍ରୀଙ୍କୁ ବିଜେପି ମୁଖପାତ୍ରଙ୍କ ନିଶାଣ

ପୁରୀ, ୨୦।୭ (ସମିସ): ରାଜ୍ୟରେ ଅରାଜକତାକୁ ନେଇ ଓଡ଼ିଶାବାସୀ ଅତିଷ୍ଠ। କେବଳ ରାଜ୍ୟବାସୀ ନୁହନ୍ତି, ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଲୋକଙ୍କ ସମାଲୋଚନା ଓ ଆକ୍ଷେପର ଶିକାର ବିଜେପି ନେତାମାନେ ମଧ୍ୟ ଅତିଷ୍ଠ । ବାଲେଶ୍ୱର ଏଫ୍ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣାରେ ବିଜେପିର ଛାତ୍ର ସଙ୍ଗଠନ ଏବିଭିପି ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିବାବେଳେ ଦଳର ମୁଖପାତ୍ର ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣାରେ ଉପମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି । ଆମେ (?) କ୍ଷମତାରେ ଥିଲେ ଏପରି ଘଟଣା କେବେ ଘଟି ନ ଥା।ନ୍ତା ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ଦାଶ ଉଲ୍ଲେଖ କରି ଖୋଦ୍ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁକଲ୍ୟାଣ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ନିଶାଣ କରିଛନ୍ତି । ଯାହାକୁ ନେଇ ସ୍ଥାନୀୟ ରାଜନୀତି ସରଗରମ ହୋଇଛି ଓ ରାଜ୍ୟ ବିଜେପିରେ କମ୍ପନ ସୃଷ୍ଟି କରିଛି ।

ନିମାପଡ଼ା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ସ୍ପଷ୍ଟ ଦିବାଲୋକରେ ଜୀଅନ୍ତା ଜାଳିଦେବାକୁ ଉଦ୍ୟମ ହୋଇଛି। ୩ ଜଣ ଦୁର୍ବୃତ୍ତ ନାବାଳିକାଙ୍କ ଦେହରେ ନିଆଁ ଲଗାଇ ଦେଇଥିବାବେଳେ ସୌଭାଗ୍ୟବଶତଃ ସେ ଜୀବନ ବଞ୍ଚାଇ ପାରିଥିଲେ ହେଁ ଏବେ ବି ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କ ଶରୀରର ୭୦ରୁ ୭୫ ପ୍ରତିଶତ ପୋଡ଼ି ଯାଇଛି। ଗଞ୍ଜାମ ଗୋପାଳପୁରରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ମାଗି ଶେଷରେ ଜୀବନ ହାରିବା ଘଟଣା ଥମି ନ ଥିବାବେଳେ ଏବେ ପୁରୀ ଜିଲ୍ଲା

## ଆମେ ଥିଲେ ଏପରି ଘଟଣା ଘଟି ନ ଥାନ୍ତା: ସମୀର

ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଙ୍ଗା ଅଞ୍ଚଳରେ ଏହି ଲଜ୍ଜାଜନକ ଘଟଣାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି ଓ ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଆଙ୍କିଛି। ଖୋଦ୍ ଉପମୁଖ୍ୟମନ୍ତ୍ରୀଙ୍କ ଅଞ୍ଚଳରେ ଯଦି ନାବାଳିକାଙ୍କୁ ଜିଅନ୍ତା ଜାଳିଦେବାକୁ ଦୁର୍ବୃତ୍ତ ଭୟ କରୁନାହାନ୍ତି ତେବେ ଆଇନ ଶୃଙ୍ଖଳାର ସ୍ଥିତି କ'ଣ ତାହା ଜଳଜଳ ଦିଶୁଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ତେବେ ଏଭଳି ସ୍ଥିତିରେ ବିଜେପି ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ଦାଶ ପୁଣି ଉପମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି ।

ସେ କହିଛନ୍ତି ଯେ ଆମ ଅଞ୍ଚଳରେ ଏମିତି ଅପରାଧ ହୁଏନି। ବଳଙ୍ଗାରେ ଯାହା ଘଟିଲା ସେଥିପାଇଁ ମୋ ମନ କାନ୍ଦୁଛି। ଆମେ ଥିଲେ ଏହିଭଳି ଘଟଣା ଘଟି ନ ଥାନ୍ତା, ଏହି କଥା ବାରମ୍ବାର ମୋ ମନକୁ ଆଘାତ କରୁଛି। ଏ ଅଞ୍ଚଳରେ ଏଭଳି ଘଟଣା କେହି କେବେ ଚିନ୍ତା କରି ନ ଥିବାବେଳେ ଆଜି ତାହା ଘଟିଗଲା। ମୁଁ ୨୦୦୯ ମସିହାରେ ବିଧାୟକ ହେଲି। ଏହା ପୂର୍ବରୁ ଏପରି କେବେ ଘଟଣା ଘଟି ନ ଥିଲା କି ମୋ ସମୟରେ ଏପରି ଘଟଣା ଘଟି ନାହିଁ ବୋଲି ସମୀର ବୁଲେଇବଙ୍କେଇ ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ାଙ୍କୁ କଟାକ୍ଷ କରିଛନ୍ତି । ସମୀର କେବଳ ନିମାପଡ଼ାର ଟାଣୁଆ ନେତା ନୁହନ୍ତି, ରାଜ୍ୟ ବିଜେପିର ମୁଖପାତ୍ର ମଧ୍ୟ । ତେଣୁ ପ୍ରଭାତୀ ପରିଡ଼ାଙ୍କ ପାରିବା ପଣିଆ ଉପରେ ସେ ଉଠାଇଥିବା ପ୍ରଶ୍ନକୁ ସ୍ଥାନୀୟ ରାଜନୈତିକ ବିବାଦର ପରିଣତି ବୋଲି କୁହାଯାଇ ଏଡ଼ାଇ ଦିଆଯାଇ ପାରିବ ନାହିଁ । ପୂର୍ବରୁ ତାଙ୍କ ବିଧାୟକ ସମୟରେ ଦିଆଯାଇଥିବା ଅନୁଦାନରେ ନିର୍ମିତ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ସମୟରେ ସମୀରଙ୍କୁ ଡ଼କା ନ ଯିବା ବିବାଦ ସୃଷ୍ଟି କରିଥିଲା, ଏବେ ବଳଙ୍ଗା ଘଟଣା ଏହି ବିବାଦକୁ ପୂର୍ବତନ ମନ୍ତ୍ରୀଙ୍କର ଏଭଳି ବୟାନ ନିମାପଡ଼ା ଅଞ୍ଚଳରେ ପୁଣି ସମୀର-ପ୍ରଭାତୀ ବିବାଦକୁ ତାଜା କରିଛି।

# ମନ୍ଦିର ସାମ୍ନାରେ ଚୋରାମଦ ଦୋକାନ

## କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

ମଙ୍ଗଳପୁର,୨୦।୭ (ସମିସ):

ଚୋରାମଦ ବିକ୍ରି ଉପରେ ସରକାର ଯେତେ କଟକଣା କଲେ ମଧ ଚୋରା ମଦ ବ୍ୟବସାୟୀ ମାନଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନାହିଁ। ବରଂ ଦିନକୁ ଦିନ ଗ୍ରାମାଞ୍ଚଳରେ ଚୋରାମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ପୂର୍ବରୁ ଚୋରା ମଦ ବ୍ୟବସାୟୀ ମାନେ ଲୁଚା ଛପାରେ ନିଜର ବ୍ୟବସାୟ କରୁଥିବା ବେଳେ ଏବେ ଚୋରା ମଦ ବ୍ୟବସାୟୀମାନେ ଖୁଲମଖୁଲା ଭାବେ ନିଜର ବ୍ୟବସାୟ କରୁଥିବା ନେଇ ଅଭିଯୋଗ ହୋଇଛି। ପୂର୍ବରୁ ଛକ ବଜାର ଭିତରେ ଏହି ବେପାର ସୀମିତ ଥିବା ବେଳେ ବର୍ତ୍ତମାନ ସ୍କୁଲ, କଲେଜ, ମନ୍ଦିର, ପଞ୍ଚାୟତ ଅଫିସ, ସରକାରୀ କାର୍ଯ୍ୟାଳୟ ନିକଟରେ ଏହି ବ୍ୟବସାୟ ଖୁଲମଖୁଲା ଭାବେ କରାଯାଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚୋରା ମଦ ବ୍ୟବସାୟୀମାନେ ପୁଲିସକୁ ମାସିକ ଚାନ୍ଦା ଦେଇ ଖୁଲମଖୁଲା ଭାବେ ନିଜର ବ୍ୟବସାୟ ଚଳାଇ ଆସୁଥିବା ବେଳେ ଗ୍ରାମବାସୀ ବାରମ୍ବାର ପୁଲିସ ଓ ଅବକାରୀ ବିଭାଗ ନିକଟରେ ଅଭିଯୋଗ କରିଆସୁଥିଲେ ମଧ ଜନସାଧାରଣମାନଙ୍କୁ କୌଣସି ସୁଫଳ ମିଳୁନଥିବା ନେଇ ଅଭିଯୋଗ ହୋଇଛି। ଏମିତି ଏକ ଅଭିଯୋଗ ଆସିଛି ଦଶରଥପୁର ବ୍ଲକ ବୈଶପାନ ଦଉପୁର ମୁଖ୍ୟରାସ୍ତା ଗୁଡ଼ିଆପାଟଣା ଛକ ନିକଟରେ ଥିବା ଏକ ମନ୍ଦିର ସାମ୍ନାରେ ହେଉଥିବା ଚୋରା ମଦ କାରବାର। ମନ୍ଦିର ସାମ୍ନାରେ ଏକ କେବିନର ଚୋରାମଦ ବିକ୍ରି ହେଉଥିବା ବେଳେ ପଛ ପଟ ରହିଛି କୁକୁଡ଼ା ଦୋକାନ। କୁକୁଡ଼ା ଦୋକାନ ନାଁରେ ଜମୁଛି ଚୋରାମଦ କାରବାର। ମନ୍ଦିର ସାମ୍ନାରେ ଏପରି ଖୁଲମଖୁଲା ଭାବେ ମଦ ବିକ୍ରି ହେଉଥିବା ବେଳେ ମନ୍ଦିରକୁ ଯାଉଥିବା ପୂଜକଙ୍କ ସମେତ ଭକ୍ତ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାତି ପାହିଲେ ଶହ ଶହ ମହିଳା ପ୍ରଭୁଙ୍କ ପୂଜା ପାଇଁ ଆସିଲେ ପ୍ରଥମେ ମଦ୍ୟପମାନଙ୍କ ଅସଭ୍ୟ ଭାଷା ଶୁଣିବାକୁ ପଡେ। ମଦୁଆଙ୍କ ଭୟରେ କୁଅଁରସାହି ନୋଡାଲ ଉପ୍ରା ବିଦ୍ୟାଳୟକୁ ଆସୁଥିବା ବାଳିକାମାନେ ଭୟରେ ଉକ୍ତ ରାସ୍ତା ଦେଇ ପାଠ ପଢିବା ପାଇଁ ଯାଇଥାନ୍ତି। ସେହିପରି ସାଧୁ ଗୌରେଶ୍ୱର କଲେଜକୁ ମଦ ଦୋକାନ ନିକଟସ୍ଥ ଗ୍ରାମ ଗୁଡ଼ିକରୁ କଲେଜ ଛାତ୍ରୀ ମାନେ ଭୟଭୀତ ଅବସ୍ଥାରେ ସେ ରାସ୍ତା ଦେଇ ଯିବା ଆସିବା କରୁଥିବା ବେଳେ ସନ୍ଧ୍ୟା ସମୟରେ ଜନସାଧାରଣ ମାନେ ଭୟଭୀତ ଅବସ୍ଥାରେ ଯାଇଥାନ୍ତି। ମଙ୍ଗଳପୁର ଥାନାର ପୂର୍ବତନ ଥାନା ଅଧିକାରିଣୀ ଚିନ୍ମୟୀ ସାହୁଙ୍କ ନିକଟରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନଥିଲା। ଚୋରା ମଦ ଦୋକାନ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଆଇଆଇସି ଜଗଦୀଶ କରଙ୍କୁ ମଧ ଅଭିଯୋଗ ହୋଇଛି। ୭ଦିନ ମଧରେ ଯଦି ଏଠାରେ ଚୋରା ମଦ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ନହୁଏ ତେବେ ଗ୍ରାମବାସୀ ଯାଜପୁରରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ନିକଟରେ ଅଭିଯୋଗ କରିବା ସହ ମଙ୍ଗଳପୁର ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ତପନ କୁମାର କର, ପୁରେନ୍ଦ୍ର ବେହୁରିଆ, ମନ୍ମଥ ଦାସ, ପ୍ରଭାକର ସୁତାର ପ୍ରମୁଖଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଯୁବତୀକୁ ପ୍ରତାରଣା ଅଭିଯୋଗ; ଯୁବକ ଗିରଫ

ଧର୍ମଶାଳା,୨୦।୭ (ସମିସ): ଯୁବତୀକୁ ପ୍ରତାରଣା ଅଭିଯୋଗରେ ଧର୍ମଶାଳା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଯୁବକ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ପାଖର ଗ୍ରାମର ଅମରେନ୍ଦ୍ର ଖିଲାର। ଅମରେନ୍ଦ୍ର ବିବାହର ପ୍ରତିଶ୍ରୁତି ଦେଇ ୧ ବର୍ଷ ହେଲା ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲା। ଯୁବତୀ ଜଣକ ବିବାହ ପାଇଁ ଦାବି କରିବାର ଅମରେନ୍ଦ୍ର ବିଭିନ୍ନ କାରଣ ଦର୍ଶାଇ କଥାକୁ ବାରମ୍ବାର ଆଡ଼େଇ ଦେଉଥିଲା। ଏପରକି ଅତି ବାଧ କଲେ ଭିଡିଓ ଭାଇରାଲ କରିଦେବ ବୋଲି ଉକ୍ତ ଯୁବତୀଙ୍କୁ ଧମକ ଚମକ ଦେଇ ଆସୁଥିଲା। ଶେଷରେ ଯୁବତୀ ଜଣକ ଏ ବାବଦରେ ଗତ ୧ ତାରିଖରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଥାନ କେସ୍ ନଂ ୩୯୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଅମରେନ୍ଦ୍ର ସେହି ଦିନଠାରୁ ଫେରାର ଥିଲା। ଗତ ଶୁକ୍ରବାର ଅମରେନ୍ଦ୍ର ଜାରକା ବଜାରକୁ ଆସିଥିବା ଖବର ଜାଣିପାରି ପୁଲିସ ବଜାରରେ ପହଞ୍ଚି ଏକ ଦୋକାନ ନିକଟରୁ ଅମରେନ୍ଦ୍ରକୁ କାବୁ କରି ଥାନାକୁ ଆଣିଥିଲା ବୋଲି ଏସ୍ଆଇ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଇସ୍କନରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପ୍ରସ୍ତୁତି ବୈଠକ



ବ୍ୟାସନଗର,୨୦।୭ (ସମିସ): ଯାଜପୁର ରୋଡ ସହରର ସନ୍ତରାସ୍ଥିତ ରାଧା ମାଧବ ମନ୍ଦିର ପରିସରରେ ଯାଜପୁର ରୋଡ ଇସ୍କନ ତରଫରୁ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ଉପଲକ୍ଷ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ନିମନ୍ତେ ୫ଲକ୍ଷ ଟଙ୍କାର ଏକ ଅଟକଳ ପ୍ରସ୍ତୁତ କରାଯାଇଛି। ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ଅବ୍ୟବହିତ ପୂର୍ବରୁ ଆସନ୍ତା ଅଗଷ୍ଟ ୧୦ ତାରିଖରେ ରାଧା ମାଧବଙ୍କ ଚଳନ୍ତି ପ୍ରତିମା ସକାଳ ୯ ଘଟିକା ସମୟରେ ଚୋରଦା ମେଳନ ପଡିଆରୁ ବାହାରି ଏକ ସୁସଜ୍ଜିତ ବିଭାନରେ ନାମ ସଂକୀର୍ତ୍ତନ ସହ ସମଗ୍ର ସହର ପରିକ୍ରମା କରି ଶ୍ରୀକୃଷ୍ଣଙ୍କର ପ୍ରତି ଭକ୍ତି ଭାବ ଜାଗ୍ରତ କରିବା ପାଇଁ ଇସ୍କନ କମିଟ୍ ତରଫରୁ ନିଷ୍ପତ୍ତି ନିଆଯାଇଛି। ଲୋକମାନଙ୍କୁ ଆଧାତ୍ମିକ ବାତାବରଣ ଆଣିବା ପାଇଁ ସହର ପରିକ୍ରମା କରିବାର ଇସ୍କନ ପ୍ରୟାସ ଜାରିରଖିଛି। ଅଗଷ୍ଟ ୧୫ ତାରିଖ ଜନ୍ମାଷ୍ଟମୀ ରାଧା ମାଧବଙ୍କୁ ତୀର୍ଥ ସୁବାସିତ ଜଳରେ ମହାସ୍ନାନ କରାଯାଇ ଷୋଡ଼ଶ ଉପଚାର ପୂଜା କରାଯାଇ ବଡ ସିଂହାର ବେଶ କରାଯିବ। ସକାଳ ୮ ଠାରୁ ଭଜନ କୀର୍ତ୍ତନ ରାତି ପର୍ଯ୍ୟନ୍ତ ଚାଲିବ, ରାତ୍ରରେ କୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହେବ। ବ୍ରତଧାରୀମାନେ ଏହି ଉତ୍ସବରେ ଯୋଗ ଦେଇ କୃଷ୍ଣ କୃପାଲାଭ କରିବେ। ୧୬ ତାରିଖରେ ନନ୍ଦ ଉତ୍ସବ ପାଳନ କରାଯାଇ ରାତ୍ର ୧୨ ଘଟିକା ପର୍ଯ୍ୟନ୍ତ କୃଷ୍ଣଙ୍କ ଜନ୍ମ ଓ ବାଛଲ୍ୟ ଜୀବନ ଗୁଣାବଳି ସମ୍ପର୍କରେ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଇସ୍କନ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରଦାନ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ପକ୍ଷରୁ ଚାରାରୋପଣ

ଧର୍ମଶାଳା,୨୦।୭ (ସମିସ): ଧର୍ମଶାଳା ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ପକ୍ଷରୁ କୁମାରୀ ପଞ୍ଚାୟତ ଅଧୀନସ୍ଥ ପଣ୍ଡୁକେଶ୍ୱରୀ ମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଘ ସଭାପତି ଆଶକ୍ଷତରୁ ନାୟକଙ୍କ ନେତୃତ୍ୱରେ ସଦସ୍ୟମାନେ ମନ୍ଦିର ପରିସରକୁ ସଫେଇ କରିବା ସହିତ ବଉଳ, ଅଁଳା, ବେଲ, ଅଶୋକ ଓ କାଜୁ ଆଦି ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ କୁମାର ସ୍ୱାଇଁ, ପୀତବାସ ପାତ୍ର, ଭିକାରି ଚରଣ ମଳିକ ଓ ବଟକୃଷ୍ଣ ସାହୁ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଉତ୍କଳ ପ୍ରାଣ ବ୍ରଜସୁନ୍ଦର ଦାସଙ୍କ ୧୪୫ତମ ଜୟନ୍ତୀ

ପ୍ରିତିପୁର/ମଇଁଦା,୨୦।୭ (ସମିସ): ସାମ୍ପ୍ରତିକ ସମୟରେ ନାମଯଶ ପଛରେ ଧାଉଁଥିବା ମଣିଷମାନେ ବିସ୍ମୃତି ମଧ୍ୟରେ



ଲୀନ ହୋଇଯିବେ; ମାତ୍ର ଓଡିଆ ଅସ୍ମିତା ଯୋଗୁ ଓଡିଶା ଇତିହାସରେ ଉତ୍କଳ ପ୍ରାଣ ବ୍ରଜସୁନ୍ଦର ଦାସଙ୍କ ନାମ ଚିର ଜାଜ୍ଜ୍ୱଲ୍ୟମାନ ହୋଇ ରହିବେ ବୋଲି ଉତ୍କଳପ୍ରାଣ ବ୍ରଜସୁନ୍ଦର ଦାସଙ୍କ ୧୪୫ତମ ଜୟନ୍ତୀ ସମାରୋହରେ ଯୋଗଦେଇ ବକ୍ତା ଓ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଞ୍ଝାରପୁର ବ୍ଲକ ସୟଦପୁର ଠାରେ ଅବସ୍ଥିତ ବ୍ରଜସୁନ୍ଦର ହାଇସ୍କୁଲ ପରିସରରେ ଉତ୍କଳପ୍ରାଣ ବ୍ରଜସୁନ୍ଦର ସ୍ମୃତି କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ କମିଟିର ସଭାପତି ତଥା ଶିକ୍ଷକ ନେତା ପିତାମ୍ବର ସ୍ୱାଇଁ ସଭାପତିତ୍ୱ କରିଥିଲେ। ସମାରୋହର ଉଦ୍‌ଘାଟକ ଭାବରେ ଆଧାତ୍ମିକ ଗୁରୁ ତଥା ନାମମନ୍ଦିର ଅଧକ୍ଷ ଶ୍ରୀମଦ୍ ବାବା ସଚ୍ଚିଦାନନ୍ଦଜୀ ମହାରାଜ ଯୋଗଦେଇ ସଭାମଞ୍ଚର ଉଦଘାଟନ କରିଥିଲେ। ଗୁରୁ ସୁଧାଂଶୁ ମଲ୍ଲିକଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଭାବରେ ପ୍ରାଧ୍ୟାପକ ଦାମୋଦର ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଡ. ବିଜୟ କିଶୋର ସାମଲ, କାମେଶ୍ୱର ପଣ୍ଡା, ପଞ୍ଚାନନ ବେହେରା ଯୋଗଦାନ କରିଥିଲେ। ସମ୍ପାଦକ ମଧୁସୂଦନ ଯେନା ଅତିଥି ପରିଚୟ, ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିପିନ ବିହାରୀ ବଳ, ଶ୍ରୀକାନ୍ତ ପ୍ରଧାନ, ର୍ଦଦୀର ମଲ୍ଲିକ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୁବାସଚନ୍ଦ୍ର ଦାସ, ଆଦିତ୍ୟ ମିଶ୍ର, ସଂଗ୍ରାମ ପାତ୍ର, ବାବାଜୀ ଚରଣ ମଲିକ, ଲକ୍ଷ୍ମୀନାରାୟଣ ମଲିକ ପ୍ରମୁଖ ଯୋଗଦେଇଥିଲେ। ସାରସ୍ୱତ ସାଧକ ପ୍ରାଧ୍ୟାପକ ଡ.ବିଜୟ କିଶୋର ସାମଲଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥି ସହିତ ସମବାୟବିତ୍ ନିହାରକାନ୍ତ ସ୍ୱାଇଁ, ସମାଜସେବୀ ସଂଗ୍ରାମ ପାତ୍ର, ଲକ୍ଷ୍ମୀନାରାୟଣ ମଲିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଟ୍ରକ୍ ଖଲାସୀଙ୍କୁ ହୃଦ୍‌ଘାତରେ ମୃତ୍ୟୁ

ଷଠିପୁର,୨୦।୭ (ସମିସ): ଟ୍ରକ୍ ମଧରେ ଆକସ୍ମିକ ଭାବେ ଖଲାସୀର ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଟ୍ରକ୍‌ଟିକୁ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶଯେ ଆନ୍ଧ୍ର ପ୍ରଦେଶରୁ ମାଛ ବୋଝେଇ କରି ଏକ ଟ୍ରକ୍ (ଏପି୧୬ ଟିଏଫ ୬୪୬୫) କଲିକତା ଅଭିମୁଖେ ଯାଉଥିଲା। ହେଲେ ଖଲାସୀ ଆନ୍ଧ୍ର ପ୍ରଦେଶର ଭିଲାଇଆରିପାରି ରୋଡର ଶାନ୍ତି ଭେଙ୍କଟେସ ରାଓଙ୍କ ଦେହ ଖରାପ ଥିଲା। ଚାଳକ ବି. ରାମୁ ଗାଡି ଚଳାଉଥିବା ବେଳେ ଖଲାସୀ ଗାଡିରେ ଶୋଇଥିଲା। ହେଲେ ଶନିବାର ରାତ୍ରୀ ଚାଳକ ଗାଡିଟିକୁ ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଷଠିପୁର ଓଭରବ୍ରିଜ ତଳ ରାସ୍ତାରେ ଅଟକାଇଥିଲା। ସେହି ସମୟରେ ଖଲାସୀର ମୃତ୍ୟୁ ହୋଇଥିଲା। ତାଙ୍କର ହୃଦଘାତ ଯୋଗୁଁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଖବରପାଇ ପାଣିକୋଇଲି ପୁଲିସ ଘଟଣାସ୍ଥଳେ ପହଞ୍ଚି ଖଲାସୀକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପରେ ଟ୍ରକଟିକୁ ଥାନାକୁ ଆଣିବା ସହ ଚାଳକକୁ ଅଟକ ରଖିଥିଲା। ଏନେଇ ଖଲାସୀର ପରିବାର ଓ ଟ୍ରକ ମାଲିକଙ୍କ ସହ ପୁଲିସ ଯୋଗାଯୋଗ କରିଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଖଲାସୀର ପରିବାର ଓ ମାଲିକ ପହଞ୍ଚିନଥିବାରୁ ଶବ ବ୍ୟବଚ୍ଛେଦ କରାଯାଇ ପାରିନାହିଁ।

## ମିନିଟ୍ରକ୍ ଧକ୍କାରେ ଭାଙ୍ଗିଲା କାର, ବୋଲେରୋ

ପାଣିକୋଇଲି,୨୦।୭ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ପୁରୁଣା ଟୋଲଗେଟ ନିକଟରେ ଶନିବାର ରାତିରେ ଏକ କୁକୁଡା ବୋଝେଇ ୪୦୭ ମିନିଟ୍ରକ୍‌ର ଚାଳକର ଉନ୍ମତ କାଣ୍ଡ ଯୋଗୁ ଦୁଇଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ବେଳେ ସୌଭାଗ୍ୟ ବଶତଃ କେହି ଆହତ ହେବାରୁ ବର୍ତି ଯାଇଛନ୍ତି। ପ୍ରକାଶଯେ କଟକ ପଟୁ ଏକ କୁକୁଡା ବୋଝେଇ ୪୦୭ (ଓଡି ୨୯କିୟୁ୧୬୭୭) ବାଲେଶ୍ୱର ଅଭିମୁଖେ ଯାଉଥିଲା। କିନ୍ତୁ କୁକୁଡ଼ା ଗାଡ଼ିର ଚାଳକ ପାଣିକୋଇଲି ପୁରୁଣା ଟୋଲଗେଟ ନିକଟରେ ଭାରସାମ୍ୟ ହରାଇ ଏକ ବଲୋରୋ (ଓଡି୦୪ୟୁ୧୯୪୧) ଓ ଏକ କାର୍ (ଓଡି ୨୨ଏକ୍ସ ୬୮୬୫) ପଛରୁ ଧକ୍କା କରିଥିଲା। ଖବର ପାଇ ପାଣିକୋଇଲି ପୁଲିସ ଘଟଣାସ୍ଥଳେ ପହଞ୍ଚି ଗାଡି ତିନୋଟିକୁ ଧରି ତଦନ୍ତ ଜାରି ରଖିଛି।

## ଉତ୍କଳ ସାହିତ୍ୟ ସମାଜର ସମ୍ବର୍ଦ୍ଧନା ପର୍ବ

ଧର୍ମଶାଳା,୨୦।୭ (ସମିସ): ଉତ୍କଳ ସାହିତ୍ୟ ସମାଜ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ବନ୍ଧୁମିଳନ, କବିତାପାଠ ଓ ସମ୍ବର୍ଦ୍ଧନା ପର୍ବ କାର୍ଯ୍ୟକ୍ରମ ଆବାହକ ଡ. ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅରେଇକଣାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସୃଜନୀ କ୍ଲବ ସହଯୋଗରେ ଆୟୋଜିତ ଉତ୍ସବରେ ସାହିତ୍ୟିକ ସୂର୍ଯ୍ୟମଣି ଖୁଣ୍ଟିଆ, ଗୋକର୍ଣ୍ଣିକାର ସମ୍ପାଦକ ଡ.ରମାକାନ୍ତ ଜେନା ଓ ଧର୍ମଶାଳା ସାହିତ୍ୟ ସମାଜର ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ଭାବେ ଯୋଗ ଦେଇ ଶିଶୁ ମନସ୍ତତ୍ତ୍ୱ ଆଧାରିତ ଓ ଶିଶୁ ମନଲାଖି ଅସଲି ଅନୁଭବର ସାହିତ୍ୟ ହିଁ ସାହିତ୍ୟ ବୋଲି ମତ ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀଙ୍କୁ ଉତ୍କଳ ସାହିତ୍ୟ ସମାଜ ଯାଜପୁର ଜିଲ୍ଲା ଶାଖା, ଗୋକର୍ଣ୍ଣିକା ସାହିତ୍ୟ ସମାଜ ଓ ଅରେଇକଣା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।



ଏହି ଉତ୍ସବରେ ସଂଯୋଜିକା ସଂଯୁକ୍ତା ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଗଣେଶ୍ୱର ବେହେରାଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଅଧ୍ୟାପକ ତୁହିନାଂଶୁ ରଥ, ପ୍ରଶାନ୍ତ ସାହୁ, ଗାୟତ୍ରୀ ମିଶ୍ର, ଅକ୍ଷୟ କୁମାର ବାରିକ, ଜିତେନ୍ଦ୍ର ବେହେରା, ପ୍ରଣତି ପ୍ରୀତିନନ୍ଦା ନାୟକ, ବନସ୍ମିତା ପଣ୍ଡା, ପ୍ରହଲ୍ଲାଦ ପଣ୍ଡା, ରାମଚନ୍ଦ୍ର ଦାସ, ପ୍ରଭାତ ମଲ୍ଲିକ, ବୈଦନାଥ ପଣ୍ଡା, ସୁବାଷ ଚନ୍ଦ୍ର ମହାପାତ୍ର, ଯୁଗଳ କିଶୋର ଦାସ, ଖଗେଶ୍ୱର ସାହୁ ଓ ସୁବାସ ଚନ୍ଦ୍ର ସାହୁଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱରଚିତ କବିତା ମାନ ପାଠ କରିଥିଲେ। ସର୍ବଶେଷରେ ବ୍ୟଙ୍ଗକବି ବାଇଧର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ୟାପୀଡ଼ିତଙ୍କୁ ଭେଟିଲେ ବିଧାୟକ


ବରୀ,୨୦।୭ (ସମିସ): ଚଳିତ ବନ୍ୟାରେ ବରୀ ବ୍ଲକର ବିଭିନ୍ନ ଅଞ୍ଚଳରେ ପାଣି ମାଡ଼ିଯିବାରୁ ପନିପରିବା ଓ ଧାନ ଚାଷର ବ୍ୟାପକ କ୍ଷୟକ୍ଷତି ହେବା ସହିତ ଖାଲୁଆ ସ୍ଥାନରେ ବସବାସ କରୁଥିବା ପରିବାରଙ୍କ ଘରେ ପାଣି ପଶି ଯାଇଛି। ଏବେବି କିଛି ପରିବାର ପାଣି ଘେରରେ ରହିଥିବା ଦେଖିବାକୁ ମିଳିଥିଲା। ବରୀ ବ୍ଲକର ଅନ୍ୟାସୀପୁର ଗ୍ରାମ ସର୍ବାଧିକ ପ୍ରଭାବିତ ହୋଇଥିବା ବେଳେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ସେହି ପଞ୍ଚାୟତର ଦଳିତ ବସ୍ତିରେ ବସବାସ କରୁଥିବା ଲୋକମାନଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହିତ ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପାଣି ଘେରରେ ରହିଥିବା ପରିବାର ଏବେ ବି ଆଣ୍ଠୁଏ ପାଣିରେ ପଶି ଯାତାୟତ କରୁଥିବା ବେଳେ ଏମାନଙ୍କ ପାଇଁ ପିଇବା ପାଣି ମୁଖ୍ୟସମସ୍ୟା ହୋଇଛି।



ବିଧାୟକଙ୍କ ସହିତ ଉପସ୍ଥିତ ଥିବା ବରୀ ବିଡ଼ିଓ ଅସିତ୍ କୁମାର ମହାନ୍ତି ଏବଂ ବରୀ ତହସିଲଦାର ଦିପ୍ତିମୟି ବେହେରାଙ୍କ ସହିତ ଆଲୋଚନା କରି ପ୍ରପୀଡ଼ିତମାନଙ୍କୁ କିପରି ଯଥାଶୀଘ୍ର ସହାୟତା ଯୋଗାଇ ଦିଆଯିବ ସେ ବିଷୟରେ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ ବରୀ ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡ଼ି, ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଦୁର୍ଯ୍ୟୋଧନ ପାତ୍ର, ଯୁବନେତା ପ୍ରବୀର ଧଳ, ପ୍ରାକ୍ତନ ସମିତି ସଭ୍ୟ ଶାନ୍ତନୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଇଂ.ସନାତନ ମହାପାତ୍ରଙ୍କ ପରଲୋକ

ପାଣିକୋଇଲି,୨୦।୭ (ସମିସ): ଅବସରପ୍ରାପ୍ତ ଇଂଜିନିୟର ତଥା ବିଶିଷ୍ଟ ଧର୍ମପ୍ରାଣ ବ୍ୟକ୍ତି ସନାତନ ମହାପାତ୍ରଙ୍କର ପାଣିକୋଇଲି ସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳଙ୍କୁ ଶ୍ରୀ ମହାପାତ୍ରଙ୍କର ବୟସ ୮୯ ବର୍ଷ ହୋଇଥିଲା। ସ୍ୱର୍ଗତ ମହାପାତ୍ର ପାଣିକୋଇଲି ପୂର୍ତ୍ତ ବିଭାଗରେ ଜଣେ ଦକ୍ଷ ଇଂଜିନିୟର ଭାବେ କାର୍ଯ୍ୟକରି ଅବସର ନେଇଥିଲେ। ଇଂ.ସନାତନ ମହାପାତ୍ର ମାତୃଭକ୍ତ ଭାବେ ଶ୍ରୀମା ଶ୍ରୀ ଅରୋବିନ୍ଦ ପଣ୍ଡିଚେରୀ ଆଶ୍ରମ ସହ ଜଡ଼ିତ ଥିଲେ। ପଣ୍ଡିଚେରୀ ସ୍ଥିତ ଅରୋଭିଲ ସ୍ଥାପତ୍ୟ ନିର୍ମାଣ ବେଳେ ଓଡ଼ିଶାର ଇଂଜିନିୟର ରୂପେ ସ୍ୱର୍ଗତ ମହାପାତ୍ର ଦୀର୍ଘ ବର୍ଷ କାଳ କାର୍ଯ୍ୟ କରିଥିଲେ।



କଟକ ଜିଲ୍ଲା ଅନ୍ତର୍ଗତ ବାଙ୍କୀ ଉପଖଣ୍ଡର ରତାଗଡ଼ରେ ଜନ୍ମିତ ସନାତନ ଜଣେ ମେଧାବୀ ଛାତ୍ର ଭାବେ ଇଂଜିନିୟରିଂ ଶିକ୍ଷା ଶେଷ କରିବା ପରେ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରିଥିଲେ। ଯୁବାବସ୍ଥାରେ ସ୍ୱର୍ଗତ ମହାପାତ୍ର କେତୋଟି ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିବା ସହ ଅନ୍ନପୂର୍ଣ୍ଣା ଥିଏଟରରେ ଯୋଗ ଦେଇଥିଲେ। ତତ୍କାଳୀନ ଚଳଚ୍ଚିତ୍ର ତଥା ମଞ୍ଚ ଅଭିନେତା ସ୍ୱର୍ଗତ ହେମନ୍ତ ଦାସ, ଦୁଃଖୀରାମ ସ୍ୱାଇଁଙ୍କ ସତୀର୍ଥ କଳାକାର ଭାବେ ସନାତନ ବାବୁ ସୁନାମ ଅର୍ଜନ କରିଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ବିୟୋଗରେ ପାଣିକୋଇଲି ତଥା ବାଙ୍କୀ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସନାତନଙ୍କ ମୃତ୍ୟୁଶଯ୍ୟାରେ ପରିବାର ବର୍ଗ ଓ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ।

■ ଯାଜପୁରରେ ପହଞ୍ଚିଲେ ବବି |

## ବାସଭବନରେ ଦେଖା କରିବାକୁ କର୍ମୀଙ୍କ ଭିଡ଼

ଯାଜପୁର,୨୦।୭ (ସମିସ):

ବାଲେଶ୍ୱର ସୌମ୍ୟାଶ୍ରୀ ଆତ୍ମଦାହ ମାମଲାର ପ୍ରତିବାଦ କରି ଭୁବନେଶ୍ୱର ଲୋକସେବା ଭବନ ଘେରଉ କରିବାକୁ ଯାଇ ପୁଲିସର ରବର ଗୁଳିର ଶିକାର ହୋଇ ଆହତ ହୋଇଥିଲେ ବରିଷ୍ଠ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ। ସେ ଆହତ ହେବା ପରେ ପ୍ରଥମେ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଭୁବନେଶ୍ୱର ସୂର୍ଯ୍ୟନଗର ସ୍ଥିତ ବାସଭବନରେ ବିଶ୍ରାମ ନେଇଥିଲେ। କିନ୍ତୁ

**ମହିଳାଙ୍କ ସୁରକ୍ଷା କବଚ ପାଲଟିଛନ୍ତି ପ୍ରଣବ**

ରାଜ୍ୟର କୋଣ ଅନୁକୋଣରୁ ବିଜେଡି କର୍ମୀ ଓ ଶୁଭେଚ୍ଛୁମାନେ ସେଠାରେ ଭିଡ଼ ଜମାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ଆଜି ସେ ଭୁବନେଶ୍ୱରରୁ ଫେରି ଯାଜପୁର କାଳୀମେଘା ସ୍ଥିତ ବାସଭବନରେ ପହଞ୍ଚିଛନ୍ତି। ତେବେ ସେଠାରେ ହଜାର ହଜାର ବିଜେଡି କର୍ମୀ ଓ ଶୁଭେଚ୍ଛୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସମସ୍ତଙ୍କ ମଧ୍ୟରେ ପ୍ରଣବ ଓରଫ ବବିଙ୍କୁ ଭେଟି ରାଜ୍ୟରେ ଯେଉଁଭଳି ନାରି ନିର୍ଯାତନା ପ୍ରତିବାଦରେ ସେ



ଆନ୍ଦୋଳନ କରିଛନ୍ତି ସେଥିପାଇଁ ପ୍ରଶଂସା କରିବା ସହିତ ଧନ୍ୟବାଦ ଜଣାଇଥିଲେ। ରାଜ୍ୟର ମହିଳା ମାନଙ୍କ ସୁରକ୍ଷା ପାଇଁ ବବି ସୁରକ୍ଷା କବଜ ପାଲଟିଥିବାରୁ ଶୁଭେଚ୍ଛୁମାନେ କୃତଜ୍ଞତା ଅର୍ପଣ କରିଥିଲେ। ଯାଜପୁର ଓ କୋରେଇ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତରୁ ହଜାର ହଜାର କର୍ମୀ ଓ ଶୁଭେଚ୍ଛୁ ବବିଙ୍କୁ ଭେଟି ଆଶୀର୍ବାଦ ପ୍ରଦାନ କରିବା ସହିତ ତାଙ୍କର ସୁସ୍ଥ ଜୀବନ କାମନା କରିଥିଲେ। ଏହି ଅବସରରେ ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର ବବିଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିବା ସହିତ ତାଙ୍କ ପାଇଁ ଆସିଥିବା କର୍ମୀ ଓ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଦେଇଥିଲେ। ମା' ବିରଜା ମନ୍ଦିରର ସେବାୟତମାନେ ମା'ଙ୍କ ଆଜ୍ଞାମାଳ ପ୍ରଦାନ କରିବା ସହିତ ଆଗାମୀ ଦିନରେ ଅନ୍ୟାୟ ବିରୋଧରେ ଲଢ଼ିବାକୁ ମା' ଶକ୍ତି ପ୍ରଦାନ କରିବାକୁ ପ୍ରାର୍ଥନା କରିଥିଲେ। ବବି କର୍ମୀମାନଙ୍କ ଉତ୍ସାହକୁ ଦେଖି ସେ ସୁସ୍ଥ ଅଛନ୍ତି। ଖୁବଶିଘ୍ର ସେ ପଦାକୁ ବାହାରିବେ ଏବଂ ସମସ୍ତଙ୍କ ପାଇଁ କାମ କରିବେ ବୋଲି ଘୋଷଣା କରିଥିଲେ।

## 'ଶ୍ରୀମନ୍ଦିର ପରିକ୍ରମାରେ ଦିଅଁ ଦର୍ଶନ' ପୁସ୍ତକ ଉନ୍ମୋଚିତ

ଦଶରଥପୁର,୨୦।୭ (ସମିସ): ଦଶରଥପୁର ବ୍ଲକ ସ୍ଥିତ ବଡ଼ଦୋଗଡ଼ା ଗ୍ରାମର ଶ୍ରୀଶ୍ରୀ ଗୋପୀନାଥଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଅଧିକାରୀ ନବକିଶୋର ଦାସଙ୍କ ଲିଖିତ "ଶ୍ରୀମନ୍ଦିର ପରିକ୍ରମାରେ ଦିଅଁଦର୍ଶନ' ପୁସ୍ତକ ଉନ୍ମୋଚନ ଉତ୍ସବ ବିରଜା ରତ୍ନ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁରର ସାଂସଦ ଡ.ରବିନ୍ଦ୍ରନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଉତ୍ସବର ଉଦ†ାଟନ କରିଥିଲେ। ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦର ବାର୍ତ୍ତା ସମ୍ପାଦକ ମୀନକେତନ ସାହୁ ଅତିଥିମାନଙ୍କୁ ଆମନ୍ତ୍ରଣ କରିବା ସହ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତାଭାବେ ଚଣ୍ଡିଖୋଲ ସ୍ଥିତ ଧନଘରଖୋଲ ଠାରେ ଅବସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ଦୀପକ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ନରୁଆଁ ମଠର ମହନ୍ତ ବାବା ଅଭୟ ଗୋସ୍ୱାମୀ ଯୋଗଦେଇ ଜଗନ୍ନାଥଙ୍କ ମହିମା ବର୍ଣ୍ଣନା କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ସମାଜସେବୀ ହୃଷୀକେଶ ପତି, ଚକ୍ଷୁ ବିଶେଷଜ୍ଞ ରଶ୍ମି ମହାଳିକ ଓ ଭୌତିକ ଚିକିତ୍ସାଧିକାରୀ ଡାକ୍ତର ସୁଶ୍ରୀ ଦୀପଞ୍ଜଂଜନ ଦାସ ଓ ଶିକ୍ଷକ ଶ୍ରୀକାନ୍ତ ଦାସ ସଂକଳନ କରିଥିଲେ। ପଣ୍ଡିତ ରାଧାକାନ୍ତ ପଣ୍ଡା, କବି ରାମଚନ୍ଦ୍ର ଦାସ, କବୟତ୍ରୀ ନିର୍ମଳାବାଳା ମିଶ୍ର, ଇଂ. ପାର୍ଥବୀ ମିଶ୍ର, ଶିକ୍ଷକ ପ୍ରଶାନ୍ତ ରାଉତରାୟ, ସାର୍ ନଟବର ଦାସ, ଶୁଭଶ୍ରୀ ଦାସ, ରାମକୃଷ୍ଣ ବେହୁରିଆ, କମଳାକାନ୍ତ ଦାସ, ଆଲୋକ ଦାସ, ବୃନ୍ଦାବନ ସ୍ୱାଇଁ, ବରିଷ୍ଠ ନାଗରିକ ସଂଘର ସଂଯୋଜକ ପ୍ରବୋଧ କୁମାର ନାୟକ, ଡାକ୍ତର ରବିନ୍ଦ୍ର ରାଉତରାୟ, ସୁରେନ୍ଦ୍ର ପାଣିଗ୍ରାହୀ, ଡା. ସୁଭ୍ରା ରାଉରାୟ, ଅଭିମନ୍ୟୁ ମିଶ୍ର, ପମିଳା ସାହୁ, ବୃନ୍ଦାବନ ମିଶ୍ର, କୈଳାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ତପନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# ଝିଅାରୀର ନଗ୍ନ ଫଟୋ ଉଠାଇ ଦାଦା ଗିରଫ

**ବ୍ରହ୍ମବରଦା, ୨୦।୭ (ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବ୍ରହ୍ମବରଦା ଥାନା ଅନ୍ତର୍ଗତ ରାଉତରାପୁର ପଞ୍ଚାୟତ ଅଞ୍ଚଳର ଜନୈକ ଯୁବତୀଙ୍କ ନଗ୍ନ ଫଟୋ ଉଠାଇବା ମାମଲାରେ ବ୍ରହ୍ମବରଦା ପୁଲିସ ସମ୍ପୃକ୍ତ ଯୁବତୀଙ୍କ ସମ୍ପର୍କୀୟ ଦାଦାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ ସେହି ଗ୍ରାମର କୃଷ୍ଣଚନ୍ଦ୍ର ବେହେରାଙ୍କ ପୁଅ ଉମେଶ ବୋଲି ଜଣାପଡ଼ିଛି। ଅଭିଯୋଗ ମତେ ଗତ ୧୮ ତାରିଖ ଦିନ ୧ ଟାରେ ସମ୍ପୃକ୍ତ ଯୁବତୀ ଜଣକ ନିଜ ବାଡିରେ ଥିବା ନଳକୂପରେ ଗାଧୋଉଥିବା ସମୟରେ ତାଙ୍କ ସମ୍ପର୍କୀୟ ଦାଦା ଉମେଶ ବେହେରା ଓ ତାଙ୍କ ପତ୍ନୀ ଟିକିଲି ବେହେରା ଦୁହେଁ ମିଶି ଲୁଚି ଲୁଚି ଉକ୍ତ ଯୁବତୀଙ୍କ ଗାଧୋଉଥିବା ସମୟର ବିଭିନ୍ନ ନଗ୍ନ ଫଟୋ ଉଠାଉଥିବା ସେ ଜାଣିବାକୁ ପାଇଥିଲେ। ଯୁବତୀଙ୍କ ଦାଦା ଓ ଖୁଡୀ ଅତ୍ୟନ୍ତ ଖଳ ପ୍ରକୃତିର ଲୋକ ହୋଇଥିବାରୁ ନଗ୍ନ ଫଟୋ ଭାଇରାଲ କରି ତାଙ୍କୁ ବଦନାମ କରିଦେବା ପାଇଁ ସେ ଚକ୍ରାନ୍ତ କରୁଥିବା ଜାଣିବାକୁ ପାଇଥିଲେ। ଲୋକଲଜ୍ଜା ଭୟରେ ଏ ନେଇ ସମ୍ପୃକ୍ତ ଯୁବତୀ ଜଣକ ବ୍ରହ୍ମବରଦା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବ୍ରହ୍ମବରଦା ପୁଲିସ୍ କେସ ନଂ ୧୮୩/୨୫ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଦାଦା ଉମେଶକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ସୁକିନ୍ଦା ବିଜେଡିର ସାମ୍ବାଦିକ ସମ୍ମିଳନୀ

# 'ମନ୍ତ୍ରୀଙ୍କ ଅପାରଗତା ସୁକିନ୍ଦା ବିକାଶରେ ବାଧକ'




**ଦାନଗଦି, ୨୦।୭ (ସମିସ)**

ସୁକିନ୍ଦାର ବିକାଶରେ ବାଧକ ସାଜିଛନ୍ତି ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ଏକଥା ନିଜେ ପ୍ରମାଣିତ କରିଛନ୍ତି ମନ୍ତ୍ରୀ। ସୁକିନ୍ଦା ଓ ଦାନଗଦି ବ୍ଲକର ୨୭୨ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲା ଖଣିଜ ନ୍ୟାସ ପାଣ୍ଠି (ଡିଏମ୍ଏଫ୍) ଅର୍ଥରେ ବିଜେଡି ସରକାରଙ୍କ ସମୟରେ ପୂର୍ବତନ ମନ୍ତ୍ରୀ ଇଂ.ପ୍ରୀତିରଞ୍ଜନ ଘଡ଼େଇଙ୍କ ଉଦ୍ୟମରେ ୨୦୨୩ ମସିହାରେ ତତ୍କାଳୀନ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ୧୨୦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ନିର୍ବାଚନ ଆଚରଣ ବିଧି ଲାଗୁହେବା ଫଳରେ ଉକ୍ତ କାର୍ଯ୍ୟ ସବୁ ବନ୍ଦ ରହିଥିଲା। ବିଜେପି ସରକାର କ୍ଷମତାକୁ ଆସିବାର ଏକ ବର୍ଷ ପରେ ଏହି କାର୍ଯ୍ୟକୁ ତରବରିଆ ଭାବେ ଆରମ୍ଭ କରାଯାଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ଯେ କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସ୍ଥାନୀୟ ତହସିଲଦାରଙ୍କ ଠାରୁ ଜମିର କିସମ ଓ ସରଜମିନ ତଦନ୍ତ ରିପୋର୍ଟ ମଗାଯାଇଥାଏ। କିନ୍ତୁ ଏଠାରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ତହସିଲ ରିପୋର୍ଟ ବିନା ଜଙ୍ଗଲ କିସମ ଜମିରେ ଏହି କାର୍ଯ୍ୟ ସବୁ ଆରମ୍ଭ କରାଯାଇଛି। ଯାହାକି ଜଣେ ବ୍ୟକ୍ତି ଏହାକୁ ବିରୋଧ କରି ଏନ୍‌ଜିଟି (ନ୍ୟାସନାଲ ଗ୍ରୀନ ଟ୍ରିବୁନାଲ)ର ଆଶ୍ରୟ ନେଇଥିଲେ, ଯେହେତୁ ଏସବୁ ଜମି ଜଙ୍ଗଲକିସମର ଏନ୍‌ଜିଟି ଏହି କାମକୁ ତୁରନ୍ତ ବନ୍ଦ କରିବା ପାଇଁ ଯାଜପୁର ଜିଲ୍ଲାପାଳଙ୍କୁ ନୋଟିସ୍ କରିଥିଲେ। ଯାହାକୁ ନେଇ ବିଜେପିର ନେତାମାନେ ଦୁଇଦିନ ତଳେ ଏକ ପ୍ରେସ୍‌ମିଟ କରି ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କ ପ୍ରଲୋଚନାରେ ପଡ଼ି ସୁକିନ୍ଦା ଅଞ୍ଚଳର କୈଳାସ ନାୟକ ନାମକ ଜଣେ ବ୍ୟକ୍ତି ଗ୍ରୀନ ଟ୍ରିବୁନାଲ କରିଥିବା କହିଥିଲେ। ଆଜି ବିଜେଡି ଅନ୍ୟ ଏକ ସାମ୍ବାଦିକ ସମ୍ମିଳନୀ କରି ଏଥିରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଘଡ଼େଇଙ୍କର କୌଣସି ହସ୍ତକ୍ଷେପ ନାହିଁ ବୋଲି ସ୍ପଷ୍ଟ କରିବା ସହିତ ସୁକିନ୍ଦାର ବିକାଶରେ ନିଜେ ଏବେକାର ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ବାଧା ସୃଷ୍ଟି କରୁଛନ୍ତି ବୋଲି ପାଲଟା ଅଭିଯୋଗ କରିଛନ୍ତି। ଡିଏମ୍ଏଫ ଅର୍ଥରେ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ନଷ୍ଟ କରାଯାଉଛି ବୋଲି ପାଲଟା ଅଭିଯୋଗ କରି ଆଜି ଦାନଗଦି ବିଜେଡି କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ବିଜେଡି ରାଜ୍ୟ ସମ୍ପାଦକ ଦେବୀ ପ୍ରସାଦ ମହାନ୍ତି, ଦାନଗଦି ବ୍ଲକ ବିଜେଡି ସଭାପତି ସୁରେଶ ଦାଶ, ଯୁବ ନେତା ପ୍ରଦୀପ କୁମାର ମହାନ୍ତି, ଲୋକନାଥ ଧୀର, ସିପକ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଜାରକା ରୋଟାରୀ ଓ ଇନରହୁଇଲ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ



**ଧର୍ମଶାଳା, ୨୦।୭ (ସମିସ):** ଧର୍ମଶାଳା ବ୍ଲକ ଜାରକା ଷ୍ଟାଡିୟମ ପରିସରରେ ରୋଟାରୀ ଓ ଇନରହୁଇଲ କ୍ଲବ ଜରକାର ମିଳିତ ଭାବେ ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ ଯୋଗଦେଇ ନିସ୍ୱାର୍ଥପର ସେବା କରିବାକୁ ରୋଟାରୀ ଓ ଇନରହୁଇଲ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ଅଧିଷ୍ଠାନ ଉତ୍ସବରେ ଜାରକା ରୋଟାରୀ କ୍ଲବର ପୂର୍ବତନ ସଭାପତି ଆଇନଜୀବୀ ରାଜେନ୍ଦ୍ର ପଲେଇ ଓ ସମ୍ପାଦକ ଜୟ ପ୍ରକାଶ ତ୍ରିପାଠୀଙ୍କ ଠାରୁ ନବନିର୍ବାଚିତ ସଭାପତି ସୁକାନ୍ତ କୁମାର ସ୍ୱାଇଁ ଓ ସମ୍ପାଦକ ରୋଟାରୀଆନ ଦୀପକ ଜେନା ୨୦୨୫/୨୬ ପାଇଁ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ଜାରକା ଇନରହୁଇଲର ପୂର୍ବତନ ସଭାପତି ରଶ୍ମିତା ନାୟକ ଓ ସମ୍ପାଦକ ଲୋପାମୁଦ୍ରା ଷେଣ୍ଢ ୨୦୨୫/୨୬ ବର୍ଷ ପାଇଁ ନିବନିର୍ବାଚିତ ସଭାପତି ଲୋପାମୁଦ୍ରା ଷେଣ୍ଢ ଓ ସମ୍ପାଦକ ପ୍ରଭାତ ନଳିନୀ ସାହୁଙ୍କୁ ଦାୟିତ୍ୱ ହସତାନ୍ତର କରିଥିଲେ। ଏହି ଅଧିଷ୍ଠାନ ଉତ୍ସବରେ ରୋଟାରିଆନ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ସ୍ୱାଗତ କରିଥିବା ବେଳେ ରୋଟାରିଆନ ବିନୋଦ ପରିଡା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବତନ ଇନରହୁଇଲ ସଭାନେତ୍ରୀ ମିନତୀ ସାହୁ, ସଦସ୍ୟା ଅର୍ଚ୍ଚନା ସ୍ୱାଇଁ ଓ ବିଶ୍ୱାମିତ୍ରା ସାହୁ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରିଆନ ପ୍ରଦୀପ୍ତ କୁମାର ବରାଳ, ଇଂ ବିପିନ ଷଡ଼ଙ୍ଗୀ, ହରିହର ପଣ୍ଡା, ଅଜାମ୍ବର ସାହୁ, ପ୍ରଶାନ୍ତ ପୃଷ୍ଟି, ଜୟପ୍ରକାଶ ତ୍ରିପାଠୀ, କଳାକର ମହାନ୍ତି, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ପ୍ରମୋଦ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୋଟାରୀଆନ ଜୟନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାଭିମାନ ମଞ୍ଚ ପକ୍ଷରୁ ଚାରାରୋପଣ



**ଧର୍ମଶାଳା, ୨୦।୭ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱାଭିମାନ ମଞ୍ଚ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ମଞ୍ଚର ସଭାପତି ସୁଧାକର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଞ୍ଚର ସମସ୍ତ ସଦସ୍ୟ ସେଯଗଦେଇ ଚାରା ରୋପଣ କରିଥିଲେ। କାଏମା ୧୪ନମ୍ବର କେନାଲ ବନ୍ଧର ପାର୍ଶ୍ୱରେ ବଉଳ, ଆକାଶୀ, କୃଷ୍ଣଚୁଡ଼ା, କଦମ, ପିଜୁଳି ଭଳି ଅନେକ ଉପକାରୀ ଗଛର ଚାରାରୋପଣ କରାଯାଇଛି। ଏବେ ପରିବେଶ ପ୍ରଦୂଷଣ ଭୟାନକ ଭାବେ ବଢ଼ିବାରେ ଲାଗିଥିବା ବେଳେ ବାୟୁ ମଣ୍ଡଳରେ ଗରମର ମାତ୍ରା ଅଧିକ ଅନୁଭୁତ ହେଉଛି। ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରାଗଲେ ପ୍ରଦ୍ୟୁଷଣକୁ ନିୟନ୍ତ୍ରଣ କରାଯାଇପାରିବ। ଏଥିପ୍ରତି ସଚେତନତା ସୃଷ୍ଟି କରିବାପାଇଁ ମଞ୍ଚ ଏପରି ଏକ ମହତ୍ କାର୍ଯ୍ୟ କରିବା ସହ ପ୍ରତ୍ୟେକ ବ୍ୟକ୍ତି ଗୋଟାଏ ବର୍ଷରେ ନିଜର ଜନ୍ମଦିନ, ବିବାହ ବାର୍ଷିକୀ କିମ୍ବା କୌଣସି ଶୁଭ ଅବସରରେ ଅତିକମରେ ଗୋଟାଏ ଗଛ ଲଗାଇବାକୁ ମଞ୍ଚର ସମ୍ପାଦକ ନିକୁଞ୍ଜ ବେହେରା ସମସ୍ତ ଙ୍କୁ ଅନୁରୋଧ କରିଛନ୍ତି। ଏହା ଯୋଗୁଁ ପରିବେଶ ସନ୍ତୁଳନ ହେବା ସହ ଆଗାମୀ ପିଢ଼ି ପାଇଁ ଏକ ସୁନ୍ଦର ଭବିଷ୍ୟତର ପରିକଳ୍ପନା କରାଯାଇପାରିବ ବୋଲି ମଞ୍ଚର ସଭାପତି କହିଛନ୍ତି। ଏଥିସହ ପ୍ରତ୍ୟେକ ନାଗରିକ ଗୋଟିଏ ଗୋଟିଏ ଗଛ ଲଗାଇବା ସହିତ ତାହାର ଦାୟତ୍ୱ ନେବା ନିତାନ୍ତ ଆବଶ୍ୟକ ବୋଲି ମଞ୍ଚ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହି କାର୍ଯ୍ୟକ୍ରରେ କୋଷାଧ୍ୟକ୍ଷ ଶିଶିର ମାହାଣା, ପ୍ରଦୀପ୍ତ ସାହୁ, ସୌମ୍ୟ ରଞ୍ଜନ ମହାନ୍ତି, ଚିନ୍ମୟ ଦାସ, ବିନୋଦ ବେଜ, ମନୋରଞ୍ଜନ ଜେନା, ସୁବ୍ରତ ସାହୁ, ଅଭିନାସ ବେହେରା, ମାନସ ରଞ୍ଜନ ସ୍ୱାଇଁ, କାର୍ତ୍ତିକ ମଲ୍ଲିକ, ଦେବବ୍ରତ ପଣ୍ଡା, ସୁକାନ୍ତ ସାହୁ, ଶିବପ୍ରସାଦ ମହାନ୍ତି ପ୍ରମୁଖ ସମସ୍ତ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥଲେ।

## ବିଜୁପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ

# ସ୍ଥାନାନ୍ତରକୁ ନେଇ ତୀବ୍ର ବିରୋଧ

**ଯଖପୁରା, ୨୦।୭ (ସମିସ):** କଳିଙ୍ଗନଗରର ଜେସିଡିଏଲ୍‌ଠାରେ କାର୍ଯ୍ୟ କରିଆସୁଥିବା ବିଜୁପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନ୍ଏସ୍ଆଇ) ରାଉରକେଲାକୁ କେନ୍ଦ୍ର ସରକାରଙ୍କ ସ୍ଥାନାନ୍ତର ନିର୍ଦ୍ଦେଶ ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବା ସହ ବିରୋଧାଭାସ କରାଯାଉଥିବାର ଦେଖିବାକୁ ମିଳିଛି।

କେନ୍ଦ୍ର ଇସ୍ପାତ ମନ୍ତ୍ରାଳୟ ଅଧୀନରେ ଥିବା ବିଜୁପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ପାଇଁ ପୂର୍ବ ସରକାର କଳିଙ୍ଗନଗର ଶିଳ୍ପାଞ୍ଚଳ ଠାରେ ଜମି ଯୋଗଦେଇଥିବା ବେଳେ ବର୍ତ୍ତମାନର ସରକାର ଏହାର ଭିତ୍ତିଭୂମି ବିକାଶ ନ କରାଇ ଏଠାରୁ ରାଉଲକେଲାକୁ ସ୍ଥାନାନ୍ତରିତ କରିବାକୁ ଉଦ୍ୟମ କରୁଥିବା ବେଳେ କଳିଙ୍ଗନଗର ଅଧିବାସୀ ଏହାକୁ ତୀବ୍ର ବିରୋଧ କରିଛନ୍ତି। ଗତକାଲି ଜେସିଡିଏଲ୍‌ଠାରେ ଅବସ୍ଥାପିତ ଏହି ସଂସ୍ଥା ସ୍ଥାନାନ୍ତର କରିବା ଜାଣିବା ପରେ ଏହାକୁ ବିରୋଧ କରି ପଙ୍କପାଳ ପଞ୍ଚାୟତର ସରପଞ୍ଚ ସ୍ମୃତିରଞ୍ଜନ ଜେନାଙ୍କ ନେତୃତ୍ୱରେ ସ୍ଥାନୀୟ



ଲୋକମାନେ ସଂସ୍ଥାର କାର୍ଯ୍ୟାଳୟ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରିଥିଲେ। କଳିଙ୍ଗନଗର ବିଶ୍ୱସ୍ତରୀୟ ଏକ ଶିଳ୍ପାଞ୍ଚଳ ଗଢି ଉଠିଥିବା ବେଳେ ସରକାରଙ୍କ ତରଫରୁ ଦକ୍ଷତା ବିକାଶ ପାଇଁ କୌଣସି ବ୍ୟବସ୍ଥା କରୁନଥିବା ବେଳେ ବିଜୁପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ଭଳି ସଂସ୍ଥାକୁ ଏଠାରେ ବନ୍ଦ କରି ଅନ୍ୟତ୍ର ସ୍ଥାନାନ୍ତରିତ କରିବା ସରକାରଙ୍କ ହୀନ ମାନସିକତା ବୋଲି ସାଧାରଣରେ ଆଲୋଚନା ହେଉଛି। ପଙ୍କପାଳ ସରପଞ୍ଚ ଶ୍ରୀଯୁକ୍ତ ଜେନା ଚେତାବନୀ ଦେଇଛନ୍ତି କି ଆଗକୁ ସରକାର ଏହି ଇସ୍ପାତ ପ୍ରତିଷ୍ଠାନକୁ ବନ୍ଦ ବା ସ୍ଥାନାନ୍ତରିତ କରିବା ପାଇଁ ନିବୃତ୍ତ ନରହିଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ବୃହତ ରୂପ ଧାରଣ କରିବ।

# ୧୫ ଦିନ ହେବ ଅନ୍ଧାରରେ ଅଭୟପୁର

**ସୁକିନ୍ଦା, ୨୦।୭ (ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଅଭୟପୁର ଅଞ୍ଚଳର ଶତାଧିକ ଗ୍ରାମବାସୀ ୧୫ ଦିନ ହେବ ଅନ୍ଧାରରେ ଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ ୫୩ନଂ ଜାତୀୟ ରାଜପଥ କଡ଼ରେ ଓ ଅଭୟପୂର ମୌଜାରେ ଅବସ୍ଥିତ ଏହି ଗ୍ରାମରେ ଗତ ୧୫ଦିନ ହେବ ବିଦ୍ୟୁତ୍ ସରବରାହ ବନ୍ଦ ଥିବା ଦେଖିବାକୁ ମିଳିଛି। ଗତ ୧୫ଦିନ ତଳେ ଆକସ୍ମିକ ବଜ୍ରାଘାତରେ ସେଠାରେ ଲାଗିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବା ଦର୍ଶାଇ ବିଦ୍ୟୁତ୍ ବିଭାଗ ପୁରୁଣା ଟ୍ରାନ୍ସଫର୍ମର ଖୋଲିନେଇ ଚୁପ୍ ହୋଇ ବସିରହିଛି। ସମ୍ପୃକ୍ତ ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତା ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ସେଠାରେ ରହୁଥିବା ଅଧିକାଂଶ ଉପଭୋକ୍ତାଙ୍କର ମାସକୁ ମାସ ବିଦ୍ୟୁତ୍ ବିଲ ପୈଠ କରୁଥିଲେ ମଧ୍ୟ ୧୫ଦିନ ହେବ ଅନ୍ଧାରରେ ରହିଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି।

# ବିଜୁ ଜନତା ଦଳ ପକ୍ଷରୁ ସାଙ୍ଗଠନିକ ବୈଠକ



**ଜେନାପୁର, ୨୦।୭ (ସମିସ):** ଧର୍ମଶାଳା ନିର୍ବଚନମଣ୍ଡଳୀ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଅଧିନ ସିଦ୍ଧେଶ୍ୱର ମନ୍ଦିର ପରିସରରେ ବିଜୁ ଜନତା ଦଳ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ଏହି ପଞ୍ଚାୟତ ନୂତନ ସଭାପତି ଭାବେ ଚୟନ ହୋଇଥିବା ସଞ୍ଜୟ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ତାସହିତ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ନିର୍ଦ୍ଦେଶ କ୍ରମେ ଲୋକ ମାନଙ୍କ ସମସ୍ୟା ସହିତ ଜଡ଼ିତ ରହିବା ସହ ସଙ୍ଗଠନକୁ କିପରି ମଜବୁତ କରିହେବ ସେହି ବିଷୟ ରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୨ ନଂ ଜୋନ ସଭାପତି ପ୍ରହଲ୍ଲାଦ ପାତ୍ର, ବିଚିତ୍ରାନନ୍ଦ ସାହୁ, ମୁରଲୀଧର ସିଂ, ରାମଚନ୍ଦ୍ର ପାତ୍ର, ଶିବ ପ୍ରସାଦ ପାତ୍ର, ପ୍ରଫୁଲ କୁମାର ପୁରୀ, ବିଷ୍ଣୁ ଚରଣ ସ୍ୱାଇଁ. ଅଭିମନ୍ୟୁ ଦଳାଇ, ହେମଲତା ସ୍ୱାଇଁଙ୍କ ସମେତ, ଶତାଧିକ ବିଜୁଜନତା ଦଳର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ଖସୁଛି ବ୍ରାହ୍ମଣୀ ନଦୀରେ ବନ୍ୟା ପାଣି

**ଧର୍ମଶାଳା, ୨୦।୭ (ସମିସ):** ଗତ କିଛି ଦିନ ହେଲା ବ୍ରହ୍ମଣୀ ଓ ତାର ଶାଖା କେଲୁଅ ନଦୀରେ ବନ୍ୟା ପାଣି ଅପରିବର୍ତ୍ତିତ ରହିଥିବା ବେଳେ ଗତକାଲି ଠାରୁ ନଦୀରେ ଜଳ ପ୍ରବାହ କମିବାରେ ଲାଗିଛି। ଫଳରେ ନଦୀର ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ କିଛିଟା ଆଶ୍ୱସ୍ତି ଲାଭ କରିଛନ୍ତି। ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ଚଳିତ ଥର ଅଦ୍ୟାବଧି ବନ୍ୟା ପାଣି ବିପଦ ସଙ୍କେତ ଅଢ଼େଇଫୁଟ ତଳେ ପ୍ରବାହିତ ହେଉଥିଲା। ସେପଟେ ରେଙ୍ଗାଲି ଡ୍ୟାମର ୩ ଗୋଟି ଗେଟ୍ ଦେଇ ବନ୍ୟାପାଣି ଛଡ଼ାଯିବା ପରେ ବ୍ରାହ୍ମଣୀ ନଦୀର ଜେନାପୁରଠାରେ ୬୪.୫୦ ଫୁଟ ଉପରେ ବନ୍ୟାପାଣି ପ୍ରବାହିତ ହୋଇଥିଲା। ବିଗତ ୫ ଦିନ ଧରି ଏଭଳି ଅବସ୍ଥା ଲାଗିରହିବା ପରେ ଗତକାଲି ଠାରୁ ନଦୀରେ ବନ୍ୟାଜଳ କ୍ରମସଃ ହ୍ରାସ ପାଇବାରେ ଲାଗିଛି। ଏହି ବନ୍ୟା ପାଣିରେ ଧର୍ମଶାଳା ବ୍ଲକର ଅନେକ ଗାଁ ଓ ଚାଷ ଜମି ପାଣି ଘେରରେ ରହିଥିଲା। ଏବେ ବନ୍ୟା ପାଣି ଖସିବା ଫଳରେ ଗାଁ ଗୁଡିକରେ ପସିଯାଇଥିବା ବନ୍ୟାପାଣି ଖସିବାରେ ଲାଗିଛି। ଏବେ ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ୬୧.୨୦ ଫୁଟରେ ପଣି ପ୍ରବାହିତ ହେଉଛି। ରେଙ୍ଗାଲି ଡ୍ୟାମରୁ ଏବେ ମାତ୍ର ଗୋଟିଏ ଗେଟ ଦେଇ ବନ୍ୟାପାଣି ଛଡାଯାଉଛି। ତେବେ ଏହି ବନ୍ୟାରେ କୋତପୁର ସ୍କୁଲରେ ପାଣି ପସିବାରୁ କିଛି ଦିନ ହେଲା ସ୍କୁଲକୁ ବନ୍ଦ କରି ଦିଆଯାଇଥିଲା। ଏବେ ବନ୍ୟା ପାଣି ଛାଡିଯିବା ପରେ ସ୍କୁଲକୁ ଆଜି ପରିଷ୍କାର କରାଯାଇଥିବା ବେଳେ ଆସନ୍ତାକାଲି ସୋମବାର ଠାରୁ ସ୍କୁଲ ଖୋଲାଯିବ ବୋଲି ଜଣାଯାଇଛି। ସେହିପରି ନଦୀ ପଠାରେ ପଳିଥିବା ପନିପରିବା ଓ ଧାନ ଚାଷ ଏହି ବନ୍ୟାରେ ପ୍ରଭାବିତ ହୋଇଛି। ଏବେ ବନ୍ୟାପାଣି ଛାଡି ଯାଇଥିବା ବେଳେ ଏହା ଦ୍ୱାରା ପ୍ରବାବିତ ହୋଇଥିବା ଚାଷୀମାନଙ୍କୁ ଚିହ୍ନଟ କରି ସରକାରି ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ଦର୍ପଣ ପଞ୍ଚାୟତ ବିଜେଡି ସଭାପତି ମନୋନୀତ



**ବଡଚଣା, ୨୦।୭ (ସମିସ):** ବଡ଼ଚଣା ବିଜୁ ଜନତା ଦଳ ପକ୍ଷରୁ ଦଳର ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ସୁପାରିସ କ୍ରମେ ଦର୍ପଣ ଗ୍ରାମପଞ୍ଚାୟତର ସଭାପତି ଭାବେ ଦେବାନନ୍ଦ ଦାଶ ଓ ଯୁବସଭାପତି ଭାବେ ସୁନୀଲ କୁମାର ପାତ୍ରଙ୍କ ନାମକୁ ଦଳର ସଭାପତି ତାପସ କୁମାର ରାୟ ଅନୁମୋଦନ କରିଛନ୍ତି। ଦଳୀୟ କାର୍ୟାଳୟରେ ଶ୍ରୀ ମହାପାତ୍ର ଦୁଇ ନୂତନ ସଭାପତିଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ପକ୍ଷରୁ ପ୍ରଦୀପ୍ତ ମହାନ୍ତି, ସଞ୍ଜୀବ ସାମଲ, ତପନ ବେହେରା, ରାଜନ ବେଗ, ମାନସ ପଣ୍ଡା, ବୁଲା ମହାପାତ୍ର, ବରିଷ୍ଠ ସଦସ୍ୟ ନିରଞ୍ଜନ ବିଶ୍ୱାଳ, ଧୂଳେଶ୍ୱର ଦାସ, ବିଚିତ୍ର ନାୟକ, ଉମେଶ ଜେନା, ସନ୍ତୋଷ ଜେନା ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

**ସୁକିନ୍ଦା, ୨୦।୭ (ସମିସ):** ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଭୁବନ ରାସ୍ତାର ମଙ୍ଗଳପୁର ଛକ ନିକଟରେ ଏକ ପିକଅପ ଗାଡ଼ି ଦୁର୍ଘଟଣାରେ ଜଣେ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ରବିବାର ଦିନ ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ଗ୍ରାମର ଇନ୍ଦ୍ରଜିତ ମଲ୍ଲିକ ଯାଜପୁରରୁ ଘରକୁ ଫେରୁଥିବା ସମୟରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତରଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଇନ୍ଦ୍ରଜିତ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

# ସେବକ ଜରାଶ୍ରମରେ ସ୍ୱାସ୍ଥ୍ୟ ଶିବିର



**ବଡଚଣା, ୨୦।୭ (ସମିସ):** ରୋଟାରୀ କ୍ଲବ୍ ଭୁବନେଶ୍ୱର କନଫ୍ଲୁଏନସ ଆନୁକୂଲ୍ୟରେ ଛତିଆ ସ୍ଥିତ ସେବକ ଜରାଶ୍ରମଠାରେ ଆଜି ଏକ ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ରୁଦ୍ର ପ୍ରସନ୍ନ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜରାଶ୍ରମର ୧୫୦ ଅଧିକ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରାଯିବା ସହ ଉଚ୍ଚରକ୍ତ ଚାପ, ମଧୁମେହ ରୋଗୀଙ୍କ ନିମନ୍ତେ ଔଷଧ ବଣ୍ଟନ କରାଯାଇଥିଲା। ଏହି ଶିବିର ପରିଚାଳନାରେ କ୍ଲବ୍‌ର ବରିଷ୍ଠ ଡାକ୍ତର କଳିକୀଙ୍କର ସେନାପତି ଓ ଡାକ୍ତର ସୌଭିକ ସିଂହ ପରିଚାଳନା କରିଥିଲେ। କ୍ଲବ୍ ତରଫରୁ ମଧ୍ୟାହ୍ନରେ ଜରାଶ୍ରମର ସମସ୍ତ ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ ଅନ୍ନପୂର୍ଣ୍ଣା ଦିବସ ପାଳନ ଅବସରରେ ଅନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ଗଣେଶ୍ୱର ପ୍ରଧାନ, କୈଳାସ କାନୁନଗୋ, ବିଷ୍ଣୁ ଚରଣ ସାହୁ, ସୌମ୍ୟ ରଞ୍ଜନ ମିଶ୍ର, ସମ୍ପାଦକ ପ୍ରଣତ କିଶୋର ଜେନା, ପ୍ରିତ୍‌କୁମାର ଦାସ, ନୀଳାଚଳ ପ୍ରଧାନ, ବିଦ୍ୟୁତ୍ ସେଠୀ, ଅଭିଳାଷ ପତି ଓ ଉପେନ୍ଦ୍ର ପାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ମହାବିନାୟକ ସାହିତ୍ୟ ଉତ୍ସବ

# 'ଗଳ୍ପ ଆମ ଜନଜୀବନର ପ୍ରତିଛବି'

**ବଡଚଣା, ୨୦।୭ (ସମିସ)**

ଜୀବନ ଯେପରି ସରଳ ତରଳ, ସୁନ୍ଦର ଗଳ୍ପ ବି ସେହିପରି। ଗଳ୍ପ ଯାହା ଆମ ଜୀବନର ପ୍ରତିଛବି। ଆମେ ସେଥିରେ ଆମକୁ ଦେଖିପାରୁ। ଜୀବନର ଯାବତୀୟ ଜଟିଳତାରୁ ମୁକ୍ତି ପାଇଁ ଗଳ୍ପ ଆମକୁ ମାର୍ଗ ଦେଖାଇଥାଏ ବୋଲି ବିଶିଷ୍ଟ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଆଜି ଚଣ୍ଡିଖୋଲ ବିଜୁ କଲ୍ୟାଣ ମଣ୍ଡପ ଠାରେ 'ସାହିତ୍ୟ ଦର୍ପଣ' ପତ୍ରିକା ଆନୁକୂଲ୍ୟରେ ଆୟୋଜିତ ସପ୍ତମବାର୍ଷିକ ରାଜ୍ୟସ୍ତରୀୟ ମହାବିନାୟକ ସାହିତ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରି କହିଲେ ଯେ ଯାହା ଚିରନ୍ତନ ବାସ୍ତବତା ତାହା ହିଁ ଗଳ୍ପ ସାହିତ୍ୟର ମୂଳ ଭିତ୍ତିଭୂମି। ସେହି ଭିତ୍ତିଭୂମି ଆମକୁ ମାର୍ଗଦର୍ଶନ ଦେଇଥାଏ ବୋଲି ଶ୍ରୀ ଶତପଥୀ କହିଥିଲେ। ଅନ୍ୟତମ ଅତିଥି ଡ.




ଗିରିଶ ଚନ୍ଦ୍ର ସାହୁ ଯୋଗଦେଇ ମାଟି ଆଉ ମଣିଷର ଜୟଗାନ କରୁଥିବା ସାହିତ୍ୟ ହିଁ କାଳଜୟୀ ବୋଲି କହିଥିଲେ। ସାହିତ୍ୟ ଦର୍ପଣ ପତ୍ରିକାର ସମ୍ପାଦକ ବିମଳ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ କେନ୍ଦ୍ର ବାଲ ସାହିତ୍ୟ ପୁରସ୍କାର ବିଜେତା ଡ. ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଅତିଥିମାନେ ପତ୍ରିକା ଉନ୍ମୋଚନ କରିଥଲେ। ଏହି ଅବସରରେ ଗାଳ୍ପିକ ଅର୍ଜୁନ ପୃଷ୍ଟି, କବି ଶରତ ଚନ୍ଦ୍ର ପାତ୍ର, ଶିକ୍ଷାବିତ୍ ଡ. କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମ୍ମାନୀତ କରାଯାଇଥିଲା। ଅଭ୍ୟର୍ଥନା ସମିତି ସଭାପତି ସଞ୍ଜୟ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ପଦ୍ମଜା ଶରଣ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଗାଳ୍ପିକ ପବିତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗଳ୍ପ ପାଠ ଉତ୍ସବରେ ଗାଳ୍ପିକ ଚିତ୍ତରଞ୍ଜନ ଚିରଞ୍ଜିତ, ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ମାତୃଦତ୍ତ ମହାନ୍ତି, କ୍ଷୀରୋଦ ବିହାରୀ ବିଶ୍ୱାଳ, ଗିରିଶ ଚନ୍ଦ୍ର ସାହୁ, ଶରତ କୁମାର ସାହୁ, ସସ୍ମିତା ମହାନ୍ତି, ମିରୀନା ମହାନ୍ତି, ଅମରେଶ ବିଶ୍ୱାଳ, ଅର୍ଜୁନ ପୃଷ୍ଟି, ନିରୂପମା ପତି, ଲୋପାମୁଦ୍ରା ମଇକାପ, ରବି ପଣ୍ଡା, ଡ. ସ୍ମୃତି ପଟ୍ଟନାୟକ ପ୍ରମୁଖ ସ୍ୱରଚିତ ଗଳ୍ପ ପାଠ କରିଥଲେ। ନିହାରିକା ରଥ ଗଳ୍ପ ସଂଯୋଜନା କରିଥିବା ବେଳେ ସୁଶ୍ରୀ ସୀମା ସାହୁଙ୍କ କଣ୍ଠର ଯାଦୁରେ ଗଳ୍ପ ଓ ଗୀତର ଯୁଗଳ ବନ୍ଦୀ ବେଶ୍ ଉପଭୋଗ୍ୟ ହୋଇଥଲା। ସୁଶାନ୍ତ ସାହୁ, ସୁଶାନ୍ତ ନାୟକ, ଦୀପକ ମଲ୍ଲିକ, ନାରାୟଣ ନନ୍ଦ, ସେକ୍ ଆଲ୍ଲାଉଦିନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମ୍ପାଦକୀୟ



ଈଶ୍ୱର ଆରାଧନା ଅପେକ୍ଷା ସ୍ୱଧର୍ମ ନିୟମ ଅନୁପାଳନ କରିବା ଶ୍ରେୟସ୍କର।
-ଗୌତମ ବୁଦ୍ଧ

ସକାଳ THE SAKALA

## ନାରକୀୟ ଧାରା

ବାଲେଶ୍ୱର ଏଫ୍‌ଏମ୍ କଲେଜ୍ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଓ ମୃତ୍ୟୁ ନିଆଁ ପ୍ରଶମିତ ହୋଇ ନଥିବା ବେଳେ ବଲଙ୍ଗାରେ ଜଣେ ନାବାଳିକାଙ୍କୁ ଦୁର୍ବୃତ୍ତମାନେ ଜିଅନ୍ତା ଜାଳି ହତ୍ୟା ଉଦ୍ୟମ କରିଛନ୍ତି। ପୀଡ଼ିତା ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। କେତେ ଦିନ ପରେ ଅଭିଯୁକ୍ତ ଧରାପଡ଼ିବେ, କେବେ ଦୋଷୀ ସାବ୍ୟସ୍ତ ହେବେ, କି ଦଣ୍ଡବିଧାନ ହେବ, ରାଜ୍ୟ ରାଜନୀତି କେଉଁ ମୋଡ଼ ନେବ, ତାହା ଭିନ୍ନ କଥା। କିନ୍ତୁ ଲଗାତାର ନିଆଁ ଓ ଜୀବନ-ମୃତ୍ୟୁ ଭିତରେ ଆରମ୍ଭ ହୋଇଥିବା ଏହି ଅଭୂତପୂର୍ବ ନାରକୀୟ ଖେଳ ଶାନ୍ତିପ୍ରିୟ ଓଡ଼ିଶାକୁ ଯେ ଜାତୀୟସ୍ତରରେ ନିନ୍ଦିତ କରିଛି ଏହା ଲଜ୍ଜାର ସହିତ ସ୍ୱୀକାର କରିବାକୁ ପଡ଼ିବ। ଦୁର୍ଯୋଗବଶତଃ ଦୁଇଟିଯାକ ଘଟଣା ଶନିବାର ଦିନ ହିଁ ଘଟିଛି।

ଉପରୋକ୍ତ ଘଟଣାକୁ ରାଜନୀତି ବିଶାରଦମାନେ କେଉଁ ଦୃଷ୍ଟିରୁ ବିଶ୍ଳେଷଣ କରିବେ, କେଉଁ ନିଷ୍କର୍ଷରେ ପହଞ୍ଚିବେ ତାହା ଅନ୍ତେବହୁତ ବୁଝାପଡୁଛି। କିନ୍ତୁ ସମାଜବିଜ୍ଞାନୀଙ୍କ ମତରେ ଗୋପାଳପୁର ଗଣଦୁଷ୍କର୍ମ ଅଘଟଣରୁ ସଦ୍ୟତମ ବଲଙ୍ଗା ପର୍ଯ୍ୟନ୍ତ ଗତ ପ୍ରାୟ ଏକମାସର ଘଟଣାବଳୀକୁ ତର୍ଜମା କଲେ ରାଜ୍ୟରେ ସାମାଜିକ ମୂଲ୍ୟବୋଧର ଗୁରୁତର ଅବକ୍ଷୟ ଘଟିଚାଲିଛି। ଏହିସବୁ ଘଟଣାବଳୀକୁ ତର୍ଜମା କଲେ ଲାଗୁଛି ମଣିଷ ମାନବିକତା ହରାଇଛି ଏବଂ ଆଇନ, ବିଚାର, ଦଣ୍ଡବିଧାନ ପ୍ରତି ଭୟ ତା' ମନରୁ ଦୂରେଇ ଯାଇଛି। ଯଦି ଏହି ନାରକୀୟ ଧାରା ଜାରି ରହେ ତେବେ ଓଡ଼ିଶା ଖୁବ୍ ଶୀଘ୍ର ବିହାରର ଜଙ୍ଗଲୀରାଜ କିମ୍ବା ମଣିପୁର ହେବାକୁ ବେଶୀ ବିଳମ୍ବ ହେବ ନାହିଁ। ଯେତେବେଳେ ଜନତାଙ୍କ ମନରୁ ଆଇନ ଶୃଙ୍ଖଳାର ଭୟ ଦୂରେଇ ଯାଏ ସେତେବେଳେ ରାଜ୍ୟ କିମ୍ବା ଦେଶ ଅରାଜକତା ଦିଗକୁ ଯାଉଛି ବୋଲି ବୁଝାଯାଏ। ଓଡ଼ିଶା ପରିପ୍ରେକ୍ଷୀରେ ଏତେଶୀଘ୍ର କୌଣସି ନିଷ୍କର୍ଷରେ ପହଞ୍ଚିବା ଉଚିତ ନ ହେଲେ ମଧ୍ୟ ଅବଚେତନ ମନରେ ଏହି ଧାରଣାଟିଏ କ୍ରମଶଃ ଦୃଢ଼ୀଭୂତ ହେଉଛି।

ଅପରାଧର ଆୟୁଧ ଛୁରୀ, ଭୁଜାଲି, ଖଣ୍ଡା ଆଦିରୁ ବିଗତ ଶତାବ୍ଦୀର ଶେଷ ଦଶକରେ ଗୁଳିଗୋଳାର ରୂପ ନେଇ ଚଳିତ ଶତାବ୍ଦୀ ଆରମ୍ଭ ବେଳକୁ ଏସିଡ୍ ଆକ୍ରମଣରେ ପହଞ୍ଚିଥିଲା। ଏବେ କିନ୍ତୁ ବାଲେଶ୍ୱରରୁ ବଲଙ୍ଗା ପର୍ଯ୍ୟନ୍ତ ଘଟଣାକ୍ରମକୁ ଅନୁଶୀଳନ କଲେ ପେଟ୍ରୋଲ୍, କିରାସିନି ଆଦି ଦହନଶୀଳ ପଦାର୍ଥ ଅପରାଧର ନୂଆ ଆୟୁଧ ହୋଇଛି। ବୋଧହୁଏ ଅପରାଧୀ ଚାହୁଁଛି ତା' ଆଖିରେ ଶତ୍ରୁ ସାଜିଥିବା ବ୍ୟକ୍ତିଟିକୁ ସେ କେବଳ ହତ୍ୟା କରିବ ନାହିଁ, ବରଂ କଲବଲ କରି ହତ୍ୟା କରିବ। ହଠାତ୍ ଏ ପୈଶାଚିକ ମାନସିକତା ଜନ୍ମ ନେଲା କେଉଁଠୁ ଏବଂ କିପରି? ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏହାର ନିରାକରଣ ହେବ କେମିତି ଏବଂ କରିବ କିଏ? କେତେକ ମହଲର ମତ ଯେ ଏଭଳି ମାନସିକତାଧାରୀ ଦୁର୍ବୃତ୍ତଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଅପେକ୍ଷା ଏନ୍‌କାଉଣ୍ଟର ହତ୍ୟା ବା ଯେସାକୁ ତେସା ଭଳି ଦଣ୍ଡବିଧାନ ସର୍ବାଦୌ ଉଚିତ ବିକଳ୍ପ। ପୀଡ଼ିତ/ପୀଡ଼ିତାଙ୍କ ମଧ୍ୟ ସ୍ୱଚ୍ଛନ୍ଦରେ ସ୍ୱାଧୀନ ଭାବରେ ବଞ୍ଚିବାର ଅଧିକାର ଅଛି। ସେହି ଅଧିକାରର ଯିଏ ଯେଭଳି ହନନ କରୁଛି ତା'କୁ ସେଭଳି ଦଣ୍ଡିତ ନ କରିବା ପର୍ଯ୍ୟନ୍ତ ସମାଜର କଳୁଷିତ ମାନସିକତାରେ ସୁଧାର ଆସିବ ନାହିଁ। କିନ୍ତୁ ଏ ଦିଗରେ ପ୍ରତିବନ୍ଧକ ସାଜିଥିବା ବିଭିନ୍ନ ତଥାକଥିତ ସଂସ୍ଥାମାନେ ଏହା ହୃଦୟଙ୍ଗମ କରିବା ଦରକାର।

ବସ୍ତୁତଃ ଆଜି ଝିଅଟିଏ କିମ୍ବା ଯୁବତୀଟିଏ ଘରେ, ବାହାରେ, କାର୍ଯ୍ୟାଳୟରେ କେଉଁଠାରେ ମଧ୍ୟ ସୁରକ୍ଷିତ ନୁହେଁ। ଘରେ ପାରିବାରିକ ହିଂସା ବଢ଼ି ଚାଲୁଥିବା ବେଳେ କର୍ମକ୍ଷେତ୍ରରେ ଯୌନ ଓ ମାନସିକ ନିର୍ଯାତନା ଆଜିକାଲି ଏକ ସାଧାରଣ କଥା ହୋଇଗଲାଣି। ସବୁଠାରୁ ଉଦ୍‌ବେଗଜନକ ହୋଇଛି ମଣିଷ ଜୀବନରେ ଶିକ୍ଷା ଓ ଚାରିତ୍ରିକ ସଂସ୍କାରର ଭିତ୍ତି ଗଢୁଥିବା ପବିତ୍ର ଶିକ୍ଷାନୁଷ୍ଠାନମାନଙ୍କୁ ମଧ୍ୟ ଯୌନପିପାସା ସଂଚରି ଚାଲିଛି। ବାଲେଶ୍ୱର ଏଫ୍‌ଏମ୍ କଲେଜରେ ବିଭାଗୀୟ ମୁଖ୍ୟଙ୍କ ପରେ ସମ୍ବଲପୁର ଜିଏମ୍ କଲେଜ୍‌ର ଆଉ ଜଣେ ଅଧ୍ୟାପକଙ୍କ କଳାକାରନାମା ସାମ୍ନାକୁ ଆସିଛି। ସନ୍ଧ୍ୟା ୫.୩୦ ପରେ ଶିକ୍ଷାନୁଷ୍ଠାନ ପରିସରରେ କୌଣସି ମହିଳା ଅଧ୍ୟାପକ, ମହିଳା କର୍ମଚାରୀ କିମ୍ବା ଛାତ୍ରୀ ରହିପାରିବେ ନାହିଁ ବୋଲି ରାଜ୍ୟର ସ୍ୱନାମଧନ୍ୟ ରେଭେନ୍ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଦେଶନାମା ଜାରି(ବିରୋଧ ପରେ ପ୍ରତ୍ୟାହୃତ ହୋଇଛି) ପରେ ଶିକ୍ଷାନୁଷ୍ଠାନମାନଙ୍କରେ ଯେ ମହିଳା କିମ୍ବା ଛାତ୍ରୀ ସୁରକ୍ଷିତ ନୁହନ୍ତି ତାହା ଉପରେ ମୋହର ଲାଗିଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଭଳି ଘଟଣାମାନ ନିୟମିତ ଘଟିଚାଲିଛି, ଯାହା ଭିତରୁ କାଁ ଭାଁ ଗଣମାଧ୍ୟମରେ ପ୍ରକାଶ ପାଉଛି। ଏପରିକି ଅଧ୍ୟାପକ/ପ୍ରଧ୍ୟାପକମାନଙ୍କ ମାନସିକ ନିର୍ଯାତନାକୁ ସହି ନ ପାରି ଏବଂ ସେମାନଙ୍କ ଯୌନଲାଳସାକୁ ଚରିତାର୍ଥ ନ କରିପାରି ଅନେକ ମେଧାବୀ ଛାତ୍ରୀ ଅଧାରୁ ପାଠ ପଢ଼ା ଓ ଗବେଷଣାରୁ ଓହରି ଯିବାକୁ ବାଧ୍ୟ ହୋଇଥିବାର ଉଦାହରଣ ମଧ୍ୟ ବହୁଳ। ଚାରିକାନ୍ଥ ଭିତରେ ଯେଉଁଠି ଝିଅଟିଏ ସୁରକ୍ଷିତ ନୁହେଁ, ରାସ୍ତାଘାଟରେ ସୁରକ୍ଷା ବିଷୟ ଉଠୁଛି କେଉଁଠୁ? ତେବେ କ'ଣ ସମାଜ ପୁଣି ସେହି ମଧ୍ୟଯୁଗୀୟ ସମୟକୁ ଫେରିଯିବାକୁ ବାଧ୍ୟ ହେବ ଯେଉଁଠାରେ ମହିଳାମାନଙ୍କୁ ଲୌହପରଦା ଆଢୁଆଳରେ ରହିବାକୁ ପଡୁଥିଲା?

ଏଫ୍‌ଏମ୍ କଲେଜ୍ ଓ ଜିଏମ୍ କଲେଜରେ ଯୌନ ନିର୍ଯାତନା ଘଟଣା ପଦାକୁ ଆସିବା ପରେ ଯାଇ ବୋଧହୁଏ ସରକାର ଚେତିଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଛାତ୍ରୀଙ୍କ ନିରାପତ୍ତା ଲାଗି 'ଶକ୍ତିଶ୍ରୀ' ନାମରେ ଏକ ଯୋଜନା ଘୋଷଣା କରିଛି। ଏହି ଯୋଜନା କେବଳ ଦନ୍ତହୀନ ବ୍ୟାଘ୍ର ହୋଇ ରହିଯିବ କି ପ୍ରଭାବଶାଳୀ ହେବ ତାହା ରୂପାୟନ ଓ ଅଭିଯୋଗ ପରବର୍ତ୍ତୀ ତତ୍କାଳ କଠୋର କାର୍ଯ୍ୟାନୁଷ୍ଠାନ ଉପରେ ନିର୍ଭର କରୁଛି। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ସରକାରଙ୍କ ନିଷ୍ଠାର ଅଭାବ ଯୋଗୁଁ କଙ୍ଗ ଭଳି ଅମାନୁଷିକ କଳୁଷିତ ପରମ୍ପରା ଅନେକ କଠୋର କଟକଣା ସତ୍ତ୍ୱେ ପ୍ରାୟ ସବୁ ଶିକ୍ଷାନୁଷ୍ଠାନରେ ଜାରିରହିଛି। ତେଣୁ ଯୋଜନା ଅପେକ୍ଷା ରୂପାୟନ ହିଁ ଅଧିକ ଗୁରୁତ୍ୱ ରଖେ। ଆଶା ସରକାର ଏ ଦିଗଟିକୁ ଅଧିକ ଗୁରୁତ୍ୱ ଦେବେ।

ଯେତେବେଳେ ପ୍ରତିପତ୍ତି, ବାହୁବଳ ଓ ଅର୍ଥବଳ ଆଗରେ ସରକାରୀ ବ୍ୟବସ୍ଥା ଓ ଆଇନଶୃଙ୍ଖଳା ବିବଶ ହୋଇପଡ଼େ ସେତେବେଳେ ଜନଆକ୍ରୋଶ ଅତିକ୍ରିୟାର ରୂପ ନିଏ ଏବଂ 'ଗଙ୍ଗାଜଲ୍' ଭଳି ଚଳଚ୍ଚିତ୍ର କାହାଣୀର ଆଧାର ପାଲଟିଯାଏ। ଚଳଚ୍ଚିତ୍ରର କାହାଣୀ ଓ ବାସ୍ତବ ଜୀବନ ଭିତରେ ଆକାଶ ପାତାଳ ଫରକ୍ ଅଛି। କିନ୍ତୁ ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ପରିସ୍ଥିତି ଚାପରେ ଆକାଶ-ପାତାଳର ଦୂରତ୍ୱ ହ୍ରାସ ଘଟିବାରେ ବିଳମ୍ବ ହେବ ନାହିଁ ଏବଂ ଚଳଚ୍ଚିତ୍ରର କାହାଣୀ ବାସ୍ତବତାରେ ରୂପାୟନ ହେବ ନାହିଁ।

## ଏକ କରୁଣ ଆତ୍ମାହୁତିର ଆହ୍ୱାନ

**ସସ୍ମିତା କର**

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କର ଦୁଃଖଦ ମୃତ୍ୟୁ ସମଗ୍ର ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଆନ୍ଦୋଳିତ କରିଛି ଓଡ଼ିଶା ବାହାରେ ସଭ୍ୟ ମାନବସମାଜକୁ। ତିନିଦିନ ନ ପୂରୁଣୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଏକ ଛାତ୍ରୀଙ୍କ ଅଭିଯୋଗକ୍ରମେ ଶିକ୍ଷକଙ୍କର ଗିରଫଦାରୀ ଲଜ୍ଜିତ କରିଛି ସମାଜର ପଥପ୍ରଦର୍ଶକ, ପିଲାର ଭାଗ୍ୟନିର୍ମାତା ଗୁରୁସମ ଶିକ୍ଷକ ଗୋଷ୍ଠୀକୁ। ଏକ ଅନୁଧ୍ୟାନ କମିଟି ବସିବ, ଦୋଷୀକୁ କଠୋରରୁ କଠୋରତମ ଶାସ୍ତି ଦିଆଯିବାର ଧାରଣା ଜନମାନସରେ ସୃଷ୍ଟି କରାଯିବ। ଅବଶ୍ୟ ବର୍ତ୍ତମାନ ସୁଦ୍ଧା ଛାତ୍ରୀଙ୍କ ଅଭିଯୋଗ ଭିତ୍ତିରେ ତାଙ୍କୁ ଯୌନ ନିର୍ଯାତନା ଦେଉଥିବା ବିଭାଗୀୟ ମୁଖ୍ୟ ଏବଂ ସବୁ ଜାଣି ନୀରବ ରହିଥିବା ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବା ସହ ଗିରଫ କରାଯାଇଛି। ତେବେ ଏକ କୋମଳମତି ଛାତ୍ରୀର ଜୀବନ ପ୍ରଦୀପ ଲିଭିଯିବା ପରେ ଏଇସବୁ ଶାସ୍ତି କ'ଣ ଯଥେଷ୍ଟ ?

ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଂଶ ଶତାବ୍ଦୀର ଷାଠିଏ ଦଶକରେ ଗଠିତ କୋଠାରୀ ଆୟୋଗ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ- ଭାରତର ଭାଗ୍ୟ ତା'ର ଶ୍ରେଣୀଗୃହରେ ନିର୍ମିତ ହୋଇଥାଏ (ଦି ଡେଷ୍ଟିନି ଅଫ ଇଣ୍ଡିଆ ଇଜ୍ ଶେପ୍‌ଡ୍ ଇନ୍ ଇଟ୍‌ସ କ୍ଲାସରୁମ୍। ଅର୍ଥାତ, ଶ୍ରେଣୀରେ ବସିଥିବା ଆଜିର ବିଦ୍ୟାର୍ଥୀ ଭବିଷ୍ୟତରେ ଦେଶର ଶାସନଡୋରି ହାତକୁ ନିଏ, ରାଷ୍ଟ୍ରର ଭାଗ୍ୟ ଲେଖେ। ସେହି ବିଦ୍ୟାର୍ଥୀଙ୍କୁ ସମସ୍ତ ମାନବୀୟ ମୂଲ୍ୟବୋଧରେ ପରିପୂର୍ଣ୍ଣ କରିବାର ଦାୟିତ୍ୱ ହେଉଛି ଶିକ୍ଷକଙ୍କର। ଅତଃ ପ୍ରକୃତ ଅର୍ଥରେ ଶିକ୍ଷକ ହେଉଛନ୍ତି ରାଷ୍ଟ୍ରର ତ୍ରାଣକର୍ତ୍ତା, ଭାଗ୍ୟବିଧାତା। କିନ୍ତୁ ଯଦି ପଥପ୍ରଦର୍ଶକ ସ୍ୱୟଂ ହୁଏ ପଥଭ୍ରଷ୍ଟ, ଯଦି ଭାଗ୍ୟବିଧାତା ନିଜେ କରେ ଦୁର୍ଭାଗ୍ୟପୂର୍ଣ୍ଣ ଆଚରଣ, ତେବେ କ'ଣ ହେବ ଏ ଦେଶର ଭାଗ୍ୟ!

ବି.ଏଡ୍.କରି ହୁଏତ ଗୌରବମୟ ଶିକ୍ଷକ ବୃତ୍ତି ଆପଣେଇବାକୁ ସ୍ୱପ୍ନ ଦେଖୁଥିବା ସୌମ୍ୟାଶ୍ରୀ ନାମକ କଢ଼ିଟିଏ ସେଇ ଶିକ୍ଷକଙ୍କର ଯୌନଲାଳସାରୁ ବର୍ତ୍ତିବାର ସମସ୍ତ ଆଶା ହରାଇବା ପରେ ଜାଳିଦେଲା ନିଜକୁ। ଝଡ଼ିଗଲା ଅର୍ଦ୍ଧପ୍ରସ୍ଫୁଟିତ ଫୁଲଟିଏ ଅକାଳରେ। ସୌମ୍ୟାଶ୍ରୀଙ୍କର ଏହି ବଳିଦାନ ଆମକୁ ଖାଲି ସାମୟିକ ଭାବେ ବ୍ୟଥିତ କଲେ ହେବ ନାହିଁ। ଏମିତି ଅନେକ ସ୍ଥାନରେ ଅନେକ ସୌମ୍ୟାଶ୍ରୀ ଅଛନ୍ତି, ଯେଉଁମାନେ ଭୟ କିମ୍ବା ଲୋକଲଜ୍ଜା କାରଣରୁ ମୁହଁ ଖୋଲି ପାରୁନାହାନ୍ତି। ଯେମିତି ୨୦୦୬ରେ ଆରମ୍ଭ ହୋଇ ୨୦୧୭ରୁ ବିଶେଷଭାବେ ଆବୃତି ଲାଭକରିଥିବା 'ମି ଠୁ ମୁଭମେଣ୍ଟ' ଯେଉଁଠି ଜଣେ ମୁହଁ ଖୋଲିବା ପରେ ଅଗଣିତ ମହିଳା ତାଙ୍କ ଉପରେ ହୋଇଥିବା ଯୌନ ଉତ୍ପୀଡ଼ନର କାହାଣୀକୁ ଲୋକଲୋଚନକୁ ଆଣିଥିଲେ। ତେବେ ସେଇ ୨୦୧୭ରେ ଏବିସି ନିଉଜ୍ ଏବଂ ଦି ୱାସିଂଟନ ପୋଷ୍ଟ ଦ୍ୱାରା କରାଯାଇଥିବା ସର୍ଭେ ୫୪ ପ୍ରତିଶତ ଆମେରିକୀୟ ମହିଳା ଅସ୍ୱାଭାବିକ ବା ଅନିଚ୍ଛାକୃତ ଯୌନ ଲାଳସାର ଶିକାର ହେଉଥିବା ବେଳେ ପ୍ରାୟ ୯୫ ପ୍ରତିଶତ ଦୋଷୀକୁ କୌଣସି ଦଣ୍ଡ ଦିଆଯାଉନଥିବାର ରିପୋର୍ଟ କରିଥିଲେ।

ଏହି ମାମଲାରେ ମଧ୍ୟ ସାହସ ଯୁଟାଇ ଛାତ୍ରୀଜଣକ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଥିଲେ ଯାହାକୁ ଅଣଦେଖା କରାଯାଇଛି। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ରିପୋର୍ଟ ଅନୁଯାୟୀ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଶିକ୍ଷାର ପବିତ୍ର ସ୍ଥଳରେ ସେ ଅଧ୍ୟାପକ କାହିଁକି ଏମିତି ବିବେକଶୂନ୍ୟ କାମ କଲେ? କାହା ଚାପରେ ବା କେଉଁ ପରିସ୍ଥିତିରେ ପଡ଼ି ଅଧ୍ୟକ୍ଷ ଏମିତି ସ୍ପର୍ଶକାତର ଘଟଣାକୁ ଏଡ଼ାଇଗଲେ, ଯେଉଁଥିପାଇଁ ଅସହାୟ ଝିଅଟିଏ ବାପା ମା'ଙ୍କ କୋଳ ଖାଲି କରି ଚାଲିଗଲା ? ସେ କାଲିକୁ ହୁଏତ ଶହଶହ ପିଲାଙ୍କୁ ପାଠପଢ଼ାଇ ମଣିଷ କରିଥା'ନ୍ତା। ଘରସଂସାର ସମ୍ଭାଳିଥା'ନ୍ତା। କାହିଁ କେତେ ଯୁବାଙ୍କୁ ଦେଉଥା'ନ୍ତା ଆତ୍ମରକ୍ଷାର ତାଲିମ୍। କିନ୍ତୁ, ହାୟ ! ଆତ୍ମରକ୍ଷା ପ୍ରଶିକ୍ଷିକା ଜଣକ ଅକଥନୀୟ ନିର୍ଯାତନା ସହିନପାରି ଆତ୍ମାହୁତି ଦେଲା। ତା' ପରିବାରର ତଥା ସମାଜର ଏହି ଅପୂରଣୀୟ କ୍ଷତି କିଏ ଭରଣା କରିପାରିବ ?

ଆତ୍ମାହୁତି ଏକ ସହଜ କଥା ନୁହେଁ। ମନୋବିଜ୍ଞାନ କୁହେ ଅସହନୀୟ ମାନସିକ ଯନ୍ତ୍ରଣା ବହୁ ସମୟରେ ଆତ୍ମହତ୍ୟାକୁ ପ୍ରୋତ୍ସାହିତ କରିଥାଏ। ଅନ୍ୟକୁ ଆମେ ଯେତେ ସହଜରେ ବାଡ଼ାଉ ବା ଚିମୁଟିପାରୁ ନିଜକୁ ସେତେ ସହଜରେ କରିପାରୁନା। ବଞ୍ଚିବାର ସମସ୍ତ ବିକଳ୍ପ ବନ୍ଦ ହେବାପରେ ହିଁ ଜଣେ ଆତ୍ମହତ୍ୟା କଥା ଚିନ୍ତା କରେ। ତେଣୁ ଛାତ୍ରୀ ସୌମ୍ୟାଶ୍ରୀ କ୍ଷେତ୍ରରେ ମଧ୍ୟ ସେଇୟା ଘଟିଥିବା ଅନୁମାନ କରାଯାଏ। ନିଜ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ଅତ୍ୟାଚାରିତ ହେଲା ପରେ ସେ ଜଣାଇଛନ୍ତି ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ, ଗୁହାରି କରିଛନ୍ତି ଅନେକ ପଦାଧିକାରୀଙ୍କୁ। କେଉଁଠୁ କିଛି ସାହାଯ୍ୟ ସହଯୋଗ ନ ପାଇ ଆତ୍ମାହୁତି ପରି ଚରମ ନିଷ୍ପତ୍ତି ତାଙ୍କୁ ନେବାକୁ ପଡ଼ିଛି। ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ଏମ୍ସ ପରିସରରେ ତାଙ୍କର ମୃତ୍ୟୁ ଘଟିଛି। ସେ ଚିର ବିଦାୟ ନେଇଛନ୍ତି ତାଙ୍କୁ ଘେରି ରହିଥିବା ଏକ କୁତ୍ସିତ ପରିବେଶରୁ। ଅନ୍ୟାୟ ବିରୁଦ୍ଧରେ ସାହସର ସହ ଲଢ଼ି ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି ମେଧାବୀ ଛାତ୍ରୀ ସୌମ୍ୟାଶ୍ରୀ।

ତାଙ୍କର ମୃତ୍ୟୁ ପରେ ସରକାରଙ୍କର ଚେତା ପଶିଚି। ଦୋଷୀକୁ ସାଲିସବିହୀନ ଦଣ୍ଡ ଦିଆଯିବ ବୋଲି ଘୋଷଣା କରାଯାଇଛି। ମୃତ୍ୟୁ ପୂର୍ବରୁ କାହିଁକି ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହ ନିଆଗଲା ନାହିଁ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ କମିଟି (ଇଂଟରନାଲ କମ୍ପ୍ଲେଟ ସେଲ, ଆଇସିସି) ଏଚ୍‌ଓଡିଙ୍କୁ ପଦରୁ ହଟାଇବା ପାଇଁ ସୁପାରିସ କରିଥିବା ବେଳେ ତାଙ୍କୁ ହଟାଇବାକୁ ତୁରନ୍ତ ପଦକ୍ଷେପ ନିଆଗଲା ନାହିଁ କାହିଁକି ?

ସୌମ୍ୟାଶ୍ରୀ ମୃତ୍ୟୁ ଘଟଣା ପରେ ରାତାରାତି ଉଚ୍ଚଶିକ୍ଷା ବିଭାଗ ଆଇସିସିର କାର୍ଯ୍ୟକାରିତା ସମ୍ବନ୍ଧରେ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କଠାରୁ ଚବିଶଘଣ୍ଟା ମଧ୍ୟରେ ରିପୋର୍ଟ ତଲବ କରିଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁ.ଜି.ସି.) ୨୦୧୫ରେ ଆଇସିସି ଉପରେ ଦେଇଥିବା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଇସିସି ସଦସ୍ୟଙ୍କ ନାମ, ଫୋନ୍ ନମ୍ବର ଆଦି ତଥ୍ୟକୁ କ୍ୟାମ୍ପସର ପ୍ରମୁଖ ସ୍ଥାନମାନଙ୍କରେ ପ୍ରଦର୍ଶିତ କରାଯିବା ସହ ସମ୍ବନ୍ଧିତ ତଥ୍ୟ ହାୟର ଏଜୁକେସନ୍ ଆଣ୍ଡ ମ୍ୟାନେଜମେଣ୍ଟ ସିଷ୍ଟମ(ଏଚଇଏମଏସ୍) ପୋର୍ଟାଲରେ ଜିଓଟ୍ୟାଗ୍‌ଡ୍ ଫଟୋ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଆଇନ ୨୦୧୩ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ, କର୍ମଶାଳା ଆଦି ଆୟୋଜନ କରିବାକୁ ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଛି। ଫ୍ୟାକ୍ଟ ଫାଇଣ୍ଡିଙ୍ଗ କମିଟି ଗଢ଼ି ସାତଦିନ ଭିତରେ ରିପୋର୍ଟ ଦେବାକୁ ୟୁଜିସି ଆଗ୍ରହ ପ୍ରକାଶ କରିଛି। ଛାତ୍ରୀଙ୍କ ପରିବାରକୁ ସରକାର ସହାୟତା ରାଶି ଘୋଷଣା କରିଛନ୍ତି। ଏ ସବୁ ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ଏ ସମସ୍ତ କ୍ରିୟାନୁଷ୍ଠାନ ମୁଖ୍ୟତଃ ଆରମ୍ଭ ହୋଇଛି ଛାତ୍ରୀଙ୍କର ମୃତ୍ୟୁ ପରେ। ଏଭଳି ତତ୍ପରତା ଆଗରୁ ପ୍ରକାଶ ପାଇଥିଲେ ହୁଏତ ଏ ଅଘଟଣକୁ ରୋକାଯାଇ ପାରିଥା'ନ୍ତା। ନିଜ କଲେଜ କ୍ୟାମ୍ପସରେ ଜଳିଯିବା ଆମ ସମଗ୍ର ଶିକ୍ଷା ବ୍ୟବସ୍ଥାପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁ ନାହିଁକି ?

ପୁନଶ୍ଚ, ନିଆଁ ଲାଗି ଜୀବନ ବିକଳରେ ଦୌଡୁଥିବା ବେଳେ ଏତେ ବଡ଼ ଅନୁଷ୍ଠାନର ଛାତ୍ରଛାତ୍ରୀ, କର୍ମଚାରୀଗଣ ଯଦି ନିଜର ସାର୍ଟ, ଓଢ଼ଣୀ ଆଦି ଘୋଡ଼ାଇ ଦେଇଥା'ନ୍ତେ ବା ବାଲି ମୁଠାଏ ମୁଠାଏ ଫିଙ୍ଗି ଦେଇଥା'ନ୍ତେ ତା'ହେଲେ ହୁଏତ ପରିସ୍ଥିତି ଆଜି ଭିନ୍ନ ହୋଇଥା'ନ୍ତା। କେବଳ ଜ୍ୟୋତିପ୍ରକାଶ କାହିଁକି? କେଉଁଠି ହଜିଗଲା ଆମ ସମସ୍ତଙ୍କର ନୈତିକତା? ଜଳିଯାଉଥିବା ଝିଅଟିକୁ ଅସହାୟ ଭାବେ ଦେଖିବା, ମାନବିକତାର ସମସ୍ତ ସୀମା ଉଲଂଘନ କରି ତା'ର ଭିଡିଓ ଉତ୍ତୋଳନ କରିବା, ଏଇୟା କ'ଣ ଗୋଟେ ପ୍ରଖ୍ୟାତ ଶିକ୍ଷାନୁଷ୍ଠାନର ମୂଲ୍ୟବୋଧ ?

ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଖାଲି ଏକ ଦୁର୍ଘଟଣା ବା ଦୁଃଖଦ ମୃତ୍ୟୁ ନୁହେଁ। ଅନ୍ୟାୟ ବିରୁଦ୍ଧରେ ଲଢ଼ିବାର ସାହସ ରଖୁଥିବା ଏକ ଛାତ୍ରୀର ବଳିଦାନ, ଯାହାର ଦୁଇ ତିନିଦିନ ନ ପୂରୁଣୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସେମିତି ଏକ ଘଟଣା ସାମ୍ନାକୁ ଆସିଛି। ସମ୍ପୃକ୍ତ ଅଧ୍ୟାପକ ଗିରଫ ହୋଇଛନ୍ତି। ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ହୁଏତ ଏହିପରି ଶୋଷିତ ଛାତ୍ରୀଙ୍କୁ ନିର୍ଭୀକ ହୋଇ ଆଗକୁ ଆସିବାକୁ ସାହସ ଯୋଗାଇବ।

ଶିକ୍ଷା ଅନୁଷ୍ଠାନ ହେଉଛି ଜୀବନ ନିର୍ମାଣର ପବିତ୍ର ଦେବାଳୟ। ସମସ୍ତ ଅନୁଷ୍ଠାନର କର୍ତ୍ତୃପକ୍ଷ, ଶିକ୍ଷକ, ବିଦ୍ୟାର୍ଥୀ ସମସ୍ତେ ଆତ୍ମସମୀକ୍ଷା କରି ନିଜକୁ ଦେଖନ୍ତୁ। କୌଣସି ସମସ୍ୟାରେ ଥିଲେ ବିଦ୍ୟାର୍ଥୀମାନେ ବିଚଳିତ ନ ହୋଇ ସେ ବିଷୟରେ ଅନ୍ୟଙ୍କୁ ଅବଗତ କରାନ୍ତୁ। ପିତାମାତା, ଶିକ୍ଷକ, ସାଙ୍ଗସାଥିର କିଏ ନା କିଏ ତ ସାହାଯ୍ୟ କରିବାକୁ ଆଗେଇ ଆସିବ। ସହଯୋଗର ହାତ ବଢ଼ାଇବ। ସୌମ୍ୟାଶ୍ରୀଙ୍କ ବଳିଦାନ ବ୍ୟର୍ଥ ନ ଯାଉ। ଆଉ କେଉଁ ଅମୂଲ୍ୟ ଜୀବନ ଅକାଳରେ ଝଡ଼ି ନ ଯାଉ।

ଭୁବନେଶ୍ୱର, ମୋ-୬୩୭୦୧୯୮୫୦୮

## ବାସ୍ତବତାର ଦର୍ପଣ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ସେହି ମୁହୂର୍ତ୍ତ ଗର୍ବିତ ଥିଲା ଯେତେବେଳେ ଚନ୍ଦ୍ରାୟଣ-୩ ଚନ୍ଦ୍ରପୃଷ୍ଠରେ ଭାରତର ପତାକା ଉଡ଼ାଇ ବିଜ୍ଞାନର ନୂତନ ଶୀର୍ଷ ଛୁଇଁଥିଲା। ଠିକ୍ ସେହି ସମୟରେ ଭାରତର ଏକ ଗାଁରେ କିଛି ଲୋକ ଗୋଟିଏ ପରିବାରର ପାଞ୍ଚ ଜଣ ସଦସ୍ୟଙ୍କୁ ଡାହାଣୀ ଅଭିଯୋଗରେ ଜୀବନ୍ତ ଜାଳି ଦେଇଥିଲେ। ଏହି ଦୁଇଟି ଘଟଣା କୌଣସି କଳ୍ପନାର ନୁହେଁ ବରଂ ଆମ ସମୟ ଏବଂ ସମାଜର ଦୁଇଟି ପରସ୍ପର ବିରୋଧୀ ବାସ୍ତବତାର ଦର୍ପଣ। ଗୋଟିଏ ପଟେ ମହାକାଶରେ ବିଜୟ ଏବଂ ଅନ୍ୟପଟେ ଅନ୍ଧବିଶ୍ୱାସର ଚୁଲିରେ ଜଳୁଥିବା ମାନବତା। ବିହାରର ପୂର୍ଣ୍ଣିଆ ଜିଲ୍ଲାର ତେଟଗାମା ଗାଁରେ ତିନି ଜଣ ମହିଳା ଏବଂ ଦୁଇ ଜଣ ପୁରୁଷଙ୍କୁ ଡାହାଣୀ ସନ୍ଦେହରେ ପିଟି ପିଟି ସେମାନଙ୍କ ଉପରେ ପେଟ୍ରୋଲ ଢାଳି ଜୀବନ୍ତ ଜାଳି ଦିଆଯାଇଥିଲା। ପ୍ରାୟ ୧୫୦ ଜଣ ଏହି ଅମାନବୀୟ କାର୍ଯ୍ୟରେ ସାମିଲ ଥିଲେ। ଏହା କେବଳ ହତ୍ୟା ନଥିଲା ବରଂ ଆମର ସଂସ୍କୃତି ଏବଂ ସମ୍ବିଧାନ ଉଭୟରେ ଥିବା ସେହି ତାର୍କିକ ଚେତନାର ପରାଜୟ।

ଏହା କେବଳ ଗୋଟିଏ ଗାଁ କିମ୍ବା ରାଜ୍ୟର ସମସ୍ୟା ନୁହେଁ। ଓଡ଼ିଶାରେ ମଧ୍ୟ ଏଭଳି ଘଟଣା କମ୍ ନୁହେଁ। ଏହା ସେହି ଚିନ୍ତାଧାରାର ପ୍ରତିଫଳନ, ଯେଉଁଠାରେ ଆମେ ବିଜ୍ଞାନର ଦୀପ ନ ଜାଳି ଆଧୁନିକ ହେବାର ଭ୍ରମ ରଖିଥାଉ। ପ୍ରଯୁକ୍ତିବିଦ୍ୟା ପ୍ରଗତିରୁ ଲାଭ କେବଳ କିଛି ମହାନଗର ଏବଂ ଉଚ୍ଚବର୍ଗ ପର୍ଯ୍ୟନ୍ତ ସୀମିତ ରହିବ କି? ବୈଜ୍ଞାନିକ ଚିନ୍ତାଧାରା, ସମ୍ବେଦନଶୀଳତା ଏବଂ ମାନବାଧିକାର ପ୍ରତି ଚେତନା କ'ଣ ଗାଁ ପର୍ଯ୍ୟନ୍ତ ପହଞ୍ଚିଛି? ନା ଆଧୁନିକତା କେବଳ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସୁବିଧା ପର୍ଯ୍ୟନ୍ତ ସୀମିତ? ଏଭଳି ଘଟଣା କେବଳ ମାନବାଧିକାରର ଉଲ୍ଲଂଘନ ନୁହେଁ, ବରଂ ସମ୍ବିଧାନ ଏବଂ ଆଇନର ବିଫଳତା ମଧ୍ୟ। ଯେତେବେଳେ ସମଗ୍ର ଗାଁ ଏକ ଅମାନବୀୟ କାର୍ଯ୍ୟରେ ଜଡ଼ିତ ରହେ ଏବଂ ପୁଲିସ-ପ୍ରଶାସନ ନିଷ୍କ୍ରିୟ ହୁଏ, ସେତେବେଳେ ପ୍ରଶ୍ନ ଉଠେ ଗଣତନ୍ତ୍ରର ସ୍ତମ୍ଭ କେବଳ ନିର୍ବାଚନ ଏବଂ ଭାଷଣରେ ସୀମିତ କି? ପୁଲିସର ନିଷ୍କ୍ରିୟତା ଏବଂ ପ୍ରଶାସନର ଉଦାସୀନତା ଏହି ସମଗ୍ର ବ୍ୟବସ୍ଥା ପାଇଁ ଏକ ଗଭୀର ଆଘାତ। ଏହା ଦର୍ଶାଏ ଯେ ସାମ୍ବିଧାନିକ ଢାଞ୍ଚା ମଧ୍ୟରେ ଅନେକ ଫାଟ ଅଛି, ଯାହାକୁ ପୂରଣ କରିବାର ଦାୟିତ୍ୱ କେବଳ ସରକାରଙ୍କର ନୁହେଁ ବରଂ ସମଗ୍ର ସମାଜର।

ତର୍କ, ବିଜ୍ଞାନ ଏବଂ ଜ୍ଞାନ ଆମ ପୂର୍ବପୁରୁଷଙ୍କ ପରମ୍ପରାରେ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା। ଆର୍ଯ୍ୟଭଟ୍ଟ, ବରାହମିହିର, ଚରକ, ସୁଶ୍ରୁତ ଭଳି ନାମ କେବଳ ଐତିହାସିକ ନୁହେଁ, ବରଂ ଭାରତୀୟ ବୌଦ୍ଧିକ ପରମ୍ପରାର ମୂଳଦୁଆ। କିନ୍ତୁ ଆଜି କ'ଣ ସେମାନଙ୍କ ଚିନ୍ତାଧାରାର ଛାଇ ଆମ ଗାଁ ଏବଂ ସହର ପର୍ଯ୍ୟନ୍ତ ପହଞ୍ଚିଛି? ଯଦି ଜଣେ ମହିଳା ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେବା ପରିବର୍ତ୍ତେ ତାଙ୍କୁ ଡାହାଣୀ କହି ପୋଡ଼ି ଦିଆଯାଏ ତେବେ ଏହାର ଅର୍ଥ ହେଉଛି ଆମ ସମାଜ ଅତୀତର କୌଣସି ଏକ ଅନ୍ଧାର କୂଅରେ ପଡ଼ିରହିଛି। ଏହି ସମ୍ପୂର୍ଣ୍ଣ ଆଲୋଚନାରେ ଗଣମାଧ୍ୟମର ଭୂମିକା ମଧ୍ୟ ପରିସରକୁ ଆସେ। ଆଜିର ଗଣମାଧ୍ୟମ କେବଳ ଚାଞ୍ଚଲ୍ୟକର ସମ୍ବାଦ ପରିବେଷଣ ଉପରେ କେନ୍ଦ୍ରିତ। ଘଟଣାର ସମ୍ବେଦନଶୀଳତାକୁ ବୁଝିବା ପରିବର୍ତ୍ତେ ସେମାନେ ତାହାକୁ ଟିଆରପି ଦୌଡ଼ରେ ପରିଣତ କରନ୍ତି। ଅନ୍ଧବିଶ୍ୱାସ, ଅଜ୍ଞତା ଓ କପଟତାର ସମ୍ପୂର୍ଣ୍ଣ ବିନାଶ କରିବା ପାଇଁ ସେମାନେ କେବେ ଚେଷ୍ଟା କରିଛନ୍ତି କି? ସେମାନେ କେବଳ ଘଟଣାର କ୍ଲିପ୍ (ଭିଡିଓ) ତିଆରି କରନ୍ତି। ଭାବପ୍ରବଣତାକୁ ଉତ୍ତେଜିତ କରନ୍ତି। କିନ୍ତୁ କୌଣସି ଆଦର୍ଶଗତ ଆନ୍ଦୋଳନ ଆରମ୍ଭ କରନ୍ତି ନାହିଁ।

ଏପରି ଘଟଣାରେ ଉପସ୍ଥିତ ଜନତାଙ୍କ ସହିତ ଆହୁରି ଅଧିକ ଦାୟୀ ସେହି ଅନୁଷ୍ଠାନଗୁଡ଼ିକ, ଯେଉଁମାନେ ସମାଜକୁ ଦିଗଦର୍ଶନ ଦେବା ପାଇଁ ଉଦ୍ଦିଷ୍ଟ। ସେଗୁଡ଼ିକ ହେଲେ ଶିକ୍ଷାନୁଷ୍ଠାନ, ଧାର୍ମିକ ସଂଗଠନ, ପଞ୍ଚାୟତ ଓ ପ୍ରଶାସନିକ ବ୍ୟବସ୍ଥା। ଟିଭି ଚ୍ୟାନେଲଗୁଡ଼ିକ କେବଳ ଶାଶୂ-ବୋହୂ ନାଟକ ଦେଖାଇବା ପରିବର୍ତ୍ତେ 'ଯାଦୁମନ୍ତ୍ରବିଦ୍ୟା ବନ୍ଦ କର' ଭଳି ଅଭିଯାନକୁ ପ୍ରାଥମିକତା ଦେବା ଉଚିତ। ପ୍ରତି ମାସରେ ପଞ୍ଚାୟତରେ ତର୍କଭିତ୍ତିକ ଆଲୋଚନା ହେବା ଉଚିତ। ସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ଚେତନାର ପାଠ ମଧ୍ୟ ପଢ଼ାଯିବା ଉଚିତ।

ସନାତନ ପରମ୍ପରାର ମୌଳିକ ଉପାଦାନଗୁଡ଼ିକ ହେଉଛି କରୁଣା ଓ ଜ୍ଞାନ। ସମାଜରେ ସନାତନର ସେହି ମୂଲ୍ୟବୋଧଗୁଡ଼ିକୁ ପୁନଃସ୍ଥାପିତ କରିବାକୁ ପଡ଼ିବ, ଯାହା ପ୍ରତ୍ୟେକ ଜୀବରେ ଆତ୍ମାକୁ ଦେଖାଏ। ଭାରତ ବୈଷୟିକ ଦକ୍ଷତାର ପ୍ରତୀକ ଚନ୍ଦ୍ରାୟଣ-୩ ଯେତେବେଳେ ଚନ୍ଦ୍ରରେ ଅବତରଣ କରେ ସେତେବେଳେ ଭାରତର ଆତ୍ମା ମଧ୍ୟ ଆକାଶକୁ ସ୍ପର୍ଶ କରିବାକୁ ଆକାଂକ୍ଷା ରଖେ। କିନ୍ତୁ ଯେତେବେଳେ ଜଣେ ମହିଳାଙ୍କୁ ଡାହାଣୀ ଅଭିଯୋଗରେ ଜୀବନ୍ତ ଜଳାଇ ଦିଆଯାଏ ସେହି ଆତ୍ମା ଚିତ୍କାର କରେ। ଏହା ଆମ ସମୟର ବିରୋଧାଭାସ। ଗୋଟିଏ ପଟେ ବିଜ୍ଞାନ ଅନ୍ୟପଟେ ଅନ୍ଧବିଶ୍ୱାସ। ଗୋଟିଏ ପଟେ ମହାକାଶରେ ସଫଳତା ଅନ୍ୟପଟେ ସାମାଜିକ ଅବକ୍ଷୟ। ଭାରତର ଭବିଷ୍ୟତ ସେତେବେଳେ ସୁରକ୍ଷିତ ହେବ, ଯେତେବେଳେ ବିଜ୍ଞାନ ଓ ଜ୍ଞାନର ଆଲୋକ ପ୍ରତ୍ୟେକ ଗାଁ, ଘର ଏବଂ ମନରେ ପହଞ୍ଚିବ। 'ତମସୋ ମା ଜ୍ୟୋତିର୍ଗମୟ' କେବଳ ଏକ ଶ୍ଳୋକ ହେବା ଉଚିତ୍ ନୁହେଁ। ଏହା ଏକ ସାମାଜିକ ଅଭିଯାନ ହେବା ଉଚିତ୍। ଅଜ୍ଞତାରୁ ଜ୍ଞାନ, ଅନ୍ଧାରରୁ ଆଲୋକ, ହିଂସାରୁ କରୁଣା।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

### ଦକ୍ଷିଣ କବାଟ

**ସୌଭାଗ୍ୟସୁନ୍ଦର**

ଦକ୍ଷିଣ କବାଟ ଏକ ବଡ଼ ପର୍ଣ୍ଣମୋଚୀ ଗଛ, ଯାହା ଭାରତ ଓ ଶ୍ରୀଲଙ୍କାରେ ପ୍ରାୟ ସବୁଠାରେ ଦେଖାଯାଏ। ଏହା ଏକ ବହୁମୁଖୀ ବୃକ୍ଷ। ତେଣୁ ସାଧାରଣତଃ ସ୍ୱର୍ଗର ଉଦ୍ଭିଦ ଭାବରେ ଲୋକକଥା ରହିଛି। କିନ୍ତୁ ତାମିଲରେ ଏହାର ଅପ୍ରୀତିକର ଗନ୍ଧ ଯୋଗୁଁ ଏହାକୁ 'ପାଇ-ନାରି ମାରାମ' ବୋଲି କୁହାଯାଏ। ଏହା ସେହି ଅଞ୍ଚଳରେ ଭଲ ବଢ଼ିଥାଏ, ଯେଉଁଠାରେ ବାର୍ଷିକ ଦିନର ତାପମାତ୍ରା ୨୦ - ୪୦ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ଥାଏ, ତା'ଠାରୁ କମ୍ ବା ଅଧିକ ଉତ୍ତାପ ସହ୍ୟ କରିପାରେ ନାହିଁ। ସୀମା ଚିହ୍ନିତ କରିବା ଏବଂ ମୃତ୍ତିକା କ୍ଷୟକୁ ରୋକିବା ପାଇଁ 'ଦକ୍ଷିଣ କବାଟ' ଜମି ହିଡ଼ ଏବଂ ନଦୀର ଧାରରେ ଲଗାଯାଏ।

'ଦକ୍ଷିଣ କବାଟ' ପ୍ରାୟ ୧୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ଛାଲି ହାଲୁକା ଧୂସର-ବାଦାମୀ, ତନ୍ତୁମୟ କିମ୍ବା ଗ୍ରନ୍ଥଯୁକ୍ତ, ରୁକ୍ଷ, ଡାଳଗୁଡ଼ିକ ସ୍ଥାୟୀ ପତ୍ର ଦାଗ ସହିତ ଥାଏ। ଗଣ୍ଠିରୁ ଗୋଟିଏ ଲେଖା ପତ୍ର ବିକଳ୍ପ ଦିଗରେ ଉତ୍ପତ୍ତି ହୋଇଥାଏ। ୨୦-୮୦ ସେମି ଲମ୍ବ ବିଶିଷ୍ଟ ପତ୍ରଗୁଡ଼ିକର ଅଂଶର ଧାର ଅନିୟମିତ ଭାବରେ ଦନ୍ତଯୁକ୍ତ। ସବୁଜ-ହଳଦିଆ ରଙ୍ଗର ଫୁଲଗୁଡ଼ିକ ଏକଲିଙ୍ଗୀ, ଆୟତନରେ ଛୋଟ, ଅନେକ ଅକ୍ଷିରୀ କିମ୍ବା ଶେଷ ପ୍ୟାନିକେଲରେ ସଜ୍ଜିତ ଥାଏ, ଦୁର୍ଗନ୍ଧ ନିର୍ଗତ କରେ; ଫୁଲର ବାହ୍ୟ ଆବରଣ ବା ସେପାଲ୍ ୫ଟି ଏବଂ ପାଖୁଡ଼ା ୫ଟି ଲେଖା ଥାଏ। ଜାନୁଆରୀ-ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଫୁଲ ଫୁଟିଥାଏ ଏବଂ ଜୁଲାଇ ପର୍ଯ୍ୟନ୍ତ ଫଳ ଦେଇଥାଏ। ଫଳ ଏକବୀଜ ବିଶିଷ୍ଟ ସମାରା, ଚେପଟା, ୫ ସେମି ଲମ୍ବ।

ଆୟୁର୍ବେଦ, ଲୋକାଚାର ଏବଂ ସିଦ୍ଧ ପ୍ରଣାଳୀରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଉଦ୍ଭିଦ। ଗଛର ଅଠା ଓ ପତ୍ରରେ ପ୍ରାଥମିକତା ଭାବରେ ଆରୋଗ୍ୟ ଗୁଣ ଅଛି। ଗଛର ଛାଲ ତିକ୍ତ, ଆଣ୍ଟିସ୍ପାସ୍ମୋଡିକ୍, ଆଣ୍ଟିହେଲମିନ୍ଥକ, ଆଣ୍ଟିଆମୋଏବିକ୍, ଆଣ୍ଟିପ୍ଲାଜମୋଡିଆଲ୍, ଆଣ୍ଟି-ଇନ୍‌ଫ୍ଲାମେଟରୀ, ଆଣ୍ଟିଡାଇରିଆଲ୍, ଆଣ୍ଟିଫର୍ଟିଲିଟି, ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିସେପ୍ଟୋରାଣ୍ଟ ଗୁଣରେ ଭରପୂର। ଛାଲି ଏକ ଜ୍ୱରକ ଭାବରେ କାର୍ଯ୍ୟ କରେ। ବୃକ୍ଷର ବିଭିନ୍ନ ଅଂଶକୁ ଶ୍ୱାସରୋଗ, ପତଳା ଝାଡ଼ା, ପ୍ରସବ ପରବର୍ତ୍ତୀ ଟନିକ୍ ଏବଂ ପରବର୍ତ୍ତୀ ଯନ୍ତ୍ରଣା ଉପଶମ, ମଳକଣ୍ଟକ, ଲ୍ୟୁକୋରିଆ ଆଦିର ଉପଚାରରେ ଫଳପ୍ରଦ ବ୍ୟବହାର କରାଯାଏ। ଏହା ଏକ ଲାର୍ଗାକ୍ସିର, ଯାହା ସ୍କିଜୋଫ୍ରେନିଆ, ପାରାନୋଇଆ (ଭ୍ରମ ଏବଂ ଅତ୍ୟନ୍ତ ଚିନ୍ତିତ କିମ୍ବା ନର୍ଭସ ଅନୁଭବ କରିବା), ମାନିଆ (ଅତି ସକ୍ରିୟ ଆଚରଣ), ଚିନ୍ତା, ଉତ୍ତେଜନା ଏବଂ ବିପଜ୍ଜନକ ଭାବରେ ଆବେଗପୂର୍ଣ୍ଣ ଆଚରଣ ଆଦି ମାନସିକ ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଏହି ଗଛରେ ପ୍ରୋଟିନ୍, ଫ୍ୟାଟି ଏସିଡ୍ ଓ କାର୍ବୋହାଇଡ୍ରେଟ୍ ବ୍ୟତୀତ ଆଲକାଲଏଡ୍ ଓ ଫ୍ଲାଭୋନଏଡ୍ ଭଳି ଅନେକ ଫାଇଟୋକେମିକାଲ୍ ଥିବା ଜଣାଯାଏ। ଆଇଲାନ୍‌ଠଥଓନ୍, ଗ୍ଲୁକାରୁବିନୋନ୍ ଓ ଗ୍ଲୁକାରୁବୋଲ୍ ୧୫-ଆଇସୋଭାଲେରେଟ୍ ଏବଂ ଡିହାଇଡ୍ରୋଗ୍ଲୁକାରୁବୋଲ୍, ଆଇସୋଭାଲେରେଟ୍‌ର ମିଶ୍ରଣରେ ଭରପୂର ମୂଳ ଛାଲର ନିର୍ଯାସ ଟ୍ୟୁମର ଓ ସାଇଟୋଟକ୍ସିକ କାର୍ଯ୍ୟକଳାପ ପାଇଁ ଦାୟୀ ଯୌଗିକ ଭାବରେ ଦେଖାଯାଏ।

ବାୟୁମଣ୍ଡଳରେ ଝୁଲି ରହୁଥିବା ହାନିକାରକ ପିଏମ୍ କଣିକାକୁ ଧରି ରଖିବାରେ ଦକ୍ଷିଣ କବାଟ ସର୍ବୋତ୍ତମ ଦକ୍ଷ ବୃକ୍ଷ। ତେଣୁ ପ୍ରଦୂଷିତ ଅଞ୍ଚଳମାନଙ୍କରେ ଏହାକୁ ଲଗାଇବା ପାଇଁ ସୁପାରିସ କରାଯାଏ। ଫଳଟି ଖାଦ୍ୟ ଉପଯୋଗୀ ନୁହଁ। ତେଣୁ ଗୋରୁଗାଈ ଏହାକୁ ଖାଆନ୍ତି ନାହିଁ। କିନ୍ତୁ ସବୁଜ ସାର ପାଇଁ ଭଲ। ତେବେ ଏହାର ପତ୍ରଗୁଡ଼ିକ ଗାଈ, ଛେଳି, ମେଣ୍ଢା ଏବଂ ଓଟଙ୍କ ପାଇଁ ବିକଳ୍ପ ଖାଦ୍ୟ ଭାବରେ ବ୍ୟବହୃତ ହୁଏ। ଏହାର କାଠ ନରମ, ଦିଆସିଲି କାଠି ଏବଂ କାଠ ପ୍ୟାକେଜିଂ ବାକ୍ସ ଶିଳ୍ପ, ରାଜସ୍ଥାନୀ କଠଉ ଶିଳ୍ପ ଏବଂ କାଟାମାରାନ୍ (ଡଙ୍ଗା ଏବଂ ଜାହାଜରେ ବ୍ୟବହାର ଉପକରଣ) ନିର୍ମାଣ ପାଇଁ ବ୍ୟବହୃତ ହୁଏ। ଏହାକୁ ସୁରକ୍ଷିତ କୀଟନାଶକ ଭାବରେ ବିବେଚନା କରାଯାଇପାରିବ। ଏହାର ପରାଗରେ ଆଲର୍ଜେନିକ୍ ପ୍ରୋଟିନ୍ ମଧ୍ୟ ଥାଏ ଯାହା ବିଭିନ୍ନ ଶ୍ୱାସକ୍ରିୟା ରୋଗର କାରଣ ହୁଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପଲ୍ଲୀସଭାରେ ପୁଲିସର ଆକ୍ରମଣକୁ ନିନ୍ଦା

## ଆଦିବାସୀଙ୍କୁ ଦମନ ପାଇଁ ନୂତନ ପୁଲିସ ଜିଲ୍ଲା ଗଠନ: ମାସା

ବାରିପଦା/ରାଇରଙ୍ଗପୁର,୨୦।୭(ସମିସ): ରାଇରଙ୍ଗପୁର ବ୍ଲକ ଅଧୀନ ପୁରୁଣାପାଣି ପଞ୍ଚାୟତ କଣ୍ଟାବଣୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଇଡକୋ ନିମନ୍ତେ ଜମି ଅଧିଗ୍ରହଣ ଓ ରୁଙ୍ଗଟା କମ୍ପାନୀର ପ୍ରସ୍ତାବିତ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ନେଇ ଜନମତ ସଂଗ୍ରହ ପାଇଁ ଅନୁଷ୍ଠିତ ଗ୍ରାମସଭାରେ ଆଦିବାସୀଙ୍କୁ ପୁଲିସର ଆକ୍ରମଣକୁ ସବୁ ମହଲରେ ନିନ୍ଦା କରାଯାଇଛି। ଏଥିସହ ରାଇରଙ୍ଗପୁରକୁ ନୂତନ ପୁଲିସ ଜିଲ୍ଲା ଘୋଷଣା ଡବଲ ଇଞ୍ଜିନ ସରକାରଙ୍କ ଆଦିବାସୀଙ୍କୁ ଦମନ ଉଦ୍ଦେଶ୍ୟ ବୋଲି 'ମାସା'ର ରାଜ୍ୟ ଅଧ୍ୟକ୍ଷ ସୁକୁଲାଲ ମାରାଣ୍ଡି ଅଭିଯୋଗ କରିଛନ୍ତି। ଶ୍ରୀ ମାରାଣ୍ଡି ରବିବାର ସନ୍ଧ୍ୟାରେ ଆକ୍ରମଣ ଘଟଣାରେ ଜଡ଼ିତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ତତ୍‌ସହିତ ଜନମତରେ ଶିଳ୍ପକୁ ବିରୋଧ କରୁଥିବା ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ସରକାର ଜମି ଅଧିଗ୍ରହଣରୁ ନ ଦୂରେଇଲେ ବ୍ୟାପକ ଆନ୍ଦୋଳନ ଚେତାବନୀ ଦେଇଛନ୍ତି ।

ସୂଚନାଯୋଗ୍ୟ, ଜମି ଅଧିଗ୍ରହଣ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ପଲ୍ଲୀସଭାରେ ପ୍ରଶାସନ ପକ୍ଷରୁ ପକ୍ଷପାତିତା କରାଯାଉଥିବା ଅଭିଯୋଗରେ ଶନିବାର ସନ୍ଧ୍ୟାରେ ଉପସ୍ଥିତ ଜନସାଧାରଣ ଉତ୍ତ୍ୟକ୍ତ ହୋଇଥିଲେ। ଅଭିଯୋଗ ଅନୁସାରେ ସପକ୍ଷବାଦୀଙ୍କ ଦସ୍ତଖତ ସଂଗ୍ରହ କରାଯାଇଥିବା ବେଳେ ବିପକ୍ଷବାଦୀଙ୍କ ଦସ୍ତଖତ ଗ୍ରହଣ କରା ନଯାଇ ଗ୍ରାମସଭାସ୍ଥଳରୁ ଜନମତ ସଂଗ୍ରହ ଖାତା ଧରି ରାଇରଙ୍ଗପୁର ବିଡିଓ ଲୁଚି ପଳାଇଥିଲେ। ଫଳରେ କଣ୍ଟାବଣୀ ଗ୍ରାମବାସୀ ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜନମତ ଖାତା ଦେଖାଇବାକୁ



ଅଡ଼ି ବସିଥିଲେ ଏବଂ ଫଳାଫଳ ଜଣାଇବାକୁ ଦାବି କରିଥିଲେ। ଗ୍ରାମସଭା ସକାଳ ୧୦ଟା ସମୟରୁ ଆରମ୍ଭ ହୋଇଥିବା ବେଳେ ରାତି ୮ଟା ପର୍ଯ୍ୟନ୍ତ ଉତ୍ତେଜନା ପୂର୍ଣ୍ଣ ଛକ୍କାପଞ୍ଝା ଚାଲିଥିଲା। ପରେ ପୁଲିସ ପ୍ରଶାସନ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ପରିସରରୁ ଗ୍ରାମବାସୀଙ୍କୁ ବାହାରି ଯିବାକୁ କହିଥିଲେ। ମାତ୍ର ଲୋକେ ଫଳାଫଳ ନଜାଣି ସେଠାରୁ ହଟିବାକୁ ରାଜି ହୋଇ ନଥିଲେ। ଫଳରେ ବ୍ଲକ ପରିସରରୁ ଲାଇଟ୍‌କୁ ବନ୍ଦ କରାଯିବା ସହିତ ସେଠାରେ ଉପସ୍ଥିତ ଥିବା ମହିଳା, ପୁରୁଷମାନଙ୍କୁ ଜବରଦସ୍ତ ଧକ୍କାଦେଇ ବାହାର କରିବାକୁ ଉଦ୍ୟମ କରିଥିଲା ପୁଲିସ୍। ପୁରୁଷ ପୁଲିସମାନେ ମହିଳାମାନଙ୍କୁ ଧକ୍କା ଦେବା ସହ ଦୁର୍ବ୍ୟବହାର ମଧ୍ୟ କରିଥିଲେ।

ଘଟଣାକୁ ସେଠାରେ ଉପସ୍ଥିତ ଥିବା ଟ୍ରାଇବ ଟିଭିର ପ୍ରତିନିଧି ବାରିଆଲ ହେମ୍ବ୍ରମ ଏସବୁ ଦୃଶ୍ୟ ଉତ୍ତୋଳନ କରୁଥିବା ବେଳେ ରାଇରଙ୍ଗପୁର ଏସ୍‌ଡିପିଓଙ୍କ ଆଦେଶ କ୍ରମେ ତାଙ୍କୁ ଟାର୍ଗେଟ କରାଯାଇଥିଲା। ପୁଲିସ କର୍ମଚାରୀଙ୍କ ଦ୍ୱାରା ମୋବାଇଲ ଛଡ଼ାଇ ନେବାକୁ ଉଦ୍ୟମ କରାଯିବା ସହ ତଳେ ପକାଇ ଲାଠିରେ ମାଡ଼ ମରାଯାଇଥିଲା। ଏଥିରେ ତାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। କୌଣସି ମତେ ସେ ସେଠାରୁ ଖସି ପଳାଇବାରେ ସଫଳ ହୋଇଥିବା ବେଳେ ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବାରିପଦା ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାକୁ ରାଇରଙ୍ଗପୁର ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ନିନ୍ଦା କରାଯିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି। ନିରୀହ ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର କରାଯିବା ଉଦ୍ଦେଶ୍ୟରେ ପୁଲିସ ପ୍ରଶାସନର ଆକ୍ରମଣର କାର୍ଯ୍ୟଧାରାକୁ ନିନ୍ଦା କରାଯାଇଥିଲା। ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ପ୍ରତିନିଧି ଯଦି ସୁରକ୍ଷିତ ନୁହନ୍ତି ତେବେ ସାଧାରଣ ଜନତା କେତେ ସୁରକ୍ଷିତ ବୋଲି ସମସ୍ତେ ପ୍ରଶ୍ନ କରିଛନ୍ତି।

ସେହିପରି ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ ସଂଗଠନର ବହଳଦା ବ୍ଲକ୍ ସଭାପତି ପିତାମ୍ବର ମୁର୍ମୁ ଓ ମାସା ଆର୍ମୀ ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁକଲାଲ ମାର୍ଣ୍ଡି, ମୟୂରଭଞ୍ଜ ପିଡ ପାରଗାନା ମାହାଲ ସଦସ୍ୟ, ଜିଲ୍ଲା ପରିଷଦ ପରେଶ ଚନ୍ଦ୍ର ମୁଣ୍ଡା, ପଶ୍ଚିମ ମୟୂରଭଞ୍ଜ କଂଗ୍ରେସ ଦଳର ସଭାପତି ଭବନ ବିହାରୀ ସାହୁ, ଓଡ଼ିଶା ଆଦିବାସୀ ମର୍ଚ୍ଚା ସଭାପତି ତଥା କେନ୍ଦୁଝରର ପୂର୍ବତନ ସାଂସଦ ଅନନ୍ତ ନାରାୟଣ ସିଂ ଲାଗୁରୀ, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, କଂଗ୍ରେସ ନେତା ରୂପକ ମହାନ୍ତି, ଲକ୍ଷ୍ମଣ ହେମ୍ବ୍ରମ, ଭାଗବତ ମାଝୀ, ଆଦିବାସୀ ସୋସିଓ ଏଜୁକେଶନର ମାଝୀ ପାରଗାନା ସହିତ ସଭାପତି ଶ୍ରୀ ହେମ୍ବ୍ରମ, ସମ୍ପାଦକ ଜିତେନ୍ଦ୍ର ହାଁସଦାଃ, ସାଲୁ କିସ୍କୁ ଓ ବିଭିନ୍ନ ଦଳର ଅନ୍ୟାନ୍ୟ ସଦସ୍ୟଙ୍କ ସହ ପହଞ୍ଚି ପୁଲିସ୍ ମାଡ଼ରେ ଆହତ ଗଣମାଧ୍ୟମ ପ୍ରତିନିଧି ବାରିଆଲ ହେମ୍ବ୍ରମଙ୍କ ସହ ଘଟଣା ବିଷୟରେ ଆଲୋଚନା କରିବା ସହିତ ଆଶୁ ଆରୋଗ୍ୟ କାମନା କରିଥିଲେ।

ପୁଲିସ୍‌ର ଏହି ବର୍ବର ଆକ୍ରମଣ ଘଟଣାକୁ ନିନ୍ଦା କରିଥିଲେ। ଶିଳ୍ପ ପ୍ରତିଷ୍ଠା ନେଇ ପ୍ରଶାସନ ପକ୍ଷରୁ ନିରପେକ୍ଷ ଭାବେ ଜନମତ ସଂଗ୍ରହ କରାଯିବା ଉଚିତ୍। ତେବେ ସର୍ବ ସମ୍ମୁଖରେ ଶିଳ୍ପପତିଙ୍କ ସପକ୍ଷରେ ଚଞ୍ଚକତା କରାଯିବା ସହିତ ଗ୍ରାମବାସୀଙ୍କ ଉପରେ ଆକ୍ରମଣ କରାଯାଇଥିବା ଘଟଣା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯିବ ବୋଲି ପ୍ରକାଶ କରିଥିଲେ। ଘଟଣାରେ ପୁଲିସ ପକ୍ଷରୁ ଗ୍ରାମବାସୀଙ୍କ ବିରୋଧରେ ମାମଲା ରୁଜୁ କରାଯିବାକୁ ମଧ୍ୟ ସମସ୍ତେ ନାପସନ୍ଦ କରିଛନ୍ତି। ଅତିରିକ୍ତ ଏସପି ଯଦୁନାଥ ଯେନାଙ୍କ ନେତୃତ୍ୱରେ ଶାନ୍ତି ବଜାୟ ପାଇଁ ପୁଲିସ ସମ୍ପୃକ୍ତ ଅଞ୍ଚଳରେ ପାଟ୍ରୋଲିଂକୁ ଜୋର୍‌ଦାର କରିଛନ୍ତି।

■ ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା ଘଟଣା

# ବଲାଙ୍ଗୀର ଥାନା ଘେରିଲା ବିଜେଡି

ବଲାଙ୍ଗୀର, ୨୦।୭ (ସମିସ): ବଲାଙ୍ଗୀର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଦେହରେ ଦୁର୍ବୃତ୍ତ ନିଆଁ ଲଗାଇଦେବା ଘଟଣାରେ ଆଜି ବିଜେଡି ବଲାଙ୍ଗୀର ଥାନା ଘେରାଉ କରିଛି। ବିଜେଡିର ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, ବିଜେଡି ନେତା ପ୍ରଦୀପ ମାଝୀ, ନିମାପଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ, ସୁବ୍ରତ ଛାଟୋଇ, ରୁଦ୍ରପ୍ରସାଦ ମହାରଥୀ, ତୁକୁନି ସାହୁ, ଲେଖାଶ୍ରୀ ସାମନ୍ତରାୟ, ରାଜଶ୍ରୀ ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ ବଲାଙ୍ଗୀର ଥାନାକୁ ଘେରାଉ

**ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ଓ କୁଶପୁତ୍ତଳିକା ଦାହ**

କରିଥିଲେ। ପରେ ବିଜେଡି କର୍ମୀମାନେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ଥାନା ଆଗରେ ସେମାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

ଏହି ଅବସରରେ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଘଟଣାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଗଲେ ହେଁ ପୁଲିସ୍ ଏଯାଏଁ କାହାରିକୁ ଗିରଫ କରିବା ତ ଦୂରର କଥା, ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିପାରିନାହିଁ। ପୁଲିସ୍ ଖାଲି ଅନ୍ଧାରରେ ବାଡ଼ି ବୁଲାଉଛି ବୋଲି ଆନ୍ଦୋଳନକାରୀମାନେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ, ଏହି ଘଟଣାରେ ବଲାଙ୍ଗୀର ପୁଲିସ ସନ୍ଦେହରେ ୩ ଜଣଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରୁଛି।

ବିଜେଡି ପକ୍ଷରୁ ବଲାଙ୍ଗୀର ବଜାରରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କର୍ମୀମାନେ ବଲାଙ୍ଗୀର ବଜାର ଏକ ରାଲି କରି ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଏଥିରେ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ କହିଥିଲେ ଯେ ରାଜ୍ୟରେ ବିଜେପି ସରକାରର ଅପାରଗତା ଯୋଗୁଁ ଗତ ୧ ବର୍ଷ ମଧ୍ୟରେ ୩ ହଜାରରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନାର ଶିକାର ହୋଇ ପ୍ରାଣ ହରାଇଲେଣି। ପ୍ରତିଦିନ ନାରୀ ଅତ୍ୟାଚାରର ଶିକାର ହେଉଛି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେ କହିଥିଲେ। ବିଜେଡି ନେତା ପ୍ରଦୀପ ମାଝୀ କହିଛନ୍ତି, ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଘଟଣାକୁ ଦିନ କେଇଟା ଯାଇନଥିବା ବେଳେ ବଲାଙ୍ଗୀରରେ ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ରୂପେ ଦାୟୀ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ପୁଲିସ୍ ଅଭିଯୁକ୍ତମାନଙ୍କୁ ନ ଧରିଲେ, ଭୁବନେଶ୍ୱରରେ ରାଜଭବନକୁ ଅଚଳ କରାଯିବ ବୋଲି ଦଳ ଚେତାବନୀ ଦେଇଛି।

**AFFIDAVIT**
By virtue of an affidavit before the Notary Public, Jeypore, Koraput. I NABANEETA PANDA, W/o Subrat Kumar Panda, resident of K B S D Road, Near Jagannath Temple, Po/PS - Jeypore, Dt- Koraput, Odisha -764001 declare by this Affidavit No.564, Dated - 20/07/2025,that now onwards I shall be known as **NABANITA PANDA** for all future purpose.

**AFFIDAVIT**
By virtue of an affidavit before the Notary Public, Jeypore, Koraput. I, PAILU JAGADISHWAR, S/o PAILU NEELAKANTHA, resident of Pailu Sarbeswar Marg, Po/ PS -Borigumma, Dt- Koraput -764 056, Odisha declare by this Affidavit No.3184, Dated - 16/07/2025,that now onwards I shall be known as **P.JAGADISWAR** for all future purpose.

**AFFIDAVIT**
I declare that my name is **Mumtaz Khatoon**, D/o- Mohiuddin Khan, resident of Vill- Manapur, Po- Bisanpur, Ps- Jkrushnanandapur, Dist- Jagatsinghpur, Odisha my actually DOB is **07.11.2002**, but wrongly in my Aadhaar Card No- 9317 1877 1508, my name is written as **Mamataj Beggum**, D/o- Mohiuddin and my DOB is **2003**. Henceforth, I shall be known as **Mumtaz Khatoon**, D/o- Mohiuddin Khan and DOB- 07.11.2002 in all and everywhere in this name from now.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଧାନସଭାରେ ଗେମ୍ ଖେଳିଲେ...

ବସି ମୋବାଇଲ ଗେମ୍ ଖେଳୁଛନ୍ତି। ଏହା ସବୁଠୁ ଲଜ୍ଜାଜନକ। ସେ ଏହି ପ୍ରସଙ୍ଗରେ ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଏନସିପି (ଏସ୍‌ପି) ବିଧାୟକ ରୋହିତ ପାୱାର କହିଛନ୍ତି ଯେ ରାଜ୍ୟରେ ଚାଷୀ ଆତ୍ମହତ୍ୟା କରୁଥିବାବେଳେ ସରକାର ଶୋଇଛନ୍ତି। ଫସଲ ବୀମା ସମସ୍ୟା ହେଉ କି ଋଣଛାଡ଼ କିମ୍ବା ଫସଲର ଉଚିତ ଦାମ ଦେବାକୁ ସରକାର ଧ୍ୟାନ ଦେଉନାହାନ୍ତି। କିନ୍ତୁ ସଦନରେ ଗେମ୍ ଖେଳିବାକୁ ମନ୍ତ୍ରୀଙ୍କ ପାଖରେ ସମୟ ଅଛି। କ୍ଷମତାସୀନ ଲୋକ ବିଜେପି ଅନୁମତି ବିନା କୌଣସି ନିଷ୍ପତ୍ତି ନେଇ ପାରୁନାହାନ୍ତି। ମନ୍ତ୍ରୀମାନେ ଚାଷୀଙ୍କ ଦୁଃଖ କେବେ ଶୁଣିବେ?

### ଓଡ଼ିଶା, ବିହାର...

ଗୋପାଳପୁରରେ ଛାତ୍ରୀଙ୍କୁ ଦୁଷ୍କର୍ମ, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମଦାହ ଏବଂ ବଲାଙ୍ଗୀରରେ ନାବାଳିକାକୁ ଦୁର୍ବୃତ୍ତ ଜିଅନ୍ତା ଜାଳିଦେବା ଘଟଣା ନେଇ ଓଡ଼ିଶା ଅଶାନ୍ତ ହୋଇଉଠିଛି।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ନିୟମ ଓ ପରମ୍ପରା ଅନୁଯାୟୀ ସରକାର ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହିତ ଉତ୍ତର ଦେବାକୁ ବି ପ୍ରସ୍ତୁତ ଅଛନ୍ତି। ଶୃଙ୍ଖଳିତ ଗୃହ ପରିଚାଳନାରେ ସେ ବିରୋଧୀଙ୍କ ସହଯୋଗ ଲୋଡ଼ିବା ସହିତ ସରକାର ଓ ବିରୋଧୀ ଦଳ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଲେ ଯେ କେବଳ ପହଲଗାମ ଓ ଅପରେସନ ସିନ୍ଦୂର ନୁହେଁ, ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଏହା ନିୟମ ଓ ପରମ୍ପରା ଅନୁଯାୟୀ ହିଁ ହେବ। ବିହାର ଓ ଟ୍ରମ୍ପ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦୀ ନିଜେ ସଂସଦ ଆରେ ଉପସ୍ଥିତ ରହି ଉତ୍ତର ଦିଅନ୍ତୁ ବୋଲି ବିରୋଧୀଙ୍କ ଦାବି ସଂପର୍କରେ ସେ କହିଲେ ଯେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ଉପସ୍ଥିତ ରହନ୍ତି।

ମନ୍ତ୍ରୀ ଆହୁରି କହିଲେ ଯେ ଘରୁ ନଗଦ ଟଙ୍କା ଜବତ ମାମଲାରେ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶବନ୍ତ ବର୍ମାଙ୍କୁ ବହିଷ୍କାର କରିବା ଲାଗି ଚଳିତ ଅଧିବେଶନରେ ମହାଭିଯୋଗ ପ୍ରସ୍ତାବ ଅଣାଯିବ। ଏହି ପ୍ରସଙ୍ଗରେ ସବୁ ଦଳ ଏକମତ ଅଛନ୍ତି। ମହାଭିଯୋଗ ପାଇଁ ଶହେରୁ ଅଧିକ ସାଂସଦ ପ୍ରସ୍ତାବରେ ଦସ୍ତଖତ କରିସାରିଲେଣି। ଏହି ଅଧିବେଶନରେ ୧୭ଟି ବିଲ୍ ଆଗତ କରାଯିବ। ଆଜିର ସର୍ବଦଳୀୟ ବୈଠକରେ ୫୧ଟି ରାଜନୈତିକ ଦଳର ୫୪ ସଭ୍ୟ ଉପସ୍ଥିତ ଥିଲେ ବୋଲି ସେ କହିଛନ୍ତି।

### ଡିଏଫ୍‌ଓ ନା...

କୋର୍ଟରୁ ଅନୁମତି ଆଣି ଆଜି ଭିଜିଲାନ୍ସ ଚଢ଼ଉ କରିଛି।

ଭିଜିଲାନ୍ସ ଠାବ କରିଥିବା ୧୧୫ଟି ପ୍ଲଟ୍ ମଧ୍ୟରୁ ୫୩ ପ୍ଲଟ୍ ତାଙ୍କ ନାମରେ ଥିବା ବେଳେ ୪୭ଟି ପ୍ଲଟ୍ ତାଙ୍କ ପତ୍ନୀ ନାମରେ ରହିଛି। ୧୨ଟି ପ୍ଲଟ୍ ତାଙ୍କର ଦୁଇ ପୁଅଙ୍କ ନାମରେ ଏବଂ ୪ଟି ପ୍ଲଟ୍ ତାଙ୍କ ଝିଅ ନାମରେ ରହିଛି। ସବୁ ପ୍ଲଟ୍‌କୁ ଅନୁଗୋଳ ଜିଲ୍ଲା ଛେଣ୍ଡିପଦାରେ କିଣିଛନ୍ତି ଡିଏଫ୍‌ଓ ନିତ୍ୟାନନ୍ଦ। ଅନୁଗୁଳରେ ବାବୁଙ୍କର ଗୋଟିଏ ୪ତାଲା ବହୁତଳ କୋଠା ଠାବ କରାଯାଇଛି। ୧୯୯୨ରେ ରେଞ୍ଜ ଅଫିସର ଭାବେ ସରକାରୀ ଚାକିରି ଆରମ୍ଭ କରିବା ପରଠାରୁ ୨୦୨୪ ମଧ୍ୟରେ ନିତ୍ୟାନନ୍ଦ ଏହି ସବୁ ପ୍ଲଟ୍ କିଣିଛନ୍ତି। ଛେଣ୍ଡିପଦାରେ ୧୯୯୨ରୁ ୨୦୦୬ରେ ରେଞ୍ଜର ଥିବା ବେଳେ ସେ ୭ଟି ପ୍ଲଟ୍ କିଣିଥିଲେ। ୨୦୦୭ରୁ ୨୦୧୫ରେ ନୂଆପଡ଼ା ଡିଭିଜନରେ ରେଞ୍ଜର ଅଫିସର ଥିବା ବେଳେ ୬୪ଟି ପ୍ଲଟ୍ କିଣିଥିଲେ। ୨୦୧୫ରୁ ୨୦୨୨ରେ ରାୟଗଡ଼ା ଫରେଷ୍ଟ ଡିଭିଜନରେ ସହକାରୀ ବନ ସଂରକ୍ଷକ ଥିବା ବେଳେ ୩୧ଟି ପ୍ଲଟ୍ କରିଥିଲେ। ୨୦୨୨ରୁ ୨୦୨୪ରେ ଭୁବନେଶ୍ୱର ପିସିସିଏଫ ଅଫିସରେ ଉପ ବନ ସଂରକ୍ଷକ ଥିବା ବେଳେ ୮ଟି ପ୍ଲଟ୍ କିଣିଛନ୍ତି। ଆହୁରି ମଧ୍ୟ ୨୦୨୪ ଜାନୁଆରୀ ୧୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ସେ ୩ଟି ପ୍ଲଟ୍ କିଣିଥିବା ଭିଜିଲାନ୍ସ ତଦନ୍ତରୁ ଜାଣିବାକୁ ପାଇଛି। ଠାବ ହୋଇଥିବା ଜମିର ମୂଲ୍ୟ ୨.୫କୋଟି ହେବ ବୋଲି ଭିଜିଲାନ୍ସ କହିଛି। ଏହି ଜମିର ସଠିକ୍‌ମୂଲ୍ୟ ପାଇଁ ଭିଜିଲାନ୍ସର ଟେକ୍ନିକାଲ ଟିମ୍ ଆକଳନ କରୁଛନ୍ତି।

ତାଙ୍କ ଘରୁ ଚଢ଼ଉ ସମୟରେ ୧.୫୫ ଲକ୍ଷ ଟଙ୍କା ଜବତ କରାଯାଇଥିବା ବେଳେ ୨୦୦ ଗ୍ରାମ ସୁନା ଅଳଙ୍କାର ଠାବ ହୋଇଛି। ଅନୁଗୋଳର ତୁରଙ୍ଗରେ ଡିଏଫ୍‌ଓଙ୍କ ନାମରେ ଏକ ଚାରି ମହଲା କୋଠା ଅଛି। ପ୍ରାୟ ୯୦୦୦ ବର୍ଗଫୁଟ୍ ଅଞ୍ଚଳରେ ଏହି କୋଠାଟି ତିଆରି ହୋଇଛି। ବଡ଼ କଥା ହେଲା ଚଢ଼ଉ ସମୟରେ ଘରେ ଶାଗୁଆନ କାଠରେ ବିଭିନ୍ନ ଠାକୁରଙ୍କ ମୂର୍ତ୍ତି ମିଳିଛି। ଖଟ ଠାରୁ ଆରମ୍ଭ କରି ଘରର କବାଟ, ଚେୟାର, ଘର ଭିତରେ ଏକ ଖମ୍ବ ମଧ୍ୟ ଦାମୀ ଶାଗୁଆନ୍ କାଠରେ ନିର୍ମିତ ହୋଇଛି। ହାତୀ ମୂର୍ତ୍ତି ପଞ୍ଚମୁଖୀ ହନୁମାନ, ଗଣେଶ, ରାଧା କୃଷ୍ଣ ଭଳି ଏକାଧିକ ଭଗବାନଙ୍କ ସୁନ୍ଦର ମୂର୍ତ୍ତି ଏହି ଶାଗୁଆନ କାଠରେ ନିର୍ମିତ ହୋଇଥିବା ଦେଖିବାକୁ ମିଳିଛି। ଆହୁରି ମଧ୍ୟ ଘରୁ ଭିତରେ ଏକ ଛୋଟ ଅସ୍ତ୍ରାଗାର କରିଥିଲେ। ସେଥିରେ ଏକ ଦେଶୀ ବନ୍ଧୁକ, ଧନୁତୀର,ଫାର୍ସା, କୁରାଢ଼ି, ଟାଙ୍ଗିଆ ଆଦି ରଖିଥିଲେ। ଶିକାରୀଙ୍କ ଠାରୁ ଜବତ ହୋଇଥିବା ଏହି ଅସ୍ତ୍ରକୁ ନିତ୍ୟାନନ୍ଦ ଘରକୁ ଆଣି ସାଇତ ରଖିଥିଲେ। ତାଙ୍କର ବ୍ୟାଙ୍କ ଆକାଉଣ୍ଟ ଏବଂ ଇନ୍‌ସ୍ୟୁରାନ୍ସ ପଲିସିରେ କେତେ ଟଙ୍କା ରହିଛି ତାହାକୁ ଭିଜିଲାନ୍ସ ଟିମ୍ ଛାନଭିନ କରୁଛି। ଦୁଇଟି ଚାରି ଚକିଆ ଏବଂ ୪ଟି ବାଇକ୍ ରହିଛି। ୧୫ଲକ୍ଷ ଟଙ୍କାର ଘରର ବିଭିନ୍ନ ଆସବାବପତ୍ର ରହିଛି। ଠାବ କରାଯାଇଥିବା ସମ୍ପତ୍ତିର ହିସାବ ମାଗିଥିଲେ ମଧ୍ୟ ଡିଏଫ୍‌ଓ ଦେଇ ପାରିନଥିଲେ। ଭିଜିଲାନ୍ସ ଏନେଇ ଏକ ମାମଲା ରୁଜୁ କରି ତାଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ଆସୁଛି ବଡ଼...

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ସୋମବାର ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଭଲ ବର୍ଷାର ସମ୍ଭାବନା ରହିଛି। ଏଥିପାଇଁ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ନବରଙ୍ଗପୁର, କନ୍ଧମାଳ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବଲାଙ୍ଗୀର, ନୂଆପଡ଼ା, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ସ୍ୱଳ୍ପରୁ ହାଲୁକା ବର୍ଷା ନେଇ ମଧ୍ୟ ଆକଳନ କରାଯାଇଛି।

### ୭୫ହଜାର ପରୀକ୍ଷାର୍ଥୀ...

କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷେ, ପରୀକ୍ଷା ବାବଦକୁ ଗୋଟିଏ ପେପର୍ ପାଇଁ ୯୦୦ ଓ ଦୁଇଟି ପେପର୍ ପାଇଁ ୧୪୦୦ ଟଙ୍କା ଲେଖାଏଁ ଆବେଦନ ଫି' ନିଆଯାଇଥିଲା। ଏତେ ଟଙ୍କା ଆବେଦନ ଫି' ନେବା ପରେ ମଧ୍ୟ ପରୀକ୍ଷା ପରିଚାଳନା କରିବାରେ ବୋର୍ଡ ବିଫଳ ହୋଇଛି। ପ୍ରଶ୍ନପତ୍ର ଭାଇରାଲ୍ ପଛରେ ବୋର୍ଡ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ଭୂମିକା ରହିଥିବା ଅଭିଯୋଗ ହୋଇଛି।

ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ ପ୍ରଶ୍ନପତ୍ର ସିଲ୍ ଖୋଲା ହୋଇନଥିବା ବେଳେ ଭାଇରାଲ୍ ପ୍ରଶ୍ନପତ୍ର ତା' ସହ ସମାନ ବୋଲି କର୍ତ୍ତୃପକ୍ଷ ଜାଣିଲେ କିପରି? ତେଣୁ ସେମାନଙ୍କ ଜାଣତରେ ପ୍ରଶ୍ନପତ୍ର ବିକ୍ରି ହେଉଛି। ରାଜ୍ୟରେ ପ୍ରଶ୍ନପତ୍ର ବିକ୍ରି ଏକ ଶିଳ୍ପ ହୋଇଥିବା ବେଳେ ସେହି ଶିଳ୍ପପତିଙ୍କୁ ସରକାର ସୁରକ୍ଷା ଦେଉଛନ୍ତି। ଏଣୁ ବାରମ୍ବାର ପ୍ରଶ୍ନପତ୍ର ବିଭ୍ରାଟ ହେଉଛି। ସେହିପରି ସିଲ୍‌ଡ ପ୍ରଶ୍ନପତ୍ର ଆସନ୍ତାକାଲି ଅର୍ଥାତ୍ ୨୧ ତାରିଖ ସୁଦ୍ଧା ବୋର୍ଡ ମୁଖ୍ୟାଳୟରେ ଦାଖଲ କରିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବରିଷ୍ଠ ଅଧିକାରୀମାନେ ମୁହଁ ଖୋଲୁ ନଥିବାବେଳେ ନିଜ ନାମଗୋପନ ରଖି ଜଣେ ଅଧିକାରୀ କହିଛନ୍ତି ଯେ ସମସ୍ତ ପ୍ୟାକେଟ୍‌ର ସିଲ୍ ଯାଞ୍ଚ ହେବା ପରେ କେଉଁଠାରୁ ଭାଇରାଲ୍ ହୋଇଛି ତାର ତଦନ୍ତ କରାଯିବ।

### ୫ କିଲୋ ମାଗଣା...

କାମ ଶେଷ ହୋଇଥିଲା; ହେଲେ ପ୍ରକଳ୍ପରେ ପାଣି ରହିବା ଫଳରେ ସମସ୍ୟା ବଢ଼ି ଯାଇଛି। ପାହାଡ଼, ନାଳ, ଝରଣା, ଘଞ୍ଚ ଜଙ୍ଗଲ ଓ ଘାଟିର ପାଦଦେଶ ରାସ୍ତା ଦେଇ ଲୋକଙ୍କୁ ୩୦ରୁ ୩୫ କିଲୋମିଟର ଯିବାକୁ ପଡୁଛି। ଫଳରେ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ଲୋକଙ୍କ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବା ସମ୍ଭବ ହୋଇ ନ ଥାଏ। ଏହି ଗାଁଗୁଡ଼ିକୁ ଆମ୍ବୁଲାନ୍ସ ଯିବା ପାଇଁ ମଧ୍ୟ ରାସ୍ତା ନାହିଁ। ଫଳରେ ଗର୍ଭବତୀ, ପ୍ରସୂତି ମହିଳା ଓ ରୋଗୀଙ୍କୁ ନେବା ପାଇଁ କଷ୍ଟକର ହୋଇପଡ଼ିଥିବା ବେଳେ ବହୁ ସମୟ ଖଟିଆରେ ବୋହି ୫/୧୦ କିମି ଦୂର ନେବାକୁ ପଡିଥାଏ। ତେଣୁ ଏହି ଗ୍ରାମବାସୀ ଗୁଣ୍ଡୁରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ହେଲେ ୩୦/୩୫ କିମି ଦୂର ଅଟୋ, ଟ୍ରାକ୍ଟର, ପିକ୍‌ଅପ ଭ୍ୟାନ୍ ଭଡ଼ାକରି ପିଡ଼ିଏସ୍ ଚାଉଳ ଆଣିବା ପାଇଁ ନର୍ଲା ବ୍ଲକ ଛତିକୁଡ଼ା, ସଦର ବ୍ଲକ ଦେପୁର, ଇଚ୍ଛାପୁର ଦେଇ ଗୁଣ୍ଡୁରୀ ପଞ୍ଚାୟତକୁ ଯିବାକୁ ପଡିଥାଏ।

ମାଗଣା ଚାଉଳ ପାଇଁ ୧୦୦ ଟଙ୍କା ଖର୍ଚ୍ଚ ହେଉଥିବା ଏହି ଦୁର୍ଗମ ଅଞ୍ଚଳର ଗାଁ ଲୋକେ କହିଛନ୍ତି। ପଞ୍ଚାୟତ ପକ୍ଷରୁ ହାତୀମୁଣ୍ଡା ଗାଁଠାରେ କ୍ୟାମ୍ପ କରି ବୃଦ୍ଧବୃଦ୍ଧା, ବିଦ୍ୟାଙ୍ଗ, ବିଧବାଙ୍କୁ ଗୁଣ୍ଡରି ପିଇଓ ଭତ୍ତା ଦେଉଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଏମାନଙ୍କ ପାଇଁ ବିଦ୍ୟୁତ୍ ସୁବିଧା ପାଳିଛି। ଏହି ପଞ୍ଚାୟତର ସୁସପଦର, ବରିଗୁଡ଼ାପଦର, ଦାରବଙ୍ଗ, କାତାଙ୍ଗଭଟା, ଗମପଦର, ବିଜେପୁର, କନ୍ଧ ସୁସପଦର ଗାଁକୁ ବିଜୁଳି ନାହିଁ। ବାରମ୍ବାର ଅଭିଯୋଗ ପରେ ବି ବିଦ୍ୟୁତ୍ ବିଭାଗ କିମ୍ବା ପ୍ରଶାସନ ଶୁଣୁନି ବୋଲି ଲୋକେ ପ୍ରକାଶ କରିଛନ୍ତି। ଏହି ୧୧ଟି ଗ୍ରାମବାସୀ ରାସ୍ତା ନ ଥିବା ଯୋଗୁଁ ବର୍ଷ ବର୍ଷ ଧରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରଲାଜି ଗାଁଠାରୁ କାବାଗେଡ଼ୁ, ଶୋଷପଦର, ବରଙ୍ଗପଦର ଦେଇ ମନସ୍ତରା ଗାଁ ପର୍ଯ୍ୟନ୍ତ ରାସ୍ତା ପାଇଁ ପଞ୍ଚାୟତ ସଭା ପ୍ରସ୍ତାବ ଦେଇଛନ୍ତି ଏହି ରାସ୍ତା ନିର୍ମାଣ ହେଲେ ଏହି ୧୧ଟି ଗାଁକୁ ପଞ୍ଚାୟତ ମାତ୍ର ୫ରୁ ୧୫ କିମି ହେବ ବୋଲି ଗ୍ରାମବାସୀ କହିଛନ୍ତି।

# ବଲାଙ୍ଗୀର ଘଟଣାରେ ଉପମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଫରୱାର୍ଡ ବ୍ଲକ୍

ଭୁବନେଶ୍ୱର, ୨୦।୭(ସମିସ): ବଲାଙ୍ଗୀର ନାବାଳିକାକୁ ପୋଡ଼ି ଉଦ୍ୟମ ଘଟଣାରେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ଭୁବନେଶ୍ୱରରେ ଗଣ ପ୍ରତିବାଦ କରାଯାଇଛି। ଏହି ଘଟଣାରେ ଦାୟିତ୍ୱହୀନତା ପାଇଁ




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଇସ୍ତଫା ଦେବାକୁ ଫରୱାର୍ଡ ବ୍ଲକ୍ ଦାବି କରିଛି। ବଲାଙ୍ଗୀର ଘଟଣାରେ ୩୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନାହିଁ। ଏପରିକି ଉପମୁଖ୍ୟମନ୍ତ୍ରୀ ସବୁଆଡ଼େ ହାଜର ହୋଉଥିଲେ ମଧ୍ୟ ନିଜ ନିର୍ବାଚନମଣ୍ଡଳୀର ଝିଅର ସ୍ୱାସ୍ଥ୍ୟାବସ୍ଥା ବୁଝିବାକୁ ହସ୍ପିଟାଲକୁ ଗଲେ ନାହିଁ, ଯାହା ସମଗ୍ର ଘଟଣାକୁ ସନ୍ଦେହ ମଧ୍ୟକୁ ଠେଲି ନେଉଛି। ରାଜ୍ୟରେ ବିଜେପି ସରକାର ଶାସନକୁ ଆସିବା ପରେ ମହିଳା ଓ ଛାତ୍ରୀମାନଙ୍କ ଉପରେ ନିର୍ଯାତନା ବଢ଼ିବାରେ ଲାଗିଛି, ଯାହା ଅତ୍ୟନ୍ତ ନିନ୍ଦନୀୟ। ଏହା ସରକାରୀ ଦାୟିତ୍ୱହୀନତା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥାର ପ୍ରତିଫଳନ ବୋଲି ପ୍ରତିବାଦ ସ୍ଥଳରେ ବକ୍ତବ୍ୟ ରଖି ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଅଭିଯୋଗ କରିଛନ୍ତି। ଏହି ପ୍ରତିବାଦରେ ମହିଳା ନେତ୍ରୀ ଲକ୍ଷ୍ମୀ ଦୋରା, ଶ୍ରମିକ ନେତା ସୁଶୀଳ ଥାନପତି, ଆଜାଦ ହିନ୍ଦ ବାହିନୀର ରାଜ୍ୟ ସମ୍ପାଦିକା ସୁବତୀ ଦଳେଇ, ଛାତ୍ର ନେତ୍ରୀ ରିଙ୍କି ଆଜାଦ, ରାଜୁ ନାୟକ, ବିଜୟ ସାହୁ, ମାନି ନାୟକ, ଇଭନ ବଡ଼, ରାଜୁ ମାଡକାମୀ, ଅଭିରାମ ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ।

**"ମା ଙ୍କ ନାମରେ ଗଛଟିଏ"**

**୨୦୨୫ ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି / ସୂଚନା**

ମା'ଙ୍କ ନାମରେ ଗଛଟିଏ ଲଗାଇବା ପାଇଁ ଭାରତ ସରକାର ସର୍ବସାଧାରଣଙ୍କୁ ଅନୁରୋଧ କରିଛନ୍ତି, ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ବନଖଣ୍ଡ ଅଧିନରେ ନିମ୍ନଲିଖିତ ୧୮ (ଅଠର) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ଛତିଆଣା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନ ଗୁଡ଼ିକ ନିମ୍ନ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଉକ୍ତପ୍ରିୟା ସହରାଞ୍ଚଳରେ ସର୍ବାଧିକ ୫ (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ ୧୦ (ଦଶ) ଗୋଟି ଚାରା ଦିଆଯିବ। ଅନୁଷ୍ଠାନମାନଙ୍କ ପାଇଁ ୧୫୦ରୁ ୨୦୦ ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତି ବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେକୌଣସି ବୈଧ ପରିଚୟ ପତ୍ର (ଆଧାର/ଭୋଟ ପରିଚୟ ପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ପରିଚୟ ନଂ ଯାଞ୍ଚ ନିମନ୍ତେ ଦବାକୁ ପଡ଼ିବ। ଏତଦ୍ ବ୍ୟତୀତ ଅନ୍ୟମାନଙ୍କୁ ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ ସହିତ ଦରଖାସ୍ତ କରିବାକୁ ପଡ଼ିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକ ମାନଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିପାରିବେ।

ବି.ଦ୍ର:- (୧) ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ.୧/- ଧାର୍ଯ୍ୟ ହୋଇଛି।
(୨) ସରକାରୀ ଅନୁଷ୍ଠାନ ଗୁଡ଼ିକୁ ବିନା ମୂଲ୍ୟରେ ଚାରା ପ୍ରଦାନ କରାଯିବ।

| କ୍ର. ନଂ. | ବନାଞ୍ଚଳ (ରେଞ୍ଜ) | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ (ପରିମାଣ) | କେନ୍ଦ୍ର ପରିଚାଳକଙ୍କ ନାମ | ଦୂରଭାଷ ନମ୍ବର |
|---|---|---|---|---|---|
| ୧ | ବଣାଇଁ | ଧରଣୀଧରପାଲି | ୧୨୬୪୮ | ଶ୍ରୀ ତାପସ କୁମାର ଷଡ଼ଙ୍ଗୀ, ବନପାଳ | ୯୪୩୮୪୯୦୬୬୨ |
| ୨ | ବଣାଇଁ | ବ୍ରାହ୍ମଣୀ | ୮୮୮୫୧ | ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି, ବନପାଳ | ୭୦୭୭୭୬୮୪୦୨ |
| ୩ | ବଣାଇଁ | ଟିକାୟତପାଲି | ୫୭୫୪୦ | ଶ୍ରୀ ଗଗନ କୁମାର ତ୍ରିପାଠୀ, ବନପାଳ | ୮୮୪୭୭୨୫୭୪୯ |
| ୪ | ବଣାଇଁ | ସ. ବଲାଙ୍ଗ | ୪୭୯୯୦ | ଶ୍ରୀ ସଦାଶିବ ପାତ୍ର, ବନପାଳ | ୮୨୪୯୮୬୦୮୭ |
| ୫ | କୁଳିପୋଷ | ଉନ୍ଦୁଆଁ | ୨୦୬୩୩୪ | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପାଳ | ୭୩୭୦୨୭୩୬୧୯ |
| ୬ | କୁଳିପୋଷ | ଡ଼ଙ୍ଗେଇଶରା | ୩୧୦୯୦ | ଶ୍ରୀମତୀ ସରିତା ମହାନ୍ତ, ବନପାଳ | ୭୩୮୧୯୪୭୬୩୧୯ |
| ୭ | ଟାମଡା | ବନେଇକେଲା | ୪୯୩୧୦ | ଶ୍ରୀ ସେନାପତି ପାତ୍ର, ବନପାଳ | ୮୮୯୫୪୭୬୨୮୨ |
| ୮ | ଟାମଡା | ଧାଡ଼ କିପୋଷ | ୩୯୭୫୦ | ଶ୍ରୀମତୀ କ୍ଷୀରେଶ୍ୱରୀ ବେହେରା, ବନପାଳ | ୯୪୩୭୫୪୫୯୫୪ |
| ୯ | ଟାମଡା | ଟାମଡା | ୨୦୦୦୦ | ଶ୍ରୀ ଚାରୁଆଓରାମ, ବନରକ୍ଷୀ | ୭୮୪୯୦୭୩୩୩୧ |
| ୧୦ | ଜର୍ଡା | ବାଦିଦାହାଳ | ୨୦୦୦୦ | ଶ୍ରୀ ମୋନେସ କୁମାର ସାହୁ, ବନପାଳ | ୯୪୩୮୦୫୭୭୬୭ |
| ୧୧ | ଜର୍ଡା | କଂସର | ୪୫୨୫୦ | ଶ୍ରୀ ଚୈତନ୍ୟ କୁଳିକ, ବନପାଳ | ୭୩୪୮୭୬୮୫୧ |
| ୧୨ | ଜର୍ଡା | କୁଣ୍ଡେଇଡିହା | ୩୫୦୦୦ | ଶ୍ରୀ ଇଶ୍ୱର ଚନ୍ଦ୍ର କାଲୋ, ବନପାଳ | ୭୩୭୨୭୨୯୪୩ |
| ୧୩ | ଜର୍ଡା | କାର୍ଣ୍ଣସି ବାହାଳ | ୧୫୦୦୦ | ଶ୍ରୀ ପ୍ରଭାସ ସାହୁ, ବନପାଳ | ୭୦୭୮୦୯୦୮୩୪ |
| ୧୪ | ସୋଲ | ଠାକୁରପାଲି | ୨୦୨୫୬ | ଶ୍ରୀ ଭୁବନେଶ୍ୱର ରାଓ, ବନପାଳ | ୯୫୫୭୬୭୦୦୦୨ |
| ୧୫ | ସୋଲ | ମହୁଲ ଡିହି | ୬୮୩୨ | ଶ୍ରୀ ଅମିତ କୁମାର ଜେନା, ବନପାଳ | ୮୪୫୭୮୨୧୫୫୬ |
| ୧୬ | ବରସୁଆଁ | ତେନ୍ତୁଳା | ୫୧୨୫ | ଶ୍ରୀମତୀ ସରିତା ମହାନ୍ତ, ବନପାଳ | ୮୭୬୩୫୩୯୦୯୦ |
| ୧୭ | କୋଇଡା | ରେଡେହାଡାଇ | ୮୪୩୨ | ଶ୍ରୀ ବାବୁଲି ପ୍ରଧାନ, ବନରକ୍ଷୀ | ୯୪୩୮୦୪୩୪୦୯ |
| ୧୮ | କୋଇଡା | ଜାମଡିହି | ୮୭୬୮ | ଶ୍ରୀମତୀ ସଙ୍ଗୀତା ମହାକୁଡ଼, ବନରକ୍ଷୀ | ୭୮୪୫୦୩୮୭୪୪ |
| | | ସମୁଦାୟ :- | ୭୨୧୯୫୨ | ବନଖଣ୍ଡ କାର୍ଯ୍ୟାଳୟ (କଣ୍ଟ୍ରୋଲ ରୁମ) | ୮୨୬୦୭୯୪୭୩ |

ସ୍ୱା/- ବନଖଣ୍ଡ ଅଧିକାରୀ
ବଣାଇଁ ବନଖଣ୍ଡ, ବଣାଇଁଗଡ଼

# ଶ୍ରାବଣ ୨ୟ ସୋମବାର ଆରଡ଼ି ପୀଠରେ କାଉଡ଼ିଆଙ୍କ ଭିଡ଼

■ ସୁରକ୍ଷା ପାଇଁ ୧୧ ପ୍ଲାଟୁନ ପୁଲିସ ଫୋର୍ସ ■ ଜଳଯାତ୍ରୀଙ୍କ ପାଇଁ ନଦୀଘାଟରେ କଡ଼ା ସୁରକ୍ଷା ■ ଜଳ ଓ ସ୍ଥଳପଥରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା





ଭଦ୍ରକ/ଆରଡି/ଅସୁରାଳି, ୨୦।୭(ସମିସ): ଶ୍ରାବଣ ମାସର ୨ୟ ସୋମବାର ପାଇଁ ରବିବାରଠାରୁ ଆଖଣ୍ଡଳମଣିଙ୍କ ପୀଠରେ ଲାଗିଛି ହଜାରହଜାର କାଉଡିଆଙ୍କ ଭିଡ। ବୋଲ ବମ ହରହର ବମ ଧ୍ୱନିରେ ପ୍ରକମ୍ପିତ ହେଉଛି ସମଗ୍ର ଆରଡିପୀଠ। ହଜାରହଜାର କାଉଡିଆ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ପୀଠରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେହିପରି ବୈତରଣୀ ଓ ସାଳନ୍ଦୀ ନଦୀର ତିନିତର, ମୁଆଁ ଓ ଧାନଖଣିଆ ଘାଟ ଦେଇ ନଦୀପାରି ହୋଇ ଆସୁଥିବା କାଉଡିଆଭକ୍ତମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ନଦୀଘାଟର ଉଭୟ ପାର୍ଶ୍ୱରେ ପୁଲିସ ମୁତୟନ ରହିଥିବା ବେଳେ ନଦୀରେ ପଇଁତରା ମାରୁଛନ୍ତି ଓଡ୍ରାଫ ଓ ଅଗ୍ନିଶମ ବାହିନୀ। ଏପଟେ ଶୃଙ୍ଖଳିତ ଜଳଲାଗି ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ ସହ ମନ୍ଦିର ଭିତରେ ଓ ବାହାରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ତାହାସହ ପୀଠକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାରେ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା ସହ ଜଳପଥ ଓ ସ୍ଥଳପଥରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଆରଡ଼ି ଛକ ଠାରୁ ଆରଡ଼ି ଯାଏଁ ବିଭିନ୍ନ ସ୍ଥାନ ରେ ବହୁ ବେସରକାରୀ ଅନୁଷ୍ଠାନ ତରଫରୁ କାଉଡ଼ିଆ ମାନଙ୍କ ପାଇଁ ଔଷଧ, ଖାଦ୍ୟ, ପାନୀୟଆଦିର ବ୍ୟବସ୍ଥା କରିଥାନ୍ତି। ସାତଭଉଣି, ଆନନ୍ଦ ବଜାର, ଅର୍ଣପାଳ, ବରୁଣେଇ, ଅସୁରାଳି, ସମିଲ୍ ବଜାର, କୋଠାର, ଧୂଷୁରୀ, ବେତାଳି ଗାଁ ପ୍ରମୁଖ ଜାଗାରେ ଅନେକ ଚିକିତ୍ସା ଶିବିର, ଜଳ ସେବା କେନ୍ଦ୍ର ଓ ପୁଲିସ ସହାୟତା କେନ୍ଦ୍ର ଥିବା ଦ୍ୱାରା ଭକ୍ତମାନେ ଆବଶ୍ୟକ ସମୟରେ ସହାୟତା ନିଅନ୍ତି।

## ଲିଫ୍ଟ ପଏଣ୍ଟରୁ ବିଦ୍ୟୁତ୍ ତାର ଚୋରି

ବନ୍ତ/ଆଗରପଡ଼ା, ୨୦।୭(ସମିସ): ବନ୍ତ ବିଦ୍ୟୁତ ବିଭାଗ ଅଧୀନସ୍ଥ ଅଣ୍ଡିଆ ଗ୍ରାମର ୨, ୩ ନମ୍ବର ଦୁଇଟି ଲିଫ୍ଟ ପଏଣ୍ଟରୁ ବିଦ୍ୟୁତ ତାର ଚୋରି କରାଯାଇଛି। ଗତ ୧୮ ତାରିଖ ସକାଳେ ଚାଷୀ ବିଲକୁ ଯାଇ ଦେଖିଲା ବେଳକୁ ୧୭ ତାରିଖ ରାତିରେ ଦୁଇଟି ଲିଫ୍ଟ ପଏଣ୍ଟରୁ ତାର ଚୋରି ହୋଇଥିବା ଜଣାପଡ଼ିଥିଲା। ଏହା ଉପରେ ୫୦ରୁ ଅଧିକ ଚାଷୀ ପାଣି ମଡାଇବା ପାଇଁ ନିର୍ଭର କରୁଛନ୍ତି। ନିଅଣ୍ଟିଆ ବର୍ଷା ପାଇଁ ଚାଷୀଙ୍କ ଏକ ମାତ୍ର ଭରସା ଲିଫ୍ଟ ପଏଣ୍ଟ। ଚାଷ ଜମିରେ ପାଣି ନଥିବା ବେଳେ କିଛି ଚାଷୀ ତଳି ପକାଇ ପାଣି ପାଇଁ ହଇରାଣ ହେଉଥିବା ବେଳେ କିଛି ଚାଷୀଙ୍କ ବିହନ ଗଜା ହୋଇ ନଷ୍ଟ ହେବାକୁ ବସିଲାଣି। ଚାଷୀ ତାର ଚୋରି ନେଇ ବନ୍ତ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଓ କେନ୍ଦୁଆପଦା ଫାଣ୍ଡିକୁ ଲିଖିତ ଆକାରରେ ଜଣାଇଛନ୍ତି। ଚାଷ କାର୍ଯ୍ୟ ଆଗେଇବା ପାଇଁ ଚାଷୀଙ୍କ ହିତ ଦୃଷ୍ଟିକୁ ଲକ୍ଷ୍ୟକରି ଲିଫ୍ଟ ପଏଣ୍ଟରେ ନୂତନ ବିଦ୍ୟୁତ ତାର ସଂଯୋଗ କରିବା ପାଇଁ ସଭାପତି କୃଷ୍ଣଚନ୍ଦ୍ର ରାଉତ, ମୃତ୍ୟୁଞ୍ଜୟ ଧଳ, ଉମେଶଚନ୍ଦ୍ର ଜେନା, ରଶ୍ମି ରଞ୍ଜନ ରାଉତ, ଲକ୍ଷ୍ମୀଧର ଜେନା, ସୁଜିତ ଧଳ, ଅମର ରାଉତ, ବିଦ୍ୟାଧର ରାଉତ, ଗଦାଧର ରାଉତ, ଗୋଲକ ପେଡା, କବିରା ରାଉତ, ନିରଞ୍ଜନ ରାଉତ, ସନାତନ ମାଝୀ, ରମେଶଚନ୍ଦ୍ର ଧଳଙ୍କ ସମେତ ସମସ୍ତ ଚାଷୀ ଦାବି କରିଛନ୍ତି।

## ଧନ୍ୟବାଦ ଦେଲେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ

ଦୋବଲ, ୨୦।୭(ସମିସ): ଧାମନଗର ବ୍ଲକର ୩ଟି ଉଚ୍ଚବିଦ୍ୟାଳୟରେ ଯୁକ୍ତ ଦୁଇ ପାଠ୍ୟକ୍ରମ ଖୋଲାଯିବାକୁ ନେଇ ଖୁସିର ଲହରି ଖେଳିଯାଇଛି। ଅଞ୍ଚଳବାସୀ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ସୋହଡ଼ା ପଞ୍ଚାୟତର ବାଲିପଡ଼ାରେ ଥିବା ବୈତରଣୀ ହାଇସ୍କୁଲ ଓ ଆନନ୍ଦପୁର ପଞ୍ଚାୟତର ଜଗନ୍ନାଥ ନୋଡାଲ ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରୂପାନ୍ତରଣ କରାଯାଇଛି। ଏଥିଲାଗି ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ସାମନାରେ ମୁକୁନ୍ଦଦେବ ମଣ୍ଡଳ ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା ଆନନ୍ଦପୁରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିବା କାର୍ଯ୍ୟକର୍ତ୍ତାମାନେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିରେ ମୁକୁନ୍ଦଦେବ ମଣ୍ଡଳ ସଭାପତି ପ୍ରମୋଦ ସୁତାର ସଭା ପରିଚାଳନା କରିଥିବାବେଳେ ସରପଂଚ ବିଜୟ କୁମାର ଦାସ, ପୂର୍ବତନ ମୁକୁନ୍ଦଦେବ ମଣ୍ଡଳ ସଭାପତି ଅରବିନ୍ଦ ପତି, ପୂର୍ବତନ ସମିତି ସଭ୍ୟ ରମେଶ ପତି, ମନ୍ତ୍ରୀଙ୍କ ଧାମନଗର ଏନ୍ଏସି ପ୍ରତିନିଧି କୈଳାସ ମହାପାତ୍ର, ସାଂସଦଙ୍କ ଧାମନଗର ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶ୍ରୀକାନ୍ତ ମିଶ୍ର ଯୋଗଦେଇ ଧନ୍ୟବାଦ ପ୍ରଦାନ ଦେଇଥିଲେ।

## ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଭଦ୍ରକ ଟାଉନ୍ କମିଟି ସମ୍ମିଳନୀ

ଭଦ୍ରକ, ୨୦।୭(ସମିସ): ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଭଦ୍ରକ ଟାଉନ୍ କମିଟି ସମ୍ମିଳନୀ ଭଦ୍ରକ ସହର ନେତାଜୀ ନଗରସ୍ଥିତ ଜାନକୀ ନିଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ମହିଳା ନେତ୍ରୀ ଝରଣା ପଟ୍ଟନାୟକ ସଂଗଠନର ପତାକା ଉତ୍ତୋଳନ କରିଥିଲେ। ଶହୀଦ ବେଦୀରେ ସମସ୍ତ ସଭ୍ୟା ପୁଷ୍ପ ଅର୍ପଣ କରିବା ପରେ ଟାଉନ କମିଟି ସଭାପତି ପ୍ରଭାତି ଜେନାଙ୍କ ସଭାପତିତ୍ୱରେ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ରାଜ୍ୟ ସଂପାଦିକା ସୁରଜିତା ନାୟକ ସମ୍ମିଳନୀକୁ ଉଦଘାଟନ କରି ଉଦଘାଟନୀ ବକ୍ତବ୍ୟ ପ୍ରଦାନ କରିଥିଲେ। ବର୍ତ୍ତମାନ ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାରଙ୍କ ଜନମାରଣ ନୀତି, ନାରୀ ଧର୍ଷଣ, ନାରୀ ନିର୍ଯାତନା, ମହିଳା ହତ୍ୟା, ସଂଖ୍ୟାଲଘୁ ମହିଳାଙ୍କ ଉପରେ କିପରି ଆକ୍ରମଣ ବଢିଚାଲିଛି ସେ ସଂପର୍କରେ ଶ୍ରୀମତୀ ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି କେଡିଜି ସ୍କୁଲର ଅଧ୍ୟକ୍ଷା ମମତା ରାୟ ଅତ୍ୟାଚାର ଓ ଆକ୍ରମଣ ବିରୋଧରେ ମହିଳା ମାନେ ଲଢିବାକୁ ଶ୍ରୀମତୀ ରାୟ ମତବ୍ୟକ୍ତ କରିଥିଲେ। ମହିଳା ନେତ୍ରୀ ଶିଖା ମହାପାତ୍ର ସଂଗଠନର ୩ ବର୍ଷର କାର୍ଯ୍ୟାବଳୀ ସଂପର୍କରେ ରିପୋର୍ଟ ଉପସ୍ଥାପନ କରିଥିଲେ। ମହିଳା ନେତ୍ରୀ ସୁମତି ନାୟକ, ପ୍ରତିମା ସ୍ୱାଇଁ, ଯଶ୍ମିନ ରାୟ, ମିଲି ଆଚାର୍ଯ୍ୟ, ମହିଳା ହିଂସା, ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟା ବିରୁଦ୍ଧରେ ପ୍ରସ୍ତାବ ଆଗତ କରିଥିଲେ। ମହିଳା ସମିତିର ସମ୍ବିଧାନ ଅନୁଯାୟୀ ଆସନ୍ତା ୩ ବର୍ଷ ପାଇଁ ଏକ ନୂତନ କମିଟି ନିର୍ବାଚିତ କରାଯାଇଥିଲା। ସଭାନେତ୍ରୀ ଭାବେ ଶିଖା ମହାପାତ୍ର, ଉପସଭାନେତ୍ରୀ ଭାବେ ଶାନ୍ତିଲତା ନାୟକ, ପ୍ରତିମା ସ୍ୱାଇଁ, ସଂପାଦିକା ଭାବେ ସୁମତୀ ନାୟକ, ସହସଂପାଦିକା ଭାବେ ଶାନ୍ତିଲତା ନାୟକ, ସଂଯୁକ୍ତା ଯାଦବ ଏବଂ ସଭ୍ୟା ଭାବେ ପ୍ରଭାତି ଜେନା, ବାସନ୍ତୀ ନାୟକ, କାଞ୍ଚନ ପାତ୍ର, ଅନୁପମା ଶତପଥୀ, ଯସ୍ମିନି ରାୟ, ମମତା ରାୟ, ପାକିନ ମୁଣ୍ଡା, ନିର୍ବାଚିତ ହୋଇଥିଲେ। ପ୍ରେରଣା ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍ ଧକ୍କାରେ ନାବାଳକ ମୃତ କୁଆଗଡ଼ିଆ ଛକରେ ରାସ୍ତା ଅବରୋଧ



ବାସୁଦେବପୁର, ୨୦।୭(ସମିସ): ବାପାଙ୍କ ମୁହଁରେ ଆହାର ଯୋଗାଇ ଦେବାକୁ ନାବାଳକ ପୁଅ ଯାଉଥିବା ବେଳେ ବାଟରେ ଜଗି ବସିଥିଲା ମୃତ୍ୟୁ। ବାପାଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଦୁର୍ଘଟଣାରେ ଚାଲିଗଲା ଜୀବନ। ବାସୁଦେବପୁର ବ୍ଲକର ଆରୁହା ପଞ୍ଚାୟତର କୁଆଗଡିଆ ଛକରେ ଆଇରନ ବୋଝେଇ ଟ୍ରକ ଧକ୍କାରେ ନାବାଳକର ମୃତ୍ୟୁ ହୋଇଛି। ହରିଶରଣବିନ୍ଧା ଗ୍ରାମର ଦେବେନ୍ଦ୍ର ବେହେରା ବେତଡାର ଏକ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ରବିବାର ଥିବାରୁ ଦିପହରରେ ଘରକୁ ଖାଇବାକୁ ଆସିନଥିଲେ। ପୁଅ ଦେବାଦିତ୍ୟ ବେହେରା (୧୩) ସାଇକଲ ଚଳାଇ ବାପାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ନେଇ ଯାଉଥିଲେ। ସେତେବେଳେ ଟ୍ରକ୍ ଧକ୍କା ଦେଇ ଚାଲି ଯାଇଥିଲା। ପ୍ରତିବାଦରେ ବାସୁଦେବପୁର-ଜାମୁଝାଡି ରାସ୍ତାକୁ ଗ୍ରାମବାସୀ ଅବରୋଧ କରିଥିଲେ। ସ୍ଥାନୀୟ ଗ୍ରାମବାସୀ ବେତଡା ଜାମୁଝାଡି ରାସ୍ତାର କୁଆଗଡିଆ ଛକରେ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳର ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଏସଡିପିଓ ବିଚିତ୍ରାନନ୍ଦ ସେଠୀ, ଆଇଆଇସି ଲୋପାମୁଦ୍ରା ନାୟକ ପ୍ରମୁଖ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ରେଡକ୍ରସରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ।

## ଆରମ୍ଭ ହୋଇ ପାରିଲାନି ଧାନରୁଆ; ଚାଷୀକୁଳ ଚିନ୍ତାଗ୍ରସ୍ତ



ଧାମନଗର, ୨୦।୭(ସମିସ): ଧାମନଗର ବ୍ଲକ ଅଞ୍ଚଳରେ ଆଷାଢ଼ ମାସ ଯାଇ ଶ୍ରାବଣ ମାସ ଚାଲିଲାଣି କିନ୍ତୁ ଏପର୍ଯ୍ୟନ୍ତ ଖରିଫ ଧାନ ଚାଷ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ବାରମ୍ବାର ପ୍ରତିକୂଳ ଅବସ୍ଥା ଚାଷ କାମରେ ବାଧକ ସାଜିଛି। ଯାହା ଚାଷୀକୁଳକୁ ଚିନ୍ତାଗ୍ରସ୍ତ କରିଛି। କୃଷି ବିଭାଗ ତଥ୍ୟ ଅନୁସାରେ, ଧାମନଗର ଏକ ବନ୍ୟା ପ୍ଲାବିତ ଅଞ୍ଚଳ ହୋଇଥିବାରୁ ବିଳମ୍ବିତ ଚାଷ କାର୍ଯ୍ୟକୁ ନେଇ ଚିନ୍ତାରେ ଚାଷୀ। ଚଳିତବର୍ଷ ୧୭, ୪୪୨ ହେକ୍ଟର ଜମିରେ ଖରିଫ ଧାନ ଚାଷ ହେବ ବୋଲି ଧାର୍ଯ୍ୟ ହୋଇଛି କିନ୍ତୁ ବିଭିନ୍ନ ସମସ୍ୟା ହେତୁ ଏବେ ଏହି ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବୈତରଣୀ, ଗେଙ୍ଗୁଟି, କୋଚିଲା, ଜଅ, ରେବ, କପାଳି ଭଳି ଛୋଟବଡ଼ ନଦୀ ପ୍ରବାହିତ ହୋଇଥିଲେ ମଧ୍ୟ ଧାମନଗର ବ୍ଲକର ଅଧିକାଂଶ ଅଞ୍ଚଳ ଅଣଜଳସେଚିତ। ଏଣୁ ଏଠାକାର ଲୋକେ ରବି ଋତୁ ଅପେକ୍ଷା ଖରିଫ ଋତୁରେ ଅଧିକ ଧାନ ଚାଷ କରିଥା'ନ୍ତି। ଶେଷ ରଜଠାରୁ ଜୁଲାଇ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଆଶାଠାରୁ ଅଧିକ ବର୍ଷା ହେବାରୁ ପ୍ରାୟ ୯୦ ପ୍ରତିଶତରୁ ଅଧିକ ଧାନତଳି ପଚିଗଲା। ଏଥିପାଇଁ ଚାଷୀ ବିଲରେ ହଳ କାର୍ଯ୍ୟ ପ୍ରତି ଗୁରୁତ୍ୱ ଦେଲେ ନାହିଁ। ପୁଣି ତଳି ପକାଇ ଧାନ ରୋଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି ଚାଷୀ। ପ୍ରାୟ ଗୋଟିଏ ସପ୍ତାହ ମଧ୍ୟରେ ବର୍ଷା ହୋଇନାହିଁ। ଇତିମଧ୍ୟରେ ଯେଉଁ ଜମିରେ ହଳ ସରିଛି, ସେଗୁଡ଼ିକ ଅଧିକାଂଶ ଟାଣ ଖରାରେ ଶୁଖି ଗଲାଣି ସେହିପରି ଆବଶ୍ୟକ ମାତ୍ରାରେ ପାଣି ନଥିବା କାରଣରୁ ପଡ଼ିଥିବା ତଳି ମଧ୍ୟ ଉପାଡ଼ିବା ଏବେ କଷ୍ଟକର ହେଲାଣି। କାଁ ଭାଁ ଯେଉଁ ଅଞ୍ଚଳରେ କେନାଲ ପାଣି ଉପଲବ୍ଧ ହେଉଛି, ସେଠାରେ ଧାନ ତଳି ଅଭାବ ଯୋଗୁ ଚାଷ କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ। ଚାଷ ପାଇଁ ପ୍ରତିକୂଳ ପରିସ୍ଥିତି ହଜାର ହଜାର ଚାଷୀଙ୍କୁ ଚିନ୍ତାଗ୍ରସ୍ତ କରି ଦେଇଛି। ଏଭଳି ସ୍ଥିତିରେ ଜିଲ୍ଲାର ଅନ୍ୟତମ ଭାତ ହାଣ୍ଡି କୁହାଯାଉଥିବା ଧାମନଗରରେ ଖରିଫ ଧାନ ଫସଲ ଅମଳ ଅନେକାଂଶରେ ବାଧାପ୍ରାପ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି।

## ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀ ଅଜୟ ମହାପାତ୍ରଙ୍କ ପରଲୋକ



ଭଦ୍ରକ, ୨୦।୭(ସମିସ): ଭଦ୍ରକ କୁଆଁସ ନିବାସୀ ତଥା ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କ ଶନିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା। କିଛି ମାସ ହେବ ସେ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ଜଣେ ଦକ୍ଷ ଅଧିକାରୀ ସହ ଜଣେ ମେଳାପୀ ମଣିଷ ଭାବେ ପରିଚିତ ସ୍ୱର୍ଗତ ମହାପାତ୍ର ଜଣେ କବି। ସେ ଓଡିଆ ଓ ଇଂରାଜୀରେ ଏକାଧିକ କବିତା ରଚନା କରିଛନ୍ତି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସାବିତ୍ରୀ ମହାପାତ୍ର, ଏକମାତ୍ର କନ୍ୟା ତପସ୍ୱିନୀ ଗୋସ୍ୱାମୀ, ତାଙ୍କ ଅନୁଜ ଅନ୍ନଦା ମହାପାତ୍ର, ସଞ୍ଜୟ ମହାପାତ୍ର, କମଳିନୀ ମହାପାତ୍ର, ଲେଖା ମହାପାତ୍ରଙ୍କ ସହ ପୁତୁରା ଦେବାଶିଷ, ଅଭିଷେକ, ଅଭିଲାଷ ପ୍ରମୁଖ ପୁରା ପରିବାର ଓ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ଖବର ପାଇ ପ୍ରାକ୍ତନ କାଉନସିଲର ଶୁଭଙ୍କର ମହାପାତ୍ର, କୁନା ମହାନ୍ତି, ଆଶିଷ ରାଉତ, ଶିକ୍ଷକ ରବିନ୍ଦ୍ର କୁମାର ଦାଶ, ଜିଆରପି ଏସ୍ଆଇ ରଘୁନାଥ ମୁଦୁଲି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ କୁଆଁସ ଗାଁ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ଅମରେଶ ମହାପାତ୍ର ମୁଖାଗ୍ନି ଦେଇଥିଲେ।

## ଚାଷଜମି ଜଳାର୍ଣ୍ଣବ ଚାଷୀଙ୍କ ଧାରଣା ଚେତାବନୀ



ବନ୍ତ/ଆଗରପଡ଼ା, ୨୦।୭(ସମିସ): ତ୍ରୁଟିପୂର୍ଣ୍ଣ କାଡ଼ାନାଳ ନିର୍ମାଣ ଯୋଗୁଁ ବର୍ଷାପାଣି ନିଷ୍କାସିତ ହୋଇ ନ ପାରିବାରୁ ପ୍ରାୟ ଶହେ ଏକରରୁ ଊର୍ଦ୍ଧ୍ୱ ଧାନଚାଷ ଜମି ନଷ୍ଟ ହେବାକୁ ବସିଲାଣି। ତେଣୁ ଆସନ୍ତା ୨୮ ତାରିଖରୁ କ୍ଷତିଗ୍ରସ୍ତ ଚାଷୀମାନେ ଆଗରପଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେବେ ବୋଲି ଜିଲ୍ଲାପାଳ, କାଡ଼ା ନିର୍ବାହୀ ଯନ୍ତ୍ରୀ, ବନ୍ତ ତହସିଲଦାର, ଆଗରପଡ଼ା ଥାନାଧିକାରୀ ଓ ରାଜସ୍ୱ ନିରୀକ୍ଷକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ, ପୁରୁଷଣ୍ଡ ପଞ୍ଚାୟତସ୍ଥିତ ମୁଣ୍ଡଳୀ ଗ୍ରାମର ଅଧିକାଂଶ ଲୋକ ଧାନଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ମୁଣ୍ଡଳୀ ମାଇନର କାଡ଼ାନାଳ ନିର୍ମାଣରେ ତ୍ରୁଟି ସହ ଏହା ସଫା କରିବାର ଅବହେଳା ଯୋଗୁଁ ବର୍ଷାପାଣି ଚାଷଜମିରୁ ନିଷ୍କାସିତ ହୋଇ ପାରୁନାହିଁ। ଫଳରେ ରୁଆ ଧାନଗଛ ପଚି ସଢ଼ି ନଷ୍ଟ ହୋଇଗଲାଣି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟ କିଛି ଉପାୟ ନ ପାଇ ଚାଷୀମାନେ ନ୍ୟାୟ ପାଇବା ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ୨ମାସ ହେଲା ସଂପୃକ୍ତ ଅଞ୍ଚଳ ପାଇଁ କାର୍ଯ୍ୟରେ ଯୋଗଦାନ କରିଛି, କାଡ଼ାନାଳ ସମସ୍ୟା ସଂପର୍କରେ ଜାଣିନାହିଁ ବୋଲି କନିଷ୍ଠ ଯନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି।

## ଭଦ୍ରକ କଲେଜ ପୁରାତନ ଛାତ୍ର ସଂସଦ ବୈଠକ



ଭଦ୍ରକ,୨୦।୭(ସମିସ): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ପୁରାତନ ଛାତ୍ର ସଂସଦର ସଭାପତି ଡ. ଦେବେନ୍ଦ୍ରନାଥ ରାଉତଙ୍କ ଅଧ୍ୟକ୍ଷତାରେ ଏବଂ ସମ୍ପାଦକ ଅଜୟ ନାୟକଙ୍କ ସଞ୍ଚାଳନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସଦଗତି ନିମିତ୍ତ ନିରବ ପ୍ରାର୍ଥନା କରାଯାଇଥିଲା। ଭଦ୍ରକ ମହାବିଦ୍ୟାଳୟରେ ରହିଥିବା ବିଭିନ୍ନ ଅସୁବିଧା ଓ ସମସ୍ୟା ସମ୍ପର୍କରେ ବୈଠକରେ ଉପସ୍ଥିତ ଥିବା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାଶଙ୍କର ଦାସଙ୍କ ସହିତ ଆଲୋଚନା କରାଯିବା ସହିତ ଏହାର ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ବିଶେଷ କରି ମହାବିଦ୍ୟାଳୟର ପାଚେରି ନଥିବାରୁ ଅଣଛାତ୍ରଙ୍କ ପ୍ରବେଶ, ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପରିଚୟପତ୍ର ପକାଇବାକୁ କଡ଼ାକଡି କରିବା, ଅନୁପସ୍ଥିତ ରହୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ସହିତ ଯୋଗାଯୋଗ କରି ସେମାନଙ୍କର ନିୟମିତ ଉପସ୍ଥାନ ବୃଦ୍ଧି କରାଇବା କ୍ଷେତ୍ରରେ ଏକ ସ୍ୱତନ୍ତ୍ର କମିଟି ଗଠନ କରି ଏହାକୁ ତ୍ୱରାନ୍ୱିତ କରିବା, ଅଧ୍ୟାପକ ଅଧ୍ୟାପିକା ଯେପରି ନିୟମିତ କ୍ଲାସ୍ କରିବେ ସେ ଦିଗରେ ଧ୍ୟାନ ଦେବାକୁ ଅଧ୍ୟକ୍ଷଙ୍କୁ ଅନୁରୋଧ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଅଭିଯୋଗ ପାଇଁ ଏକ ଅଭିଯୋଗ ବାକ୍ସ ସ୍ଥାପନ କରିବା ଏବଂ ମିଳୁଥିବା ଅଭିଯୋଗର ତୁରନ୍ତ ସମାଧାନ କରିବା ଦିଗରେ ପଦକ୍ଷେପ କୁହାଯିବା ସହିତ ଏକ କମିଟି ମାଧ୍ୟମରେ ଆଭ୍ୟନ୍ତରୀଣ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ କୁହାଯାଇଥିଲା। ବୈଠକରେ ଡା. ଦୁର୍ଯ୍ୟୋଧନ ଦାସ, ଆଡଭୋକେଟ ପର୍ଶୁରାମ ଦ୍ୱିବେଦୀ, ଗୋବର୍ଦ୍ଧନ ସାମଲ, ଇନ୍ଦ୍ରମଣି ପଣ୍ଡା, ସୌରେଶଚନ୍ଦ୍ର ମହାନ୍ତି, ସରୋଜ ତପନ ଦାସ, ଚାରୁଲତା ମହାପାତ୍ର, ସଂଗ୍ରାମ କିଶୋର ମହାନ୍ତି ପ୍ରମୁଖ ବିଭିନ୍ନ ମତ ଉପସ୍ଥାପନ କରିଥିବା ବେଳେ ଅମରେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ସଂଘରେ ଯୋଗ ଶିବିର



ବନ୍ତ/ଆଗରପଡ଼ା, ୨୦।୭(ସମିସ): ଆଗରପଡା ବରିଷ୍ଠ ନାଗରିକ ସଂଘରେ ଯୋଗ ଶିବିର କୁଆଁସମଡ଼ିଆସ୍ଥିତ ସଂଘ ଗୃହରେ ଉଦ୍‌ଘାଟିତ ହୋଇଯାଇଛି। ସଂଘ ସଭାପତି କୈଳାଶଚନ୍ଦ୍ର ଧଳଙ୍କ ସଂଯୋଜନାରେ ଥାନାଧିକାରୀ ଦେବରାଜ୍ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ନିଜେ ଯୋଗରୁ ଆରୋଗ୍ୟ ହେବା ସହିତ ନିୟମିତ ଅଭ୍ୟାସ କରୁଥିବା ପ୍ରକାଶ କରିଥିଲେ। ଜିଲ୍ଲା ଯୋଗଗୁରୁ ଧରଣୀଧର କର ଯୋଗ ଶିକ୍ଷା ଦେଇଥିଲେ। ସଂଘ ସମ୍ପାଦକ ରଞ୍ଜନ ଦାଶ, କାର୍ଯ୍ୟକାରୀ ସଭାପତି ରତ୍ନାକର ନାୟକ, ଉପସଭାପତି ଚିତ୍ତରଞ୍ଜନ ସାମନ୍ତରାୟ, ଉପଦେଷ୍ଟା ସୁବାସ ଦାଶ, ଗୋବିନ୍ଦଚନ୍ଦ୍ର ସାହୁ, ସଭ୍ୟ ସୁରେନ୍ଦ୍ରନାଥ ବିନ୍ଧାଣୀ, ମହେନ୍ଦ୍ର ମଲ୍ଲିକ, ଶତ୍ରୁଘ୍ନ ପାଣିଗ୍ରାହୀ, ସତ୍ୟେନ୍ଦ୍ର ମହୁରୀ, ପଦ୍ମନାଭ ଦାଶ, ଜଗନ୍ନାଥ ଶତପଥୀ, କୃଷ୍ଣଚନ୍ଦ୍ର ରଣା, ଗୋଲକ ବିହାରୀ ପୃଷ୍ଟି ପ୍ରମୁଖ ଯୋଗ ଅଭ୍ୟାସ କରିଥିଲେ।

## ଶିରିଡ଼ି ସାଇମନ୍ଦିର ବାର୍ଷିକ ଉତ୍ସବ



ବନ୍ତ/ଆଗରପଡ଼ା,୨୦।୭(ସମିସ): ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ଭଦ୍ରକ–ଆନନ୍ଦପୁର ରାଜ୍ୟ ରାଜପଥ ପାର୍ଶ୍ୱ ସାଇନଗରଠାରେ ଶିରିଡି ସାଇ ମନ୍ଦିରର ୪ର୍ଥବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଛୟାଳସିଂ ଗ୍ରାମ୍ୟପୁଷ୍କରିଣୀ ସିଂହବାହିନୀରୁ ୨୧ଟି କଳସକରାଯାଇ ବାଜା ବାଣ ରୋଷଣିରେ ଗ୍ରାମ, ବଜାର ପରିକ୍ରମା ପରେ ମନ୍ଦିରର ଯଜ୍ଞ ସ୍ଥଳରେ ସ୍ଥାପନା କରାଯାଇଥିଲା। ଖଗେଶ୍ୱର ବେହେରା, ଜୟନ୍ତୀ ବେହେରା ମୁଖ୍ୟ କର୍ତ୍ତା ଥିବା ବେଳେ ପୂଜକ ନରେଶଚନ୍ଦ୍ର ତ୍ରିପାଠୀ, ସୁରେନ୍ଦ୍ର କର, ମାନସ ରଞ୍ଜନ କର ପ୍ରମୁଖ ସମସ୍ତ ପୂଜା ରୀତିନୀତି ଅନୁଯାୟୀ କରିଥିଲେ। ଏହି ମନ୍ଦିରଟି ୪ ବର୍ଷ ପୂର୍ବେ ସୁମତୀ ସାହୁ ଓ ସ୍ୱର୍ଗତ ଶ୍ୟାମସୁନ୍ଦର ସାହୁ ଉଦ୍ୟମରେ ନିର୍ମାଣ ହୋଇଥିଲା। ଗୌରାଙ୍ଗ ଦାସ, ସମ୍ବିତ ପଣ୍ଡା, ଆଲୋକ ସାହୁ, ତ୍ରଲୋକ୍ୟ ସାହୁ, ନାରାୟଣ ଜେନା, ଭାଗବତ ରାଉତ, ଜାଗିରିଆ ସାହୁ, ମକିରୀ ମହାନ୍ତି, ମେନକା ସାହୁ, ବିଦ୍ୟାଧର ଲେଙ୍କା, ରଘୁନାଥ ଗିରି, ଯଶୋବନ୍ତ ବେହେରା, ନନ୍ଦକିଶୋର ଜେନା ସମେତ ସମସ୍ତ ଶିରିଡି ସାଇ ମନ୍ଦିର କମିଟିର ସଦସ୍ୟ ଓ ଛୟାଳସିଂ ପଞ୍ଚାୟତର ସମସ୍ତ ଭକ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

## ଓଡ଼ିଶାରେ ଆଇନର ଶାସନ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ: ସିପିଆଇ-ଏମ୍



ଭଦ୍ରକ, ୨୦।୭(ସମିସ)

ଗୋପାଳପୁରଠାରେ ମହିଳା ଗଣଧର୍ଷଣ, କେନ୍ଦୁଝରେ ଜିଲ୍ଲାରେ ମହିଳା ଧର୍ଷଣ, ଚାନ୍ଦିପୁର ବେଳାଭୂମିରେ ମହିଳା ଧର୍ଷଣ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ବ୍ୟବସ୍ଥାଗତ ହତ୍ୟା, ପୁରୀ ଜିଲ୍ଲା ନିମାପଡା ବ୍ଲକ ବଳଙ୍ଗା ଥାନା ଅଧିନସ୍ଥ ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ମାରିବା ଉଦ୍ୟମ, ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅଧିନସ୍ଥ ଖାରିଗୁମ୍ମା ସିଙ୍ଗାପୁର ଗ୍ରାମର ଦଳିତ ଚାବୁଲା ନାୟକ ଓ ବୁଲୁନାୟକଙ୍କୁ ନିର୍ଯାତନା ମାମଲା, ବିଏମସି ଅତିରିକ୍ତ କମିଶନରଙ୍କୁ ବିଜେପି ଗୁଣ୍ଡା ବାହିନୀଙ୍କ ନିଷ୍ଠୁର ମାଡ, ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ଓ ଖଡାଳପୋଖରୀ ପଞ୍ଚାୟତରେ ବିଜେପି ଗୁଣ୍ଡାବାହିନୀ ଦ୍ୱାରା ଦଳିତ ଓ ସାଧାରଣ ଲୋକଙ୍କ ଉପରେ ନିଷ୍ଠୁର ଅତ୍ୟାଚାର ଓଡିଶାର ଆଇନର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ସ୍ପଷ୍ଟ କରୁଛି। ଏହା ବିରୋଧରେ ଓଡିଶାରେ ଗଣତନ୍ତ୍ରର ସୁରକ୍ଷା ପାଇଁ ଓ ଆଇନର ଶାସନକୁ ସୁରକ୍ଷିତ ରଖିବା ପାଇଁ ଭଦ୍ରକବାସୀଙ୍କୁ ଏକତ୍ରିତ ହୋଇ ଲଢେଇ କରିବାକୁ ଜିଲ୍ଲା କମିଟି ବୈଠକରେ ଆହ୍ୱାନ ଦିଆଯାଇଛି। ଯାଜପୁର ରୋଡ୍-ଧାମରା ରେଳପଥ ନିର୍ମାଣ ଓ ଭଦ୍ରକ-ଧାମରା ରେଳପଥରେ ସରକାରୀ ଯାତ୍ରୀବାହୀ ରେଳ ଚଳାଚଳ ଦାବି କରି ଆସନ୍ତା ସେପ୍ଟେମ୍ବର, ୧୧ ତାରିଖରେ ଧାମରା, ଜନ୍ତୁଆଳି, ବଳସାହି, ଇଛାପୁର, ଭଦ୍ରକଠାରେ ରେଳରୋକ ଆନ୍ଦୋଳନ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚାଷୀ ମାନଙ୍କୁ ମାଗଣାରେ ସାର, ବିଷ, କୀଟନାଶକ ଔଷଧ, ବିହନ ଯୋଗାଇଦେବା ସହ ବିନାସୁଧରେ ଚାଷୀଙ୍କୁ ଚାଷ ପାଇଁ ରାଷ୍ଟ୍ରାୟତ ବ୍ୟାଙ୍କ ଓ ସମବାୟସମିତିରୁ କୃଷିଋଣ ଯୋଗାଇବା ଦାବିରେ ଜିଲ୍ଲା ବ୍ୟାପି ଆନ୍ଦୋଳନ ସଂଗଠିତ କରାଯିବା ପାଇଁ ଜିଲ୍ଲା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ଜିଲ୍ଲା କମିଟି ବୈଠକରେ ସିପିଆଇ(ଏମ) ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ, ଅନ୍ୟତମ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ଶିଶିର ହୁଇ, ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢୀ, ପ୍ରଭାସ ମହାପାତ୍ର, ବିଷ୍ଣୁ ଦାଶ, ରାଧାନାଥ ଦାସ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଗୌରାଙ୍ଗ ଯେନା, ମଳୟ ଭୋଇ, କାଳନ୍ଦୀ ପାତ୍ର, ଜୟନୁଲ ଆବେଦିନ, ସୁରଜିତା ନାୟକ ଏବଂ ଜିଲ୍ଲା କମିଟିର ଆମନ୍ତ୍ରିତ ସଭ୍ୟ ଚନ୍ଦ୍ରଶେଖର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ନିଷିଦ୍ଧାଞ୍ଚଳରୁ ଟ୍ରକ୍ ଓ ଜେସିବି ଜବତ



**ବାରିକପୁର, ୨୦।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରେ ସରକାରୀ ସ୍ୱୀକୃତିପ୍ରାପ୍ତ କୌଣସି ବାଲି ସୈରାତ ନାହିଁ। ତେଣୁ ବର୍ଷ ବର୍ଷ ଧରି ବେଆଇନ ବାଲି ଚାଲାଣ ଏକ ନିତିଦିନିଆ ଘଟଣାରେ ପରିଣତି ହୋଇଛି। ବାଧ୍ୟବାଧକତାରେ ପ୍ରଶାସନ ଏହାକୁ ରୋକିବା ପାଇଁ ଶତ ଚେଷ୍ଟା କରୁଥିଲେ ସୁଦ୍ଧା ତାହା ଏଯାଏଁ ସମ୍ଭବ ହେଉନାହିଁ। କିଛି ଦିନ ପୂର୍ବରୁ ତଟ ସୁରକ୍ଷା ଯୋଜନାରେ ତହସିଲ, ଥାନା ଓ ଖଣି ବିଭାଗ ମିଳିତ ଭାବେ ନଦୀର କେତେକ ସ୍ଥାନକୁ ନଷିଦ୍ଧାଞ୍ଚଳ ଘୋଷଣା କରିଥିଲେ। ନଦୀର ଝୁଟୁଣା, ଦାଦେଶ୍ୱର, ଜଗନ୍ନାଥପ୍ରସାଦ, ବାଲିପୋଖରୀ, ମୁଢାପଦା, ମଣିନାଥପୁର, ଦାଣ୍ଡକୁଳ ପ୍ରମୁଖ ସ୍ଥାନକୁ ନିଷିଦ୍ଧାଞ୍ଚଳ ଘୋଷଣା କରି ଖଣି ବିଭାଗ ସେଠାରେ ସୂଚନାଫଳକ ଲଗାଇଥିଲା। ଏହାସତ୍ତ୍ୱେ କିଛି ସ୍ଥାନରୁ ବାଲି ଉତ୍ତୋଳନ ହେଉଥିବା ଖବର ପାଇ ଗତ ଶନିବାର ବିଳମ୍ବିତ ରାତିରେ ଥାନା ଓ ଖଣି ବିଭାଗ ପକ୍ଷରୁ ଦାଣ୍ଡକୁଳଠାରେ ମିଳିତ ଚଢ଼ଉ ହୋଇଥିଲା। ଚଢ଼ଉ ବେଳେ ତିନିଗୋଟି ହାଇୱା ଟ୍ରକ ଓ ଗୋଟିଏ ଜେସିବିକୁ ଜବତ କରାଯାଇଛି। ଏହାସହିତ ଗାଡି ଚାଳକଙ୍କୁ ଥାନାରେ ଅଟକ ରଖାଯାଇଥିବା ବେଳେ ଖବର ଲେଖାହେବା ଯାଏଁ ଦୁଇ ବିଭାଗ ପକ୍ଷରୁ କୌଣସି ମାମଲା କିମ୍ବା ଜରିମାନା ହୋଇ ନଥିବା ଜଣାଯାଇଛି।

## ନିକୃଷ୍ଟ ମାନର ପାଦ ଚଲା ପୋଲ



**ବାରିକପୁର,୨୦।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରଣଜିତ ପଞ୍ଚାୟତ ସଂଲଗ୍ନ ସିମିଳିଆ ମାଳିପଦୀ ମାଇନର କେନାଲ ଉପରେ ଶହ ଶହ ଚାଷୀ ନିର୍ଭର କରିଥାନ୍ତି। ଏହି କେନାଲ ଉପରେ ମହାମାଲ୍ୟା, ମଞ୍ଜୁରୀ, ସିମିଳିଆ, ଜୋରାଗଡ଼ିଆ, ମାଳିପଦୀ, ବାଙ୍କମୁହାଁ, ନପଙ୍ଗ ପ୍ରମୁଖ ଗ୍ରାମର ଚାଷୀମାନେ ନିର୍ଭର କରି ଖରିଫ ଧାନ ଚାଷ କରିଥାନ୍ତି। ମାଇନରଟି ଅଧା ସଫାସୁତୁରା ରହିଥିବା ବେଳେ ଆହୁରି କିଛି ଅଂଶ ଏବେ ସୁଦ୍ଧା ଘାସ ଲତାରେ ପରିପୂର୍ଣ୍ଣ ହୋଇଛି। ଏସବୁ ସତ୍ତ୍ୱେ ଚାଷୀଙ୍କ ସୁବିଧା ଦୃଷ୍ଟିରୁ ସିମିଳିଆ ନିକଟରେ ଏକ ପାଦ ଚଲା ବକ୍ସଲ ପୋଲ ନିର୍ମିତ ହୋଇଛି। ଚାଷୀମାନେ କେଉଁଭଳି ସୁରୁଖୁରୁରେ ଚାଷ ଜମିକୁ ଯାତାୟାତ କରିବେ ସେଥିପାଇଁ ଏହି କ୍ଷୁଦ୍ର ପୋଲଟି ନିର୍ମିତ ହୋଇଛି। ପରିତାପର ବିଷୟ, ନବନିର୍ମିତ ପୋଲଟିର କାର୍ଯ୍ୟ ସେତେଟା ଶକ୍ତିଶାଳୀ ହୋଇ ନଥିବା କିଛି ଚାଷୀ ଅଭିଯୋଗ କରିଛନ୍ତି। ପୂର୍ବ ଲଘୁଚାପ ବର୍ଷା ଓ କେନାଲରେ ପାଣି ଆସିବା ବେଳେ ଅତି ତରବରିଆ ଭାବେ ଏହାକୁ ନିର୍ମାଣ କରାଯାଇଛି। କେନାଲ ଗର୍ଭରେ କାଦୁଅ ମାଟିକୁ ଖୋଳି ମେଟାଲ ବେଶି ପକାଯାଇ ଉକ୍ତ ବକ୍ସଲ ପୋଲଟି ମାତ୍ର ୮-୧୦ ଦିନରେ ନିର୍ମିତ ହୋଇଥିବା ଜଣାପଡିଛି। ବର୍ଷା ପାଣି ବୁଡ଼ା ଭିତରେ ପକ୍କା କାମ ହୋଇଥିବା ଯୋଗୁ ପୋଲର ସ୍ଥାୟିତ୍ୱକୁ ନେଇ ଚାଷୀମାନେ ସନ୍ଦେହ ପ୍ରକାଶ କରିଛନ୍ତି।

## ଜିଲ୍ଲା ଏଡିଇଓ ସଂଘର ସାଧାରଣ ସଭା



**ଭଦ୍ରକ, ୨୦।୭(ସମିସ):** ହିସାବରକ୍ଷକ ତଥା ତଥ୍ୟ ନିକ୍ଷେପଣ ପରିଚାଳକ ସଂଘ (ଏଡିଇଓ) ଭଦ୍ରକ ଜିଲ୍ଲା ପକ୍ଷରୁ ପ୍ରଥମ ବାର୍ଷିକ ସାଧାରଣ ସଭା ୨୦୨୫ ଭଦ୍ରକ ସହର ଥାନାଛକସ୍ଥିତ ମା'ତାରିଣୀ ହୋଟେଲ ସଭାଗୃହରେ ରବିବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସଙ୍ଘର କୋଷାଧକ୍ଷ ପ୍ରସନ୍ନକୁମାର ଦତ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ଜିଲ୍ଲା ସଭାପତି ଅଜିତ କୁମାର ପୁହାଣ, ଜିଲ୍ଲା ସମ୍ପାଦକ ଦିଗମ୍ବର ମହାପାତ୍ର, ଉପସଭାପତି ହିମାଳୟ ନାୟକ, ସଂଗଠନ ଉପଦେଷ୍ଟା ପ୍ରଫୁଲ୍ଲ ସାମଲ ମଞ୍ଚାସୀନ ଅତିଥି ଥିଲେ। କାର୍ଯ୍ୟକାରୀ ସଦସ୍ୟ ଭାବେ ରଶ୍ମିରଂଜନ ଦେବତା, ନିଶିକାନ୍ତ ଜେନା, ସତ୍ୟବ୍ରତ ପାଢ଼ୀ, ସୁବୋଧ କୁମାର ରାଉତ, ବିଜୟ କୁମାର ବାରିକ, ଅଶୋକ ନନ୍ଦୀ, ପ୍ରଭାତ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଘର ସଦସ୍ୟଙ୍କ ସୁରକ୍ଷା ତଥା ଅନ୍ୟାନ୍ୟ କାର୍ଯ୍ୟ ପନ୍ଥା ବିଷୟରେ ଉପସ୍ଥିତ ମଞ୍ଚା।ସୀନ କାର୍ଯ୍ୟକର୍ତ୍ତାମାନେ ଆଲୋଚନା କରିଥିଲେ। ସଙ୍ଘର ପ୍ରଥମ ବର୍ଷ ସାଧାରଣ ସଭା ଆୟୋଜିତ ହୋଇଥିବାରୁ ଉପସ୍ଥିତ ସଦସ୍ୟଙ୍କୁ ସଂଘ ପାଇଁ ଶୃଙ୍ଖଳିତ ଭାବରେ କାର୍ଯ୍ୟ କରିବାକୁ ସଭାପତି ପରାମର୍ଶ ଦେଇଥିବା ବେଳେ କୋଷାଧକ୍ଷ ପ୍ରସନ୍ନ କୁମାର ଦତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଚାରିଘରିଆବାସୀଙ୍କୁ କନ୍ଦାଉଛି ବର୍ଷାଦିନ

ବନ୍ତ/ଆଗରପଡ଼ା, ୨୦।୭(ସମିସ)

ଜଳ ନିଷ୍କାସନର ସୁବନ୍ଦୋବସ୍ତ ହୋଇ ପାରୁ ନଥିବାରୁ ଅସରାଏ ବର୍ଷା ହେଲେ ଗ୍ରାମବାସୀ ଜଳବନ୍ଦୀରେ ରହିଯିବା ସହ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଗମନାଗମନ ପୂରା ଠପ୍ ହୋଇଯାଉଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ ପୁରୁଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ୧୨ନଂ ୱାର୍ଡର ଚାରିଘରିଆଠାରେ। ଉକ୍ତ ଗାଁର ଲୋକସଂଖ୍ୟା ପାଖାପାଖି ୪୫୦। ଆଗରପଡ଼ା-ଭଦ୍ରକ ମୁଖ୍ୟରାସ୍ତାର ମେଡିକାଲ (ଆଗରପଡ଼ା) ଛକଠାରୁ ଏକ ରାସ୍ତା ଉକ୍ତ ଗାଁକୁ ସଂଯୋଗ କରୁଛି। ଉକ୍ତ ରାସ୍ତା ମୁଣ୍ଡଲୀ, ରଇଁତରା, ପୁରୁଷଣ୍ଡ ଆଦି ଗ୍ରାମକୁ ମଧ୍ୟ ସଂଯୋଗ କରୁଛି। ଏହିପରିସ୍ଥଳେ ଉକ୍ତ ଗ୍ରାମରେ ଜଳ ନିଷ୍କାସନର କୌଣସି ସୁବନ୍ଦୋବସ୍ତ କରାଯାଉ ନଥିବାରୁ ଗାଁ ମଝିରେ ଥିବା ପୋଖରୀ ପାଣି ବର୍ଷା ଜଳରେ ପୂରିଯିବା ମାତ୍ରେ ଗ୍ରାମବାସୀ ଜଳବନ୍ଦୀ ହୋଇଯାଉଛନ୍ତି। ବଜାରକୁ ଆସିବା ପୂରା ବନ୍ଦ ହୋଇଯିବା ସହ ଉକ୍ତ ଗ୍ରାମରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଅଚଳ ହୋଇପଡୁଛି। ପିଲାମାନେ କଲେଜ ଓ ସ୍କୁଲକୁ ମଧ୍ୟ ଶିକ୍ଷା ଲାଭ ପାଇଁ ଆସି ପାରୁନାହାନ୍ତି। ଅନ୍ୟ ଗ୍ରାମକୁ



ଯୋଗାଯୋଗ ବିଚ୍ଛିନ୍ନ ହୋଇପଡୁଛି। ବର୍ଷାଜଳ ଏହିପରି ନାନାଦି ସମସ୍ୟା ଗ୍ରାମବାସୀଙ୍କ ପାଇଁ ସୃଷ୍ଟି କରୁଥିବାରୁ ବର୍ଷା ଆସିଲେ ଗ୍ରାମବାସୀଙ୍କ ଆଖିରେ ଲୁହ ଆସିଯାଉଛି। ଜଳ ନିଷ୍କାସନ ପାଇଁ ଗତ ବର୍ଷ ବିଭାଗ ତରଫରୁ ରାସ୍ତାର ଉଭୟ ପାଶ୍ୱର୍ରେ ଡ୍ରେନ ନିର୍ମାଣ କରାଯାଇଥିଲେ ସୁଦ୍ଧା ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ଡ୍ରେନର ପାଣି ମୁଖ୍ୟ ଡ୍ରେନରେ ପଡ଼ିବା ପରିବର୍ତ୍ତେ ମୁଖ୍ୟ ଡ୍ରେନ ପାଣି ଉକ୍ତ ଡ୍ରେନରେ ଫେରି ଆସି ଗାଁ ଭିତରକୁ ପଶୁଥିବାର ଜଣାପଡ଼ିବା ପରେ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ। ବିଭିନ୍ନ ଗଣମାଧ୍ୟମରେ ଉକ୍ତ ଖବର ମଧ୍ୟ ପ୍ରକାଶ ପାଇଥିଲା; କିନ୍ତୁ ବିଭାଗ ଏଥିପ୍ରତି କୋ÷ଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ଗତ କିଛି ଦିନ ଧରି ହେଉଥିବା ଲଗାଣବର୍ଷାରେ ଗ୍ରାମବାସୀ ନାନାଦି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ମଧ୍ୟ ଗାଁର ଚାରିପାଖରେ ବର୍ଷାଜଳ ଘେରି ରହିଛି। ଏହା ଜମି ରହିବା ଦ୍ୱାରା ଡେଙ୍ଗୁକୁ ମଧ୍ୟ ଆମନ୍ତ୍ରଣ କରୁଛି। କିଛି ବଡ଼ ଅଘଟଣ ଘଟିବା ଆଗରୁ ଉକ୍ତ ଗାଁରେ ଜମି ରହୁଥିବା ବର୍ଷାଜଳର ନିଷ୍କାସନ ପାଇଁ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ନିର୍ମାଣକୁ ବର୍ଷେ ନ ପୂରୁଣୁ ମରାମତି ମାଗିଲାଣି ରାସ୍ତା

**ବନ୍ତ/ଆଗରପଡ଼ା, ୨୦।୭(ସମିସ):** ରାସ୍ତା ନିର୍ମାଣ ବେଳେ ସ୍ଥାୟିତ୍ୱ ପ୍ରତି ସଂପୃକ୍ତ ଠିକାଦାର ଦୃଷ୍ଟି ନଦେଇ କାର୍ଯ୍ୟ କରିଥିବାରୁ ବର୍ଷେ ନ ପୂରୁଣୁ ରାସ୍ତାରୁ ପିଚୁ ଉଠିବା ସହ ରାସ୍ତା ମରାମତି ମାଗିଲାଣି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ଓଡ଼ଙ୍ଗ-ଭରସିଂହପୁର ଭାୟା ମହିଁଷଡ଼ିହ, ସାହାଡ଼ାଗଡ଼ିଆ ଓ ସୁଆଁପଦା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କଠାରେ। ଉକ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ୮କିଲୋମିଟର କଂକ୍ରିଟ ଓ ପିଚୁ ରାସ୍ତା ନିର୍ମାଣ ପାଇଁ ୧୫୯.୨୯ଲକ୍ଷ ଟଙ୍କା



ମଞ୍ଜୁର ହୋଇଥିଲା। ୨୦୨୧ ଅକ୍ଟୋବର ୫ ତାରିଖରୁ କାର୍ଯ୍ୟ ଆରମ୍ଭ ହୋଇ ବର୍ଷ ୨୦୨୨ ଜୁଲାଇ ୪ ତାରିଖରେ ଉକ୍ତ ରାସ୍ତା ନିର୍ମାଣ ଶେଷ ହେବା କଥା; ମାତ୍ର ଠିକାଦାରଙ୍କ ମନୋମୁଖୀ ଭାବ ଯୋଗୁଁ ଏହି କାର୍ଯ୍ୟ ହେବାରେ ଅହେତୁକ ବିଳମ୍ବ ଘଟିଥିଲା ଯାହାକୁ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ। ବହୁ ବିଳମ୍ବରେ ଉକ୍ତ ରାସ୍ତା ନିର୍ମାଣ ହେବା ପରେ ଗତ ଡିସେମ୍ବର ମାସ ୨୫ ତାରିଖରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡେଇ, ଭଣ୍ଡାରିପୋଖରୀ ବିଜେପି ବିଧାନସଭା ନେତା ଡ. ସୁଧାଂଶୁ ଶେଖର ନାୟକଙ୍କ ସମେତ ବିଭାଗୀୟ ଅଧିକାରୀ ଉକ୍ତ ରାସ୍ତାକୁ ଲୋକାର୍ପିତ କରିଥିଲେ। ତେଣୁ ନିର୍ମାଣକୁ ବର୍ଷେ ନ ପୂରୁଣୁ ରାସ୍ତାରୁ ପିଚ ଉଠିବା ରାସ୍ତାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ରାସ୍ତାର ସ୍ଥାୟିତ୍ୱକୁ ଆଖି ଆଗରେ ରଖି ବିଭାଗ ତୁରନ୍ତ ଏହାର ମରାମତି କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ପାଳିତ ହେଉନି ହାଇକୋର୍ଟଙ୍କ ନିର୍ଦ୍ଦେଶ
## ପଲିଥିନ୍ କାରବାରରେ ଲାଗୁନି ରୋକ୍

**ବନ୍ତ/ଆଗରପଡ଼ା,୨୦।୭(ସମିସ):** ପରିବେଶ ପ୍ରଦୂଷଣ ହେବାର କାରଣ ଅନେକ ଥିବା ବେଳେ ପଲିଥିନ ଏକ ମୁଖ୍ୟ କାରଣ ସାଜିଛି। ଏହାକୁ ନଜରକୁ ନେଇ ମାନ୍ୟବର ହାଇକୋର୍ଟ ୨୦୦୨ରେ କଡ଼ାକଡ଼ି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ରାଜ୍ୟ ସରକାର ଏହାର ବ୍ୟବହାର ପାଇଁ ନିଷେଧାଜ୍ଞା ଜାରି ମଧ୍ୟ କରିଛନ୍ତି। ଇତିମଧ୍ୟରେ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳିତ ହୋଇପାରୁ ନାହିଁ। ୨୦୧୮ ଅକ୍ଟୋବର ୨ ତାରିଖରୁ ରାଜ୍ୟର ୬ଟି ସହର ଯଥା ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା ଓ ବ୍ରହ୍ମପୁରରେ ଏହାର ବ୍ୟବହାର ଉପରେ ରୋକ୍ ଲଗାଯାଇଥିଲା। ୨୦୨୦ ଅକ୍ଟୋବର ୨ତାରିଖରୁ ସାରା ରାଜ୍ୟକୁ ପଲିଥିନ୍ ଓ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସରକାର ଘୋଷଣା କରିଥିଲେ ସୁଦ୍ଧା ଏହାର ସଫଳ ରୂପାୟନ ଏବେ ସୁଦ୍ଧା ହୋଇ ପାରି ନାହିଁ। ବନ୍ତ ବ୍ଲକ ସମେତ ବିଭିନ୍ନ ଅଂଚଳରେ ପଲିଥିନ୍‌ର ବହୁଳ ବ୍ୟବହାର ଦେଖାଯାଇଛି। ଏଠାକାର ତେଜରାତି ଦୋକାନରୁ ଆରମ୍ଭ କରି ପନିପରିବା, ମିଠା ଦୋକାନ ସହ ମାଛ-ମାଂସ ଆଦି ବିଭିନ୍ନ ଦ୍ରବ୍ୟକୁ ଗ୍ରାହକମାନେ ପଲିଥିନ୍‌ରେ ନେଉଥିବାର ଦେଖାଯାଉଛି। ପଲିଥିନ୍‌କୁ ବ୍ୟବହାର କରି ବିଭିନ୍ନ ସ୍ଥାନରେ ଫିଙ୍ଗାଯିବା ଦ୍ୱାରା ଏହାକୁ ଗାଇଗୋରୁମାନେ ଖାଇବା ଦ୍ୱାରା ତାଙ୍କର ପାଚନ ଶକ୍ତି ହ୍ରାସ ହେବା ସହ ତାଙ୍କୁ ବିଭିନ୍ନ ରୋଗ ଗ୍ରାସ କରୁଛି। ମୃତ୍ତିକା ଅବକ୍ଷୟ ମଧ୍ୟ ଘଟୁଛି। ପଲିଥିନ୍‌କୁ ପୋଡ଼ିବା ଦ୍ୱାରା ମାଟିର ଉର୍ବରତା କମିବା ସହ ବାୟୁମଣ୍ଡଳ ଦୂଷିତ ହେଉଛି। ଏବେ ବିଭିନ୍ନ ଅଭିନନ୍ଦନର ବାର୍ତ୍ତାକୁ ପଲିଥିନ୍‌ରେ ତିଆରି ବ୍ୟାନର ମାଧ୍ୟମରେ ଆଦୃତ କରାଯାଉଥିବାରୁ ଏହି ନିଷେଧାଜ୍ଞାର କାର୍ଯ୍ୟକାରି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ସବୁ ଭିତରେ ହଜିଯାଇଛି ଠୁଙ୍ଗା ବେଉସା। ଠୁଙ୍ଗା ତିଆରିର ସଠିକ୍ ପାରିଶ୍ରମିକ ମୂଲ୍ୟ ପାଇପାରୁ ନଥିବାରୁ ଏହା ସଂପୂର୍ଣ୍ଣ ହ୍ରାସ ପାଇଛି।

### କ୍ଷତି ସହୁଛନ୍ତି ଠୁଙ୍ଗା ବେପାରୀ



ଅପରପକ୍ଷରେ ଆଧୁନିକ ଦୁନିଆରେ ଠୁଙ୍ଗାର ସ୍ଥାନ ନେଇଛି ପେପର ବ୍ୟାଗ କିନ୍ତୁ ଗ୍ରାମାଞ୍ଚଳରେ ଏହାର ବ୍ୟବହାର ବହୁଳ ମାତ୍ରରେ ହୋଇ ପାରିନାହିଁ। ବନ୍ତ ଓ ଆଗରପଡ଼ା ଅଞ୍ଚଳର କିଛି ବେପାରୀଙ୍କୁ ଯୋଗାଯୋଗ କରିବାରୁ ଜଣାଯାଏ ଯେ ପଲିଥିନ୍‌ର ବହୁଳ ବ୍ୟବହାର ଯୋଗୁଁ ଠୁଙ୍ଗାର ଚାହିଦା କମିଯାଇଛି। ଠିକ୍ ସେହିପରି କିଛି ଦୋକାନୀଙ୍କୁ ଯୋଗାଯୋଗ କରିବାରୁ ସେମାନେ ଅଭିଯୋଗ କରନ୍ତି ଯେ ଠୁଙ୍ଗାର ଅଭାବ ଯୋଗୁଁ ସେମାନେ ବାଧ୍ୟ ହୋଇ ପଲିଥିନ୍‌ରେ ଗ୍ରାହକଙ୍କୁ ଜିନିଷପତ୍ର ଦେଉଛନ୍ତି। ସରକାର ଠୁଙ୍ଗା ବ୍ୟବସାୟୀଙ୍କୁ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ପ୍ରୋତ୍ସାହନ ଯୋଗାଇ ଦେବା ସହ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ଠୁଙ୍ଗା ବ୍ୟବସାୟ ଉପରେ ନିୟୋଜିତ କରାଇ ପାରିଲେ ଏବଂ ଗ୍ରାମାଞ୍ଚଳରେ ପେପର ବ୍ୟାଗ ପ୍ରଚଳନ ଉପରେ ଗୁରୁତ୍ୱ ଦେଇପାରିଲେ ଏକ ସୁନିଶ୍ଚିତ ଧ୍ୱଂସାଭିମୁଖୀ ପରିବେଶକୁ ମୁକ୍ତ କରିବା ସହ ଠୁଙ୍ଗା ଓ ପେପର ବ୍ୟାଗକୁ ପଲିଥିନ୍‌ର ବିକଳ୍ପ ଭାବେ ଠିଆ କରିପାରନ୍ତେ ବୋଲି ପରିବେଶବିତ୍ ମତ ବ୍ୟକ୍ତ କରୁଛନ୍ତି। ସରକାର ଏହିସବୁକୁ ଆଖିଆଗରେ ରଖି ପଲିଥିନ୍‌ର ବିକଳ୍ପକୁ ବ୍ୟବହାର ପାଇଁ କଡ଼ାକଡ଼ି ନିର୍ଦ୍ଦେଶ ଦେବା ସହ ପରିବେଶ ସୁରକ୍ଷା ଓ ଜନମାନସର ଜୀବନକୁ ସରସ ସୁନ୍ଦର କରିବାପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।

## ଗଛକଟା ଘଟଣା: ବିବାଦୀୟ ବିଡିଓଙ୍କ ନାମରେ ଏତଲା

**ଭଣ୍ଡାରିପୋଖରୀ, ୨୦।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକ ପରିସରରୁ ଗତ ୧୩ ତାରିଖ ରବିବାର ଜୀବନ୍ତ ଗଛକଟା ଘଟଣାରେ ବିଡିଓଙ୍କ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦାୟିତ୍ୱହୀନ କାର୍ଯ୍ୟକଳାପ ଯୋଗୁଁ ବ୍ଲକ ପ୍ରଶାସନ ସମାଲୋଚିତ ହୋଇଛି। ବ୍ଲକର ସମ୍ପୂର୍ଣ୍ଣ ପରିସର ସିସିଟିଭି ଦୃଷ୍ଟିରେ ରହିଛି। ଗଛକଟା ସମୟରେ ବ୍ଲକର ୨ ଜଣ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିବା ଘଟଣାକୁ ଅଧିକ ରହସ୍ୟାବୃତ୍ତ କରିଛି। ସୋମବାର ବ୍ଲକ କାର୍ଯ୍ୟାଳୟ କାର୍ଯ୍ୟ ନିଜ ରସିଦ ବାତିଲ କରି ପୈଠ ୨ ହଜାର ଅର୍ଥ ଫେରସ୍ତ ଦେଇଥିଲେ ବୋଲି ଖୋଦ ବିଡିଓ ଶ୍ରୀ ଦାସ ମତ ରଖିଛନ୍ତି। ଅନ୍ୟପକ୍ଷରେ କଟାକାଠର ମୂଲ୍ୟ କେବଳ ବନବିଭାଗ ନିର୍ଦ୍ଧାରଣ କରିପାରିବେ ବୋଲି ଭଦ୍ରକ ଜିଲ୍ଲା ବନଅଧିକାରୀ ସୌଭାଗ୍ୟ କୁମାର ସାହୁ ମତପୋଷଣ କରିଛନ୍ତି। ଏହି ଆଧାରରେ କଟାକାଠର ମୂଲ୍ୟ ୨ ହଜାର ବୋଲି ବିଡିଓ କିପରି ନିର୍ଦ୍ଧାରଣ କଲେ ବୋଲି ପ୍ରଶ୍ନ ହୋଇଛି। ଗଛକଟାଯିବା ଅପରାଧିକ କାର୍ଯ୍ୟ। ଏଥିରେ ବିଡିଓଙ୍କ ସଂପୃକ୍ତି ରହିଛି ବୋଲି



ଆରମ୍ଭ କରିବା ସମୟରୁ ଘଟଣା ପ୍ରତ୍ୟକ୍ଷରେ ଅବଗତ ହୋଇ ମଧ୍ୟ ବିଡିଓ କୌଣସି ପଦକ୍ଷେପ ଗ୍ରହଣ କରି ନଥିଲେ। ଗତ ମଙ୍ଗଳବାର ବନ ଅଧିକାରୀ କୃଷ୍ଣଚନ୍ଦ୍ର ବାସ୍କେ ପହଞ୍ଚି କଟାଗଛ ଗଣ୍ଡିକୁ ଜବତ କରିବା ସହ ବ୍ଲକ ମୁଖ୍ୟ କିରାଣିଙ୍କୁ ଜିମାନାମା ଦେଇଥିଲେ। ଏହାକୁ ଭ୍ରୂକ୍ଷେପ ନକରି ବିଡିଓ ଦେବଦତ୍ତ ଦାସ କଟାଗଛ ଗଣ୍ଡିଗୁଡିକୁ ୨ ହଜାର ଟଙ୍କାରେ ନିଲାମ କରିଦେଇ ପୈଠ ରସିଦ ଜଣେ ବ୍ୟକ୍ତିଙ୍କୁ ବୁଧବାର ଦେଇଥିଲେ। ସଂପୃକ୍ତ ନିଲାମଧାରୀ ବ୍ୟକ୍ତି ଅଟୋ ଲଗାଇ କାଠ ବୋଝେଇ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିମାନେ ବିରୋଧ କରିଥିଲେ। ଫଳରେ ଘଟଣାକ୍ରମରୁ ଜଣାପଡୁଛି ବୋଲି ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର ମତଦେଇଛନ୍ତି। ଘଟଣାକୁ ନେଇ ଦକ୍ଷିଣବାଡ ସରପଞ୍ଚ ଗତ ୧୭ ତାରିଖରେ ବିଡିଓଙ୍କ ନାମରେ ଥାନାରେ ଏତଲା ଦେଇଥିଲେ ବି ମାମଲା ରୁଜୁ ହୋଇ ନଥିବା ଜଣାଯାଇଛି। ପଞ୍ଚାୟତସମିତି ଅଧ୍ୟକ୍ଷା ସୁମତୀ ସେଠୀ ଗଛକଟାକୁ ନିନ୍ଦା କରିବା ସହ ଏଥିନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଡିଓଙ୍କ ମନମୁଖୀ କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ତେଜିବାରେ ଲାଗିଛି। ବନବିଭାଗ ଏ ସମ୍ପର୍କରେ ଯାହା କିଛି ପଦକ୍ଷେପ ନେଇପାରିବ ବୋଲି ବିଡିଓ ଶ୍ରୀ ଦାସ ପ୍ରତିକ୍ରିୟା ରଖିଛନ୍ତି।

## ଘୋଷଣାକୁ ବର୍ଷେ; ରୋପଣ ହେଲାନି ତାଳ ମଞ୍ଜି



ବାରିକପୁର, ୨୦।୭(ସମିସ)

ଚାଷ ଜମିରେ ଚାଷୀମାନେ କାର୍ଯ୍ୟ କରୁଥିବା ବେଳେ ବିଜୁଳି ଘଡଘଡି ଯୋଗୁଁ କେତେକଙ୍କ ଜୀବନ ଚାଲିଯାଉଛି। ପ୍ରତ୍ୟେକ ବର୍ଷ ଏଭଳି ଦୁର୍ଘଟଣା ଘଟି ଅନେକ ଚାଷୀଙ୍କ ଜୀବନ ଯାଉଛି। ବୈଶାଖ ମାସଠାରୁ ଭାଦ୍ରବ ମାସ ଯାଏଁ ଓଡ଼ିଶାରେ ବଜ୍ରପାତ ଜନିତ ଦୁର୍ଘଟଣା ଲାଗି ରହିଥାଏ। ବିଶେଷ କରି ଆଶାଢ଼ ଶ୍ରାବଣ ମାସରେ ଖରିଫ ଚାଷ ଆରମ୍ଭ ବେଳେ ବଜ୍ରପାତ ହେଲେ କିଛି ଚାଷୀ ମୃତାହତ ହେଉଛନ୍ତି। ସୂଚନା ଅନୁସାରେ, ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ବିଗତ ବର୍ଷରେ ଏଭଳି ଦୁର୍ଘଟଣା ଅନେକ ଦେଖା ଦେଇଛି। ଚାଷ କାର୍ଯ୍ୟ କରୁଥିବା ବେଳେ ବିଜୁଳି ଯୋଗୁଁ କିଛି ଚାଷୀ ଓ ଶ୍ରମିକଙ୍କ ଅକାଳ ବିୟୋଗ ଘଟିଛି। ତେଣୁ ଉକ୍ତ ଦୈବିଦୁର୍ଘଟଣାକୁ ଲକ୍ଷ୍ୟ ସରକାର ଚାଷୀଙ୍କ ସୁରକ୍ଷା ସକାଶେ ଓଡିଶାତମାମ ଜମି ହିଡ଼ରେ ତାଳ ଗଛ ଲଗାଇବାକୁ ଗତ ବର୍ଷ ଘୋଷଣା କରିଥିଲେ। ବୈଜ୍ଞାନିକ କାରଣ ଅନୁଯାୟୀ ତାଳ ଓ ନଡ଼ିଆ ଗଛ ଅତି ଉଚ୍ଚ ହୋଇଥିବା ଯୋଗୁଁ ଏହା ବଜ୍ରପାତ ଶକ୍ତିକୁ ଅନେକାଂଶରେ ପ୍ରତିରୋଧ କରିପାରିବ। ତେଣୁ କୃଷି କ୍ଷେତ୍ରରେ ତାଳ ଗଛ ଲାଗିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବା ବେଳେ ସରକାରଙ୍କ ଘୋଷଣା ଆଜି ଯାଏଁ କାର୍ଯ୍ୟକାରୀ ହୋଇପାରିନାହିଁ। ଚାଷ ଜମି ଓ ପାଳ ବଗିଚାରେ ତାଳ ଗୋଟମା ରୋପଣ ପାଇଁ ସରକାର କୃଷି ଓ ଜଙ୍ଗଲ ବିଭାଗକୁ ଦାୟିତ୍ୱ ଦେଇଥିବା ସେତେବେଳେ ଘୋଷଣା କରିଥିଲେ। ପରିତାପର ବିଷୟ, ଉକ୍ତ ଦୁଇଟି ବିଭାଗ ପାଖରେ ଯୋଜନାର ରୂପରେଖ ସମ୍ବଳିତ କୌଣସି ନିର୍ଦ୍ଦେଶ ନାମା ଏଯାଏଁ ପହଞ୍ଚି ପାରିନାହିଁ। ତେଣୁ ତାଳ ମଞ୍ଜି ରୋପଣ କେବଳ ଘୋଷଣାରେ ହିଁ ରହିଯାଇଛି। ଏପଟେ କିଛି ଗ୍ରାମ୍ୟ ରାସ୍ତା ପାର୍ଶ୍ୱରେ ବୃକ୍ଷପ୍ରେମୀମାନେ ନିଜସ୍ୱ ପ୍ରଚେଷ୍ଟା ଯୋଗୁ ଅନେକ ତାଳ ଗଛ ସୃଷ୍ଟି କରିଛନ୍ତି। ଯାହାକି ପଥଚାରୀ ଓ ଗ୍ରାମବାସୀଙ୍କ ପାଇଁ ସୁରକ୍ଷା କବଚ ଭାବେ ରହିଛି। ଏଭଳି ଚିତ୍ର ନପଙ୍ଗ, ମାଳଦା, ଜଳହରି, ବିରୋଳି, ବରାହନୂଆପଡା, ମଣିନାଥପୁର, କୁରିଗାଁ, ନାଉରି ଗଡିଆ ପ୍ରମୁଖ ସ୍ଥାନରେ ଦେଖାଯାଉଛି। ସରକାରଙ୍କ ଘୋଷଣା କାର୍ଯ୍ୟକାରୀ ହେଉ ନଥିବା ବେଳେ ଜନସାଧାରଣ ସ୍ୱଇଚ୍ଛାରେ ତାଳ ଗଛ ଲଗାଇବା ସ୍ୱାଗତଯୋଗ୍ୟ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ଭଗ୍ନାଂଶରେ ଝୁଲି ରହିଛି କାଣୀ ନାଳ ପୋଲ

**ବାରିକପୁର, ୨୦।୭(ସମିସ):** ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ସୁଦ୍ଧା ଏଯାଏଁ ଗ୍ରାମବାସୀଙ୍କ ସୁରକ୍ଷା ଉପରେ ଦୃଷ୍ଟି ଦିଆଯାଇନାହିଁ। ତେଣୁ ରାତି ପାହିଲେ ଲୋକେ ବିପଦ ସଂକୁଳ ଭାବେ ନାଳ ପାରି ହେଉଛନ୍ତି। ସୂଚନାମୁତାବକ, ଭଣ୍ଡାରିପୋଖରୀ ବ୍ଲକ ନପଙ୍ଗ ପଞ୍ଚାୟତ ଅଧୀନସ୍ଥ ଗିଲପଦୀ ଗାଁ ଦେଇ ଏକ ପାଣି ନାଳ ଯାଇଛି। ଏହାକୁ ଗ୍ରାମବାସୀ କାଣୀ ନାଳ ବୋଲି କହିଥାନ୍ତି। ବର୍ଷା ଦିନେ ସୁଦୂର ଆଖୁଆପଦାଠାରୁ ଆରମ୍ଭ କରି ମଞ୍ଜୁରୀରୋଡ଼ ଓ ଛତାବର ପଟୁ ଆସୁଥିବା ପାଣି ପର୍ବତୀ ସାଇଫନ ଅତିକ୍ରମ କରି ଏହି ନାଳରେ ପ୍ରବାହିତ ହୋଇ ଗେଙ୍ଗୁଟିରେ ମିଶିଥାଏ। ତେଣୁ ଗ୍ରାମବାସୀ ସୁରକ୍ଷିତ ଭାବେ ନାଳ ପାରିହୋଇ ଚାଷ ଜମି ଓ ନପଙ୍ଗକୁ ଯିବା ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିଲେ। କିଛି ବର୍ଷ ପୂର୍ବରୁ ଉକ୍ତ ନାଳ ଉପରେ ହୋମ ପାଇପ ପକାଯାଇ ଘୋଷରା ପୋଲ ନିର୍ମିତ ହୋଇଥିଲା। ୨୦୨୧ମସିହା ବନ୍ୟା ବେଳେ ଘୋଷରା ପୋଲଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଗୋଟିଏ ପାର୍ଶ୍ୱ ଦବି ଯାଇଥିଲା। ପରେ ଏହା ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ନାଳରେ ଲୀନ ହୋଇଯାଇଥିଲା। ଏବେ ଗୋଟିଏ ଅଂଶ ସମ୍ପୂର୍ଣ୍ଣ ଭଗ୍ନ ଅବସ୍ଥାରେ ରହିଥିବା ବେଳେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ଏହାର ପୁନଃ ନିର୍ମାଣ ପାଇଁ ଚାରି-ପାଞ୍ଚ ବର୍ଷ ହେବ ଗ୍ରାମବାସୀ ଅଭିଯୋଗ କରି ଆସୁଥିଲେ ସୁଦ୍ଧା କେହି ଦୃଷ୍ଟି ଦେଉନାହାନ୍ତି। ପଞ୍ଚାୟତ



ଅପର ପାର୍ଶ୍ୱ ଅଂଶଟି କେବଳ ଝୁଲି ରହିଛି। ଦୈନିକ ଅତି ବିପଦସଂକୁଳ ଭାବେ ଲୋକେ ଏହା ଉପରେ ଯାତାୟାତ କରୁଛନ୍ତି। ଛୋଟ ଛୋଟ ପିଲାମାନେ ଏହାକୁ ଅତିକ୍ରମ କରି ଦୈନିକ ସ୍କୁଲ ଯାଉଛନ୍ତି। ଏହାଛଡା ଗାଁର ଗାଇଗୋରୁ ଘୋଷରା ଅତିକ୍ରମ କରୁଥିବା କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ବିଡିଓ ସମସ୍ତେ ଅବଗତ ଥାଇ ସୁଦ୍ଧା ଘୋଷରାଟି ମରାମତି ନହେବା ପରିତାପର ବିଷୟ ପାଲଟିଛି। ଜିଲ୍ଲାପାଳ ମହୋଦୟ ଏହା ଉପରେ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୨୫ • ପାଉଣ୍ଡ ୧୧୫.୩୮
- ୟୁରୋ ୧୦୦.୬୯ • ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୨୦୦ (ନୂଆଦିଲ୍ଲୀ)
- ରୁପା : ୧,୧୧,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୭୫୭.୦୦
- ନିଫ୍ଟି ୨୪,୯୬୮.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଆର୍‌ଡି, କେଭିପି, ପିପିଏଫ୍, ଏନ୍‌ଏସ୍‌ସିକୁ ନେଇ ଡାକ ବିଭାଗର ନୂଆ ନିୟମ

# ମାଚ୍ୟୁରିଟିର ୩ ବର୍ଷରେ ବନ୍ଦ କରିବାକୁ ହେବ ଖାତା

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି)

ମାସିକ ଆୟ ଯୋଜନା (ଏମ୍‌ଆଇଏସ୍), ଆବର୍ତ୍ତି ଜମା (ଆର୍‌ଡି), କିଷାନ ବିକାଶ ପତ୍ର (କେଭିପି), ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍), ଜାତୀୟ ସଞ୍ଚୟ ପ୍ରମାଣପତ୍ର (ଏନ୍‌ଏସ୍‌ସି) ଭଳି କ୍ଷୁଦ୍ର ସଞ୍ଚୟ ଯୋଜନାଗୁଡ଼ିକୁ ନେଇ ଡାକ ବିଭାଗ ନୂଆ ନିୟମ ଆଣିଛି। ଡାକ ବିଭାଗର ଘୋଷଣା ଅନୁଯାୟୀ, ମାଚ୍ୟୁରିଟି ଲାଭ କରିବା ବା ଅବଧି ଶେଷ ହେବା ତାରିଖଠାରୁ ତିନି ବର୍ଷ ପରେ ମଧ୍ୟ ଯେଉଁ କ୍ଷୁଦ୍ର ସଞ୍ଚୟ ଯୋଜନାଗୁଡ଼ିକୁ ବଢ଼ାଯାଇନାହିଁ କିମ୍ବା ବନ୍ଦ କରାଯାଇନାହିଁ, ସେଗୁଡିକୁ ଅଚଳ କରିଦିଆଯିବ। ଏହାର ଅର୍ଥ ସେହି ଆକାଉଣ୍ଟ ସହ ଜଡିତ ସମସ୍ତ କାରବାର ବନ୍ଦ ହୋଇଯିବ। ଆକାଉଣ୍ଟଧାରୀମାନଙ୍କୁ ସେମାନଙ୍କର



ଆକାଉଣ୍ଟଗୁଡ଼ିକୁ ପୁନଃ ଆରମ୍ଭ କରିବା ପାଇଁ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସମ୍ପୃକ୍ତ ବିଭାଗକୁ ଦାଖଲ କରିବାକୁ ପଡିବ।

ରିପୋର୍ଟ ଅନୁଯାୟୀ, ଏହି ପ୍ରକ୍ରିୟା ବର୍ଷକୁ ଦୁଇଥର କରାଯିବ, ଯାହା ଦ୍ୱାରା ଏପରି ଆକାଉଣ୍ଟଗୁଡ଼ିକୁ ଚିହ୍ନଟ କରାଯାଇପାରିବ। ଏହାଦ୍ୱାରା ଜମାକାରୀଙ୍କ କଠିନ ପରିଶ୍ରମରୁ ଉପାର୍ଜିତ ଅର୍ଥର ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ। ଆଦେଶ ଅନୁଯାୟୀ, ଏହି ଯୋଜନାଗୁଡ଼ିକ ମଧ୍ୟରେ ଅବଧି ଜମା, ମାସିକ ଆୟ ଯୋଜନା, ଜାତୀୟ ସଞ୍ଚୟ ପ୍ରମାଣପତ୍ର, କିଷାନ ବିକାଶ ପତ୍ର ଇତ୍ୟାଦି ଅନ୍ତର୍ଭୁକ୍ତ।

ଡାକ ବିଭାଗ ଅନୁଯାୟୀ, ଏଥିରେ ଅନେକ ପ୍ରକାରର କ୍ଷୁଦ୍ର ସଞ୍ଚୟ ଖାତାଗୁଡ଼ିକୁ ଫ୍ରିଜ୍ କରାଯାଇପାରିବ। ସେଗୁଡିକ ମଧ୍ୟରେ ଅବଧି ଜମା (ଟିଡି), ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା (ଏସ୍‌ସିଏସ୍‌ଏସ୍) ଏବଂ ଆବର୍ତ୍ତି ଜମା (ଆର୍‌ଡି) ଅନ୍ତର୍ଭୁକ୍ତ। ଯେତେବେଳେ ଆପଣଙ୍କର ଡାକଘର ସଞ୍ଚୟ ଖାତା ଅଚଳ ହୋଇଯିବ, ଆପଣ ସେଥିରୁ କୌଣସି କାରବାର କରିପାରିବେ ନାହିଁ। ଏହାର ଅର୍ଥ ହେଉଛି ଆପଣ ଟଙ୍କା ଉଠାଇପାରିବେ ନାହିଁ କିମ୍ବା ଜମା କରିପାରିବେନାହିଁ। ଏହା ସହିତ, ସ୍ଥାୟୀ ଅର୍ଡର ଏବଂ ଅନଲାଇନ୍ ସେବା ମଧ୍ୟ ବନ୍ଦ ହୋଇଯିବ। ପ୍ରତିବର୍ଷ ଜୁଲାଇ ୧ ଏବଂ ଜାନୁଆରୀ ୧ ରୁ ଆରମ୍ଭ କରି ୧୫ ଦିନ ମଧ୍ୟରେ ଏପରି ଆକାଉଣ୍ଟଗୁଡ଼ିକୁ ଚିହ୍ନଟ ଏବଂ ଅଚଳ କରିବାର ପ୍ରକ୍ରିୟା ଚାଲିଥାଏ। ଏହାର ଅର୍ଥ ହେଉଛି ପ୍ରତିବର୍ଷ ଜୁନ୍ ୩୦ ଏବଂ ଡିସେମ୍ବର ୩୧ ରେ ତିନି ବର୍ଷ ପୂରଣ କରୁଥିବା ଆକାଉଣ୍ଟଗୁଡ଼ିକୁ ଚିହ୍ନଟ ଏବଂ ଅଚଳ କରାଯିବ।

ଯଦି କୌଣସି ବଶତଃ ଗ୍ରାହକଙ୍କ କ୍ଷୁଦ୍ର ସଞ୍ଚୟ ଯୋଜନାର ଆକାଉଣ୍ଟ ଅଚଳ ହୋଇଯାଏ, ତେବେ ଆପଣଙ୍କୁ ଏହାକୁ ପୁଣି ଥରେ ଖୋଲିବାକୁ ପଡିବ। ଏଥିପାଇଁ ଆକାଉଣ୍ଟଧାରୀଙ୍କୁ ଯେକୌଣସି ଡାକଘରକୁ ଯାଇ ଅଚଳ ହୋଇଥିବା ଆକାଉଣ୍ଟର ପାସବୁକ୍ କିମ୍ବା ପ୍ରମାଣପତ୍ର କେୱାଇସି ଡକ୍ୟୁମେଣ୍ଟ (ମୋବାଇଲ୍ ନମ୍ବର, ପାନ କାର୍ଡ ଏବଂ ଆଧାର କାର୍ଡ କିମ୍ବା ଠିକଣା ପ୍ରମାଣ) ପ୍ରଦାନ କରିବାକୁ ପଡିବ।

## ୧୬ ହଜାର କୋଟିର ଆଇଟିସି ଠକେଇର ଖୁଲାସା

■ ଧରାପଡିଲେ ୩୫୫୮ ଜାଲ୍ କମ୍ପାନୀ

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି): ୨୦୨୫-୨୬ ଆର୍ଥିକବର୍ଷର ପ୍ରଥମ ତ୍ରୈମାସିକ (ଏପ୍ରିଲ-ଜୁନ୍) ମଧ୍ୟରେ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) କ୍ଷେତ୍ରରେ ୧୫,୮୫୧ କୋଟି ଟଙ୍କାର ନକଲି ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ଠକେଇର ପର୍ଦ୍ଦାଫାସ ହୋଇଛି। ତେବେ ଏହି ଠକେଇ ପୂର୍ବ ଆର୍ଥିକବର୍ଷର ସମାନ ସମୟ ତୁଳନାରେ ୨୯ ପ୍ରତିଶତ ଅଧିକ। ତଥାପି, ଏହି ସମୟ ମଧ୍ୟରେ ନକଲି କମ୍ପାନୀ ସଂଖ୍ୟା ହ୍ରାସ ପାଇଥିବା କୁହାଯାଉଛି। ଏଭଳି ବଡ଼ ଆଇଟିସି ଠକେଇରେ ୩୫୫୮ ଜାଲ୍ କମ୍ପାନୀ ଧରାପଡିଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ଏହି ତ୍ରୈମାସିକରେ କେନ୍ଦ୍ର ଏବଂ ରାଜ୍ୟ ଜିଏସ୍‌ଟି ଅଧିକାରୀମାନେ ମୋଟ ୩,୫୫୮ ନକଲି କମ୍ପାନୀ ଚିହ୍ନଟ କରିଥିଲେ। ଯେତେବେଳେ କି ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଏହି ସଂଖ୍ୟା ୩,୮୪୦ ଥିଲା। ଅଧିକାରୀମାନେ କହିଛନ୍ତି ଯେ ପ୍ରତି ମାସରେ ହାରାହାରି ୧୨୦୦ଟି ନକଲି କମ୍ପାନୀର ଠକେଇ ସମ୍ପର୍କରେ ପର୍ଦ୍ଦାଫାସ କରାଯାଇଥିଲା। ଏହି ତ୍ରୈମାସିକରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମୟରେ, ୫୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୬୫୯ କୋଟି ଟଙ୍କା ଜବତ କରାଯାଇଥିଲା। ଗତ ବର୍ଷ ସମାନ ତ୍ରୈମାସିକରେ ଏଭଳି ଘଟଣାରେ ୨୬ ଜଣଙ୍କୁ ଗିରଫ କରାଯାଇଥିଲା ଏବଂ ୫୪୯ କୋଟି ଟଙ୍କା ଆଦାୟ କରାଯାଇଥିଲା। ଜିଏସ୍‌ଟି ବ୍ୟବସ୍ଥା ଅନୁଯାୟୀ, କମ୍ପାନୀଗୁଡ଼ିକ ସେମାନଙ୍କର ଯୋଗାଣକାରୀଙ୍କଠାରୁ କ୍ରୟ ଉପରେ ଦେୟ ଟିକସକୁ ଆଇଟିସି ଭାବରେ ଦାବି କରିପାରିବେ। କିନ୍ତୁ ଏହି ଟିକସ କ୍ରେଡିଟର ଫାଇଦା ଉଠାଇବା ପାଇଁ ନ କଲି କମ୍ପାନୀଗୁଡ଼ିକ ସୃଷ୍ଟି କରାଯାଏ, ଯାହା ଫଳରେ ସରକାରଙ୍କୁ ବିପୁଳ ରାଜସ୍ୱ କ୍ଷତି ହୋଇଥାଏ। ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୬୧,୫୪୫ କୋଟି ଟଙ୍କାର ଆଇଟିସି ଠକେଇ ଚିହ୍ନଟ ହୋଇଥିଲା, ଯେଉଁଥିରେ ୨୫,୦୦୯ ନକଲି କମ୍ପାନୀ ସାମିଲ ଥିଲେ।

## ପ୍ରଦୂଷଣର କାରଖାନା ସାଜିଛି ସାହାଜବାହାଲ ଜେଏସ୍‌ଡବ୍ଲ୍ୟୁ

ଇବ୍‌ଥର୍ମାଲ,୨୦।୭ (ସମିସ)

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ କୁମ୍ଭାରବନ୍ଧ ପଞ୍ଚାୟତ ସାହାଜବାହାଲ ସ୍ଥିତ ଜେଏସ୍‌ଡବ୍ଲ୍ୟୁ ଘରୋଇ ପାୱାରପ୍ଲାଣ୍ଟ ଏବେ ଲୋକଙ୍କ ପାଇଁ ଅଭିଶାପ ପାଲଟିଛି। ଏଠାରେ ଇଣ୍ଡ ବରାଥ୍ ଉତ୍କଳ ଏନର୍ଜି ସହିତ ଏଏମ୍‌ୟୁ ସ୍ୱାକ୍ଷରିତ ହୋଇ ଇଣ୍ଡ ବରାଥ୍‌କୁ ଶାଗମାଛ ଦରରେ ଜମି ପ୍ରଦାନ କରାଗଲା। କମ୍ପାନୀ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଣି ଫୋଟକା ହେଇଥିଲା। ପରେ ଇଣ୍ଡ ବରାଥ୍ ଉତ୍କଳ ଏନର୍ଜି ଦେବାଳିଆ ଘୋଷିତ ହେବାପରେ ଜେଏସ୍‌ଡବ୍ଲ୍ୟୁ ଅଧିଗ୍ରହଣ କରିଥିଲା। କିନ୍ତୁ ଏହାପରେ ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହେବା ପରିବର୍ତ୍ତେ ସେମାନଙ୍କ ଦୁର୍ଦ୍ଦଶା ବଢ଼ିଲା। ଏବେ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ଓ ବିକାଶ ଘର ଶୂନ ହୋଇଛି। ପ୍ଲାଣ୍ଟ ଚାଲିବା ଦିନଠାରୁ ଜେଏସ୍‌ଡବ୍ଲ୍ୟୁ ଅଞ୍ଚଳବାସୀଙ୍କୁ କେବଳ ପ୍ରଦୂଷଣ ଛଡ଼ା ଆଉ କିଛି ଦେଇନାହିଁ।

ପ୍ଲାଣ୍ଟ ଚିମିନିରୁ ପାଉଁଶ ବର୍ଷା ହେବା, ବେଆଇନ ଭାବେ ପାଉଁଶ ପରିବହନ କରିବା, ସମସ୍ୟା ନେଇ ଅଭିଯୋଗ କଲେ ପୁଲିସ ସହାୟତାରେ ଲୋକଙ୍କୁ ନାଲିଆଖି ଦେଖାଇବା, ରାସ୍ତାଘାଟରେ ପାଉଁଶ ଗଦେଇବା ଆଦି ଜେଏସ୍‌ଡବ୍ଲ୍ୟୁର ନିତିଦିନିଆଁ କାମ ହୋଇଛି। ୟୁଏସ୍‌ପି ନ ଥାଇ ପ୍ଲାଣ୍ଟ ବେଆଇନ ଭାବେ ଚିମିନି



### ପାଉଁଶର ବିଷ ବଳୟ ଲୋକଙ୍କ ପାଇଁ କାଳ

### ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ଚେତାବନୀ

ଚଳାଉଛି। ସେହିପରି ପ୍ରଦୂଷଣ ନିୟନ୍ତ୍ରଣର ବୋର୍ଡ ନିୟମ ଅନୁସାରେ ପାଉଁଶର ସୁପରିଚାଳନା ସକାଶେ ନିଜସ୍ୱ ଆସ୍‌ପଣ୍ଡ ବା ପାଉଁଶ ପୋଖରୀ ମଧ୍ୟ କରିନାହିଁ ବରଂ ଭାରିଯାନ ଯୋଗେ ଅହରହ ବେଆଇନ ଆସ୍ ପରିବହନ କରୁଛି। ଏହାଦ୍ୱାରା ରାସ୍ତାରେ ପାଉଁଶ ପଡି ପ୍ରଦୂଷଣ ବଢ଼ିବଢ଼ି ଚାଲିଛି। ଏହି ପାଉଁଶ ପ୍ରଦୂଷଣ ଯୋଗୁ ତିଲିଆ, ରମ୍ପେଲା, କୁମ୍ଭାରବନ୍ଧ ଓ ପିପିଲିକାନି ପଞ୍ଚାୟତ ଲୋକେ ବିଶେଷ ଭାବେ ପ୍ରଭାବିତ ହେବାସହ ଚର୍ମରୋଗ, କିଡିନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ଲାଣ୍ଟର ପ୍ରଦୂଷିତ ଜଳକୁ ରିସାଇକ୍ଲିଂ ନ କରି ସିଧାସଳଖ ଛାଡିଦେବା ଫଳରେ ତାହା ଯାଇ ହୀରାକୁଦ ନଦୀବନ୍ଧରେ ମିଶୁଛି। ପୁଣି ରାସ୍ତାଘାଟରେ ଗଦା ହୋଇଥିବା ପାଉଁଶ ବର୍ଷାଜଳରେ ଭାସି ଚାଷ ଜମି ନଷ୍ଟ କରିବା ସହ ଇବ ନଦୀରେ ସିଧାସଳଖ ମିଶୁଛି। ଏହିପରି ପ୍ଲାଣ୍ଟ ଦ୍ୱାରା ବାୟୁ, ଜଳ, ଜମି ଜଙ୍ଗଲ ବିଷ ବଳୟରେ ପରିଣତ ହୋଇଛି। ମଣିଷ ସହିତ ଜଳଚର ଓ ସ୍ଥଳଚର ଅନ୍ୟ ଜୀବ ମଧ୍ୟ ଏହାର କୁପରିଣାମ ଭୋଗୁଛନ୍ତି।

ଏ ସଂକ୍ରାନ୍ତରେ ଅଞ୍ଚଳବାସୀ ତଥା ଆଞ୍ଚଳିକ ପରିବେଶ ସୁରକ୍ଷା କମିଟି ମୁଖ୍ୟମନ୍ତ୍ରୀଙ୍କଠାରୁ ଝାରସୁଗୁଡା ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଜେଏସ୍‌ଡବ୍ଲ୍ୟୁ ସାହାଜବାହାଲର ମେରିରାୟ ପଲିସି ଯୋଗୁ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## କେଲଭିନେଟର ଅଧିଗ୍ରହଣ କରିବ ରିଲାଏନ୍ସ ରିଟେଲ

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି): ଲୋକପ୍ରିୟ ଫ୍ରିଜ୍ ବ୍ରାଣ୍ଡ କେଲଭିନେଟ୍ ଅଧିଗ୍ରହଣ କରିବ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ରିଲାଏନ୍ସ ରିଟେଲ। ଏନେଇ ଶୁକ୍ରବାର କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଦେଶର ଦ୍ରୁତ-ବର୍ଦ୍ଧିଷ୍ଣୁ ଉପଭୋକ୍ତା ଦୀର୍ଘସ୍ଥାୟୀ ବଜାରରେ ନିଜର ସ୍ଥିତି ମଜଭୁତ କରିବାକୁ ଏହା ରିଲାଏନ୍ସର ଏକ ରଣନୀତି ବୋଲି କୁହାଯାଉଛି। ତଥାପି, ରିଲାଏନ୍ସ ରିଟେଲ୍ ଏବଂ କେଲଭିନେଟର ମଧ୍ୟରେ ହୋଇଥିବା ଏହି ଚୁକ୍ତି କେତେ ଟଙ୍କାର ହୋଇଛି ସେ ନେଇ ଏ ପର୍ଯ୍ୟନ୍ତ କୌଣସି ତଥ୍ୟ ଆସିନାହିଁ। କେଲଭିନେଟର ଭାରତରେ ଏହାର ନିର୍ଭରଯୋଗ୍ୟ ରେଫ୍ରିଜରେଟର ଏବଂ ‹ଦି କୁଲେଷ୍ଟ ୱାନ୍’ ଭଳି ସ୍ମରଣୀୟ ଟ୍ୟାଗଲାଇନ୍ ପାଇଁ ବେଶ୍ ଜଣାଶୁଣା। ୧୯୬୩ରେ ଏହା ଭାରତୀୟ ମାର୍କେଟ୍‌ରେ ପ୍ରବେଶ କରିଥିଲା। ଏବେ ଏହା ରିଲାଏନ୍ସର ବର୍ଦ୍ଧିତ ପୋର୍ଟଫୋଲିଓର ଏକ ଅଂଶ ହେବ। ଏହି ଡିଲ୍‌କୁ ନେଇ ରିଲାଏନ୍ସ କହିଛି ଭାରତୀୟଙ୍କ ଘରେ ବିଶ୍ୱସ୍ତରୀୟ ଉଚ୍ଚମାନର ଡିଭାଇସ୍ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି କମ୍ପାନୀ କିଣାଯାଇଛି। ଏନେଇ ରିଲାଏନ୍ସ ରିଟେଲ୍ ଭେଞ୍ଚର୍ସ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଇଶା ଅମ୍ବାନୀ କହିଛନ୍ତି «ଭାରତୀୟ ଗ୍ରାହକଙ୍କ ପାଇଁ ବିଶ୍ୱାସଯୋଗ୍ୟ ଗ୍ଲୋବାଲ ଇନୋଭେସନ ଆଣିବା ପାଇଁ ଆମର ଯେଉଁ ମିଶନ ରହିଛି, ଏହି ଅଧିଗ୍ରହଣ ସେଥିରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।» ସେ କହିଛନ୍ତି ଯେ ରିଲାଏନ୍ସର ବଡ଼ ପହଞ୍ଚ ଏବଂ ରିଟେଲ ନେଟୱାର୍କ କେଲଭିନେଟରକୁ ପୁଣି ଥରେ ଲୋକପ୍ରିୟ କରିବାରେ ସାହାଯ୍ୟ କରିବ।

### ୟୁଆଇଡିଏଆଇର ମାଷ୍ଟର ପ୍ଲାନ୍

## ସ୍କୁଲ୍‌ରେ ହେବ ପିଲାଙ୍କ ଆଧାର ଅପ୍‌ଡେଟ୍

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି)

ୟୁଆଇଡିଏଆଇ ଏବେ ସାରା ଦେଶରେ ସ୍କୁଲଗୁଡ଼ିକ ମାଧ୍ୟମରେ ପିଲାମାନଙ୍କ ଆଧାର କାର୍ଡର ବାୟୋମେଟ୍ରିକ୍ ଅପଡେଟ୍ ଆରମ୍ଭ କରିବାକୁ ଯାଉଛି। ଏଥିପାଇଁ ଏଜେନ୍ସି ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛି। ଏହି ପ୍ରକ୍ରିୟା ଆଗାମୀ ଦୁଇ ମାସ ମଧ୍ୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ। ୟୁଆଇଡିଏଆଇ ସିଇଓ ଭୁବନେଶ କୁମାରଙ୍କ କହିବାନୁଯାୟୀ, ୫ ବର୍ଷ ବୟସ ଅତିକ୍ରମ କରିଥିବା ୭ କୋଟିରୁ ଅଧିକ ପିଲାମାନଙ୍କର ବାୟୋମେଟ୍ରିକ୍ ଅପଡେଟ୍ ଏ ପର୍ଯ୍ୟନ୍ତ କରାଯାଇନାହିଁ, ଯାହା ବାଧ୍ୟତାମୂଳକ।

ନିୟମାନୁଯାୟୀ, ୫ ବର୍ଷ ବୟସ ପରେ ପିଲାମାନଙ୍କର ଆଧାରରେ ଫିଙ୍ଗରପ୍ରିଣ୍ଟ ଏବଂ ଆଇରିସ୍ ସ୍କାନର ଅପଡେଟ୍ ବାଧ୍ୟତାମୂଳକ। ଯଦି ବାଧ୍ୟତାମୂଳକ ବାୟୋମେଟ୍ରିକ୍ ଅପଡେଟ୍ ସମୟ ମଧ୍ୟରେ କରାଯାଇ ନଥାଏ, ତେବେ ପିଲାଙ୍କ ଆଧାର ନମ୍ବର ମଧ୍ୟ ନିଷ୍କ୍ରିୟ ହୋଇପାରେ। ୫ ରୁ ୭ ବର୍ଷ ବୟସର ପିଲାମାନଙ୍କର ବାୟୋମେଟ୍ରିକ୍ ଅପଡେଟ୍ ମାଗଣା। ୭ ବର୍ଷ ପରେ ଅପଡେଟ୍ ପାଇଁ ୧୦୦ ଫି ଦେବାକୁ ପଡିବ। ୟୁଆଇଡିଏଆଇ ଏକ ନୂତନ

### ୭ କୋଟି ପିଲାଙ୍କୁ କରାଯିବ ସାମିଲ




ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି, ଯାହା ଅଧୀନରେ ସ୍କୁଲ ମାଧ୍ୟମରେ ପିଲାମାନଙ୍କର ବାୟୋମେଟ୍ରିକ୍ ଅପଡେଟ୍ କରାଯିବ। ଏହି ପ୍ରକ୍ରିୟା ଅଭିଭାବକଙ୍କ ସମ୍ମତିରେ କରାଯିବ ଯାହା ଦ୍ୱାରା ପିଲାମାନେ ସ୍କୁଲରେ ହିଁ ସହଜରେ ଏହି ସେବା ପାଇପାରିବେ। ଏହା ଅଧୀନରେ, ପ୍ରତ୍ୟେକ ଜିଲ୍ଲାକୁ ବାୟୋମେଟ୍ରିକ୍ ମେସିନ୍ ପଠାଯିବ, ଯାହା ଗୋଟିଏ ସ୍କୁଲରୁ ଅନ୍ୟ ସ୍କୁଲକୁ ସ୍ଥାନାନ୍ତରିତ ହେବ। ଯାହା ଦ୍ୱାରା ଏହି ସୁବିଧା ଯଥାସମ୍ଭବ ଅଧିକ ପିଲାଙ୍କ ପାଖରେ ପହଞ୍ଚିପାରିବ। ବର୍ତ୍ତମାନ, ଏହି ପ୍ରଯୁକ୍ତିବିଦ୍ୟାର ପରୀକ୍ଷା କରାଯାଉଛି ଏବଂ ଏହି ଯୋଜନାକୁ ଆଗାମୀ ୪୫ ରୁ ୬୦ ଦିନ ମଧ୍ୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ।

ଭବିଷ୍ୟତରେ, ୟୁଆଇଡିଏଆଇ ୧୫ ବର୍ଷ ବୟସ ପରେ ଆବଶ୍ୟକ ଦ୍ୱିତୀୟ ବାୟୋମେଟ୍ରିକ୍ ଅପଡେଟ୍ ସ୍କୁଲ ଏବଂ କଲେଜ ମାଧ୍ୟମରେ କାର୍ଯ୍ୟକାରୀ କରିବାକୁ ମଧ୍ୟ ଯୋଜନା କରୁଛି। ବର୍ତ୍ତମାନ, ୫ ବର୍ଷରୁ କମ୍ ବୟସର ପିଲାମାନଙ୍କର ଆଧାର ବାୟୋମେଟ୍ରିକ୍ ଡାଟା ବିନା କରାଯାଉଛି। କିନ୍ତୁ ୫ ବର୍ଷ ପରେ ସେମାନଙ୍କର ବାୟୋମେଟ୍ରିକ୍ ଅପଡେଟ୍ ଆବଶ୍ୟକ ହୋଇଯାଇଥାଏ। ପିଲାମାନଙ୍କର ଆଧାର କାର୍ଡରେ ବାୟୋମେଟ୍ରିକ୍ ଅପଡେଟ୍ ସମୟ ମଧ୍ୟରେ କରିବା ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଅନେକ ସରକାରୀ ଏବଂ ବେସରକାରୀ ସେବା ସହିତ ଲିଙ୍କ୍ ହୋଇଛି। ଅପଡେଟ୍ ଆଧାର ସାହାଯ୍ୟରେ ପିଲାମାନେ ସ୍କୁଲ ପ୍ରବେଶ, ଛାତ୍ରବୃତ୍ତି, ପ୍ରବେଶିକା ପରୀକ୍ଷା ଏବଂ ଡିବିଟି (ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର) ଭଳି ଅନ୍ୟାନ୍ୟ ସରକାରୀ ଯୋଜନାର ଲାଭ ସହଜରେ ପାଇପାରିବେ। ୟୁଆଇଡିଏଆଇ ଅନୁଯାୟୀ, ଆମେ ଚାହୁଁଛୁ ଯେ ପିଲାମାନେ ସମୟ ମଧ୍ୟରେ ସମସ୍ତ ସରକାରୀ ସୁବିଧା ପାଆନ୍ତୁ ଏବଂ ଏହା କରିବାର ସରଳ ଏବଂ ପ୍ରଭାବଶାଳୀ ଉପାୟ ହେଉଛି ସ୍କୁଲ ମାଧ୍ୟମରେ।

### ଭାରତୀୟ ବ୍ୟାଙ୍କଙ୍କୁ ଆଇବିଏର ଚେତାବନୀ

## ଅନ୍ତଃରାଷ୍ଟ୍ରୀୟ ପେମେଣ୍ଟ ସିଷ୍ଟମ୍‌କୁ ଆପଣାଅ

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି): ଭାରତୀୟ ବ୍ୟାଙ୍କ ସଂଘ (ଆଇବିଏ) ସମସ୍ତ ବ୍ୟାଙ୍କଗୁଡ଼ିକୁ ଯଥାଶୀଘ୍ର ସ୍ୱିଫ୍ଟର ନୂତନ ଆନ୍ତର୍ଜାତୀୟ ପେମେଣ୍ଟ ପ୍ରଣାଳୀ (ଆଇଏସ୍‌ଓ)




୨୦୦୨୨ ଗ୍ରହଣ କରିବାକୁ ଚେତାବନୀ ଦେଇଛି। ଏହା ଅଧୀନରେ, ଆଇବିଏ ଚେତାବନୀ ଦେଇଛି ଯେ ଯଦି ସେମାନେ ସ୍ୱିଫ୍ଟର ନୂତନ ଆଇଏସ୍‌ଓ ୨୦୦୨୨ ମାନଦଣ୍ଡ ଶୀଘ୍ର ଗ୍ରହଣ ନ କରନ୍ତି, ତେବେ ସେମାନେ ଆନ୍ତର୍ଜାତୀୟ କାରବାର (କ୍ରସ୍-ବର୍ଡର ପେମେଣ୍ଟ)ରେ ଗମ୍ଭୀର ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆଇବିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅତୁଲ କୁମାର ଗୋୟଲ ସମ୍ପ୍ରତି ସମସ୍ତ ବ୍ୟାଙ୍କକୁ ଏକ ଚିଠି ଲେଖିଛନ୍ତି ଯେ ବ୍ୟାଙ୍କଗୁଡ଼ିକ ୨୦୨୫ ଅଗଷ୍ଟ ସୁଦ୍ଧା ଏହି ନୂତନ ବ୍ୟବସ୍ଥା ଆଡକୁ ସ୍ଥାନାନ୍ତର ଆରମ୍ଭ କରିବା ଉଚିତ, ଯାହା ଦ୍ୱାରା ଏହାକୁ ସମୟ ମଧ୍ୟରେ ସୁଗମ ଭାବରେ କାର୍ଯ୍ୟକାରୀ କରାଯାଇପାରିବ।

ଏଠାରେ ସୂଚନାଯୋଗ୍ୟ ଯେ, ସ୍ୱିଫ୍ଟ ଆଇଏସ୍‌ଓ ୨୦୦୨୨ ହେଉଛି ଏକ ନୂତନ ଆନ୍ତର୍ଜାତୀୟ ବ୍ୟବସ୍ଥା, ଯାହା ସାହାଯ୍ୟରେ ବ୍ୟାଙ୍କଗୁଡ଼ିକ ପରସ୍ପରକୁ ଟଙ୍କା ପଠାଇପାରିବେ ଏବଂ କାରବାର ସମ୍ବନ୍ଧୀୟ ସୂଚନା ଆହୁରି ଦ୍ରୁତ, ସୁରକ୍ଷିତ ଏବଂ କମ୍ ମୂଲ୍ୟରେ ସେୟାର କରିପାରିବେ। ଏହା ଠକେଇର ସମ୍ଭାବନାକୁ ହ୍ରାସ କରିବ ଏବଂ ବ୍ୟାଙ୍କିଂ ବ୍ୟବସ୍ଥା ପୂର୍ବ ଅପେକ୍ଷା ଅଧିକ ସ୍ମାର୍ଟ ଏବଂ ସ୍ୱଚ୍ଛ ଭାବରେ ହୋଇପାରିବ। ଏହି ପ୍ରସଙ୍ଗରେ, ଆଇବିଏ ସ୍ପଷ୍ଟ ଭାବରେ କହିଛି ଯେ ଯେଉଁ ବ୍ୟାଙ୍କଗୁଡ଼ିକ ସମୟ ମଧ୍ୟରେ ନୂତନ ବ୍ୟବସ୍ଥା ଗ୍ରହଣ କରନ୍ତି ନାହିଁ ସେମାନଙ୍କୁ ଯାନ୍ତ୍ରିକ ଅସୁବିଧା, ଗ୍ରାହକଙ୍କ ବିଶ୍ୱାସ ହରାଇବା ଏବଂ ସେବାରେ ବାଧା ପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। ଯଦି ଆମେ ଏହି ନୂତନ ବ୍ୟବସ୍ଥା ଗ୍ରହଣ କରିବା ବିଷୟରେ କଥା ହେବା, ତେବେ କେବଳ ତିନୋଟି ଭାରତୀୟ ବ୍ୟାଙ୍କ ୮୫% ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଗ୍ରହଣ କରିବାରେ ସଫଳ ହୋଇଛନ୍ତି। ୨୦୨୫ ନଭେମ୍ବର ଶେଷ ତାରିଖ ପାଖେଇ ଆସୁଥିବାରୁ ବାକି ବ୍ୟାଙ୍କଗୁଡ଼ିକ ଏହାକୁ ପରିବର୍ତ୍ତନ କରିବାକୁ ଚିନ୍ତା କରୁଛନ୍ତି, ଯାହା ଆଇବିଏ ଅନୁଯାୟୀ ବିପଜ୍ଜନକ ହୋଇପାରେ। ତଥାପି, ଯଦି ବ୍ୟାଙ୍କଗୁଡ଼ିକ ସମୟ ମଧ୍ୟରେ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ନ କରନ୍ତି, ତେବେ ଏହାର ପ୍ରଭାବରେ ବ୍ୟାଙ୍କରୁ କାରବାର ବନ୍ଦ ହୋଇପାରେ, ମେସେଜ୍ ପ୍ରତ୍ୟାଖ୍ୟାନ ହୋଇପାରେ। ଗ୍ରାହକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଏହାସହିତ, ବ୍ୟାଙ୍କଗୁଡ଼ିକୁ ଜରିମାନା କିମ୍ବା ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ପଡ଼ିପାରେ।

## ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଦିନକରେ କଲେ ୭୯ କୋଟି ରୋଜଗାର

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି)

ଜଣେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଗୋଟିଏ ଦିନରେ ପ୍ରାୟ ୭୯ କୋଟି ଟଙ୍କା ରୋଜଗାର କରିଛନ୍ତି। ତାଙ୍କ ନାମ ନାରା ଭୁବନେଶ୍ୱରୀ। ସେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ପତ୍ନୀ। ନାରା ଭୁବନେଶ୍ୱରୀ ଗୋଟିଏ ଦିନରେ ଷ୍ଟକ୍ ବଜାରରୁ ଏତେ ଟଙ୍କା ରୋଜଗାର କରିଛନ୍ତି। ଶୁକ୍ରବାର ନାରା ଭୁବନେଶ୍ୱରୀ ଏକ ଷ୍ଟକ୍ ରେ ବିପୁଳ ଲାଭ କରିଥିଲେ। ଏହି କମ୍ପାନୀର ଷ୍ଟକ୍ ଦ୍ରୁତ ଗତିରେ ଉପରମୁହାଁ ହୋଇଥିଲା, ଯାହା ନାରା ଭୁବନେଶ୍ୱରୀଙ୍କୁ ଲାଭ ଦେଇଥିଲା। ଶୁକ୍ରବାର ହେରିଟେଜ୍ ଫୁଡ୍ସ ଲିମିଟେଡର ଷ୍ଟକ୍ ମୂଲ୍ୟରେ ଏକ ବିରାଟ ବୃଦ୍ଧି ହୋଇଥିଲା। ହେରିଟେଜ୍ ଫୁଡ୍ସ ହେଉଛି ଏକ ଦୁଗ୍ଧ କମ୍ପାନୀ। ଏହା ୧୯୯୨ ମସିହାରେ ଆରମ୍ଭ ହୋଇଥିଲା। ଏହା ଦକ୍ଷିଣ ଭାରତରେ ବହୁତ ପ୍ରସିଦ୍ଧ। ହେରିଟେଜ୍ ଗ୍ରୁପ୍ ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା।



ଏହି କମ୍ପାନୀ ଦୁଗ୍ଧ, ଖୁଚୁରା ଏବଂ କୃଷି କ୍ଷେତ୍ରରେ କାମ କରେ।

### ଆଇଏମ୍‌ଏଫ୍ ରିପୋର୍ଟ

## ଡିଜିଟାଲ ପେମେଣ୍ଟରେ ଭାରତ ଏକ ନମ୍ବର

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି)

ଦ୍ରୁତ ଏବଂ ସୁରକ୍ଷିତ ଡିଜିଟାଲ୍ ପେମେଣ୍ଟ କ୍ଷେତ୍ରରେ ଭାରତ ବିଶ୍ୱରେ ପ୍ରଥମ ସ୍ଥାନ ହାସଲ କରିଛି। ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ) ଯୋଗୁଁ ଭାରତ ଡିଜିଟାଲ୍ କାରବାରରେ ଏହି ସ୍ଥାନ ହାସଲ କରିଛି। ୨୦୧୬ରେ ନ୍ୟାସନାଲ୍ ପେମେଣ୍ଟ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଦ୍ୱାରା ଆରମ୍ଭ ହୋଇଥିବା ୟୁପିଆଇ ଆଜି ଦେଶରେ ଟଙ୍କା କାରବାରର ସବୁଠାରୁ ସହଜ ଏବଂ ଲୋକପ୍ରିୟ ଉପାୟ ପାଲଟିଛି। ୟୁପିଆଇ ସାହାଯ୍ୟରେ, ଲୋକମାନେ ସେମାନଙ୍କର ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଗୋଟିଏ ମୋବାଇଲ୍ ଆପ୍ ସହିତ ଲିଙ୍କ୍ କରିପାରିବେ ଏବଂ କିଛି ସେକେଣ୍ଡରେ ସୁରକ୍ଷିତ, କମ୍ ମୂଲ୍ୟର କାରବାର କରିପାରିବେ। ଏନ୍‌ପିସିଆଇ ଅନୁଯାୟୀ ୟୁପିଆଇ ମାଧ୍ୟମରେ ପ୍ରତି ମାସରେ

- ୟୁପିଆଇରେ ମାସକୁ ୧୮୦୦ କୋଟିର କାରବାର
- ଜୁନ୍‌ରେ କାରବାର ୨୪ ଲକ୍ଷ କୋଟି
- ୪୯ କୋଟି ଲୋକ, ୬୫ ଲକ୍ଷ ବ୍ୟବସାୟୀ ୟୁପିଆଇ ସହ ଜଡ଼ିତ

୧୮୦୦ କୋଟି ଟଙ୍କାରୁ ଅଧିକ କାରବାର ହୋଇଥାଏ। ଚଳିତବର୍ଷ ଜୁନ୍‌ରେ ୟୁପିଆଇ ୨୪.୦୩ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ସୃଷ୍ଟି କରିଛି, ଯେଉଁଥିରେ ୧,୮୩୯ କୋଟି ଟଙ୍କାର କାରବାର ହୋଇଥିଲା। ଏହା ଗତ ବର୍ଷ ଜୁନ୍ ରେ ହୋଇଥିବା ୧,୩୮୮ କୋଟି ଟଙ୍କାର କାରବାର ତୁଳନାରେ ୩୨% ବୃଦ୍ଧିକୁ ଦର୍ଶାଉଛି।




ୟୁପିଆଇ ଭାରତକୁ ନଗଦ ଏବଂ କାର୍ଡ ଆଧାରିତ ପେମେଣ୍ଟରୁ ଦୂରେଇ ଏକ ଡିଜିଟାଲ୍-ପ୍ରଧାନ ଅର୍ଥନୀତି ଆଡକୁ ନେଇଛି। ଏହି ପ୍ଲାଟଫର୍ମ କେବଳ ବଡ଼ ବ୍ୟବସାୟ ପାଇଁ ନୁହେଁ ବରଂ ଛୋଟ ଦୋକାନୀ ଏବଂ ସାଧାରଣ ଲୋକଙ୍କ ପାଇଁ ମଧ୍ୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏକ ଦୃଢ଼ ମାଧ୍ୟମ ପାଲଟିଛି। ଆଜି ଭାରତରେ ୮୫% ଡିଜିଟାଲ୍ ପେମେଣ୍ଟ ୟୁପିଆଇ ମାଧ୍ୟମରେ କରାଯାଉଛି। ଏଥିରେ ୪୯.୧ କୋଟି ଉପଭୋକ୍ତା, ୬.୫ କୋଟି ବ୍ୟବସାୟୀ ଏବଂ ୬୭୫ ବ୍ୟାଙ୍କ ଗୋଟିଏ ପ୍ଲାଟଫର୍ମରେ ସଂଯୁକ୍ତ। କେବଳ ଏତିକି ନୁହେଁ, ୟୁପିଆଇ ଏବେ ବିଶ୍ୱ ସ୍ତରରେ ପ୍ରାୟ ୫୦% ରିଅଲ୍-ଟାଇମ୍ ଡିଜିଟାଲ୍ ପେମେଣ୍ଟ ପରିଚାଳନା କରୁଛି। ୟୁପିଆଇର ପ୍ରଭାବ ଏବେ ଭାରତର ସୀମା ବାହାରେ ମଧ୍ୟ ଦେଖାଯାଉଛି। ଏହା ୭ଟି ଦେଶରେ ମଧ୍ୟ ଉପଲବ୍ଧ। ସଂଯୁକ୍ତ ଆରବ ଏମିରେଟ୍ସ, ସିଙ୍ଗାପୁର, ଭୁଟାନ, ନେପାଳ, ଶ୍ରୀଲଙ୍କା, ଫ୍ରାନ୍ସ ଏବଂ ମରିସସ୍। ଏହାଛଡା ଫ୍ରାନ୍ସରେ ୟୁପିଆଇ ଆରମ୍ଭ ହେବା ୟୁରୋପରେ ଏହାର ପ୍ରଥମ ପ୍ରବେଶ, ଯାହା ବିଦେଶରେ ରହୁଥିବା କିମ୍ବା ଯାତ୍ରା କରୁଥିବା ଭାରତୀୟମାନଙ୍କ ପାଇଁ ପେମେଣ୍ଟ କରିବା ସହଜ କରିଥାଏ। ଏହା କେବଳ ସଂଖ୍ୟାର ବିଷୟ ନୁହେଁ, ବରଂ ଏହା ଭାରତର ଡିଜିଟାଲ୍ ଫ୍ରେମୱାର୍କ ପ୍ରତି ବଢୁଥିବା ବିଶ୍ୱାସ ଏବଂ ନଗଦହୀନ ଅର୍ଥନୀତି ଆଡ଼କୁ ଦ୍ରୁତ ପଦକ୍ଷେପକୁ ପ୍ରତିଫଳିତ କରୁଛି। ୟୁପିଆଇ କେବଳ କାରବାରକୁ ସହଜ କରିନାହିଁ, ବରଂ ଛୋଟ ବ୍ୟବସାୟୀ ଏବଂ ଗ୍ରାମାଞ୍ଚଳରେ ରହୁଥିବା ଲୋକମାନଙ୍କୁ ଡିଜିଟାଲ୍ ଅର୍ଥନୀତି ସହିତ ମଧ୍ୟ ଯୋଡ଼ିଛି। ୟୁପିଆଇର ଏହି ସଫଳତା ଭାରତକୁ ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିରେ ଏକ ବିଶ୍ୱସ୍ତରୀୟ ଅଗ୍ରେତା ଭାବରେ ପ୍ରତିଷ୍ଠିତ କରୁଛି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୮୮୪- ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ଇଂଲଣ୍ଡର ଲର୍ଡସ୍ ମୈଦାନରେ ଖେଳାଗଲା।
- ୧୯୩୦- ବଲିଉଡ୍‌ର ଜଣାଶୁଣା ଗୀତିକାର ଆନନ୍ଦ ବକ୍ସିଙ୍କ ଜନ୍ମ।
- ୧୯୪୭- ଇଣ୍ଡୋନେସିଆରେ ପ୍ରଥମ ନିର୍ବାଚନ ଆରମ୍ଭ ହେଲା।
- ୧୯୬୩- କାଶୀ ବିଦ୍ୟାପୀଠକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଗଲା।
- ୧୯୮୮- ଭାରତୀୟ ଉପଗ୍ରହ ଇନ୍‌ସ୍ୟାଟ୍-୧ସିକୁ ପ୍ରକ୍ଷେପଣ କରାଗଲା।
- ୨୦୦୭- ପ୍ରତିଭା ପାଟିଲ୍ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ହେଲେ।

## ଡିଗ୍ରୀ ପିଏଚ୍‌ଡି କାମ ଫୁଡ୍ ଡେଲିଭରି

ଚୀନ୍‌ର ୩୯ ବର୍ଷୀୟ ଡିଙ୍ଗ ୟୁଆନଝାଓ ସାମାଜିକ ଗଣମାଧ୍ୟମରେ ଏବେ ଚର୍ଚ୍ଚା ସାଉଁଟୁଛନ୍ତି। ତାଙ୍କୁ ଏବେ ସବୁଠୁ ଶିକ୍ଷିତ ଡେଲିଭରି ବଏ ବୋଲି କୁହାଯାଉଛି। ସେ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ପାଠପଢ଼ିବା ସତ୍ତ୍ୱେ ତାଙ୍କୁ ଭଲ ଚାକିରିଟିଏ ମିଳିଲା ନାହିଁ। ଫଳରେ ସେ ଏବେ ଫୁଡ୍ ଡେଲିଭରି ବଏର କାମ କରୁଛନ୍ତି। ଝିଙ୍ଘୁଆ ବିଶ୍ୱବିଦ୍ୟାଳୟରୁ ସେ ରସାୟନ ବିଜ୍ଞାନରେ ସ୍ନାତକ କରିଛନ୍ତି। ପୋକିଙ୍ଗ ବିଶ୍ୱବିଦ୍ୟାଳୟରୁ ଏନର୍ଜି ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। କେବଳ ସେତିକି ନୁହେଁ, ସିଙ୍ଗାପୁରର ନାନୟାଙ୍ଗ ଟେକ୍ନୋଲଜିକାଲ ୟୁନିର୍ଭସିଟିରୁ ଜୀବବିଜ୍ଞାନରେ ପିଏଚ୍‌ଡି କରିଥିବା ବେଳେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ସେ



ଜୈବ ବିବିଧତାରେ ମଧ୍ୟ ଡିଗ୍ରୀ ହାସଲ କରିଛନ୍ତି। ଡିଙ୍ଗଙ୍କର ଏତେଗୁଡ଼ିଏ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ତାଙ୍କୁ ମନପସନ୍ଦର ଚାକିରିଟିଏ ମିଳିପାରିଲା ନାହିଁ। ସେ ଅନେକ କମ୍ପାନିକୁ ବାୟୋଡାଟା ପଠାଇ ଥିବା ବେଳେ ୧୦ରୁ ଅଧିକ ସାକ୍ଷାତକାର ମଧ୍ୟ ଦେଇଥିଲେ। ଏହାପରେ ବି ଚାକିରିରେ ତାଙ୍କୁ ସଫଳତା ମିଳିପାରିନି। ତେବେ ଡିଙ୍ଗ ସିଙ୍ଗାପୁରର ନ୍ୟାସନାଲ ୟୁନିର୍ଭସିଟିରେ କିଛି ଦିନ ପୋଷ୍ଟ ଡକ୍ଟରାଲ ଗବେଷକ ଭାବେ ମଧ୍ୟ କାମ କରିଥିଲେ। ଚୁକ୍ତିଭିତ୍ତିକ ଭାବେ ଏଥିରେ କାମ କରିବା ପରେ ଏହାର ସମୟ ଶେଷ ହୋଇଥିଲା। ସେଇଠୁ ଡିଙ୍ଗଙ୍କୁ ଶେଷରେ ଫୁଡ୍ ଡେଲିଭରିରେ କାମ କରିବାକୁ ହେଲା। ଡିଙ୍ଗ ବିଶ୍ୱାସ କରନ୍ତି ଯେ, ଚାକିରି କାହାର କେବେ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ହୋଇ ନଥାଏ। ସେହିପରି ସେ ଫୁଡ୍ ଡେଲିଭରିକୁ ଏକ ସ୍ଥିର ଚାକିରି ବୋଲି କହିଛନ୍ତି। ଏଥିରେ ସେ ତାଙ୍କ ପରିବାର ଚଳାଇ ପାରୁଥିବା କହିଛନ୍ତି। ତାଙ୍କ ମତରେ ଏଥିରେ ପରିଶ୍ରମ କଲେ ଭଲ ରୋଜଗାର କରିବା ସମ୍ଭବ। ତା'ସହ ଏହାଦ୍ୱାରା ତାଙ୍କର ଏକପ୍ରକାର ବ୍ୟାୟାମ ବି ହୋଇଯାଉଛି। ସେ ମେଳାପି ସ୍ୱଭାବର ହୋଇ ନ ଥିବାରୁ ଟ୍ୟୁସନ୍ ମଧ୍ୟ କରିପାରିବେ ନାହିଁ ବୋଲି କହିଛନ୍ତି। ଅନ୍ୟପଟେ ଡିଙ୍ଗଙ୍କ ଏହି କାର୍ଯ୍ୟକୁ ନେଇ ସାମାଜିକ ଗଣମାଧ୍ୟମରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେହି କେହି ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିବାବେଳେ ଆଉ କେତେଜଣ ଯଦି ଚାକିରି ନ ମିଳୁଛି ଏତେ ପାଠ ପଢ଼ି ଲାଭ କ'ଣ ବୋଲି ପ୍ରଶ୍ନ କରିଛନ୍ତି।



## 'ଲଭ୍ ଆଣ୍ଡ ୱାର୍'
## ରଣବୀର ଓ ଭିକିଙ୍କ ମଧ୍ୟରେ ମହା ମୁକାବିଲା

ସଞ୍ଜୟ ଲୀଳା ଭଁସାଲିଙ୍କ ଡ୍ରିମ୍ ପ୍ରୋଜେକ୍ଟ 'ଲଭ୍ ଆଣ୍ଡ ୱାର୍'ରେ ରଣବୀର କପୁର, ଭିକି କୌଶଲ ଓ ଆଲିଆ ଭଟ୍ଟ ଲିଡ୍ ରୋଲରେ ଦେଖାଯିବେ। ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଏହା ଆଧାରିତ ହେବ। ଏହି ଫିଲ୍ମରେ ଏକ ଜବରଦସ୍ତ ଆକ୍ସନ୍ ସିନ୍ ରହିଛି। ଏଥିରେ ଭିକି ଓ ରଣବୀର ପରସ୍ପର ସହ ଲଢ଼ୁଥିବାର ଦେଖାଯିବେ। ରଣବୀର ଓ ଭିକିଙ୍କ ମଧ୍ୟରେ ଏହି ମୁକାବିଲା ହିଁ ଫିଲ୍ମର ଆକର୍ଷଣ ସାଜିବ ବୋଲି କୁହାଯାଉଛି। ତେବେ ଏହି ସିନ୍‌କୁ ଏକ ଅଜ୍ଞାତ ସ୍ଥାନରେ ସୁଟ୍ କରାଯିବ। ଏହି ସିନ୍ ସୁଟ୍ ପାଇଁ ସେଟ୍‌କୁ ଏକ ବଡ଼ ସିନେମା ଇଭେଣ୍ଟ ଭଳି ଡିଜାଇନ୍ କରାଯିବ। ଏହାର ସୁଟିଂ ପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଗଲାଣି। ଜାନୁଆରୀ, ୨୦୨୪ରେ ସଞ୍ଜୟ 'ଲଭ୍ ଆଣ୍ଡ ୱାର୍' ଫିଲ୍ମ କଥା ଘୋଷଣା କରିଥିଲେ। ଏହା ମାର୍ଚ୍ଚ ୨୦୨୬ରେ ପରଦାକୁ ଆସିବ। ତେବେ ସଞ୍ଜୟ ତାଙ୍କ ଆଗ ଫିଲ୍ମଗୁଡ଼ିକ ଭଳି ଏହି ଫିଲ୍ମକୁ ବ୍ଲକ୍‌ବଷ୍ଟର୍ କରିପାରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା।

## ପେଟ ଭିତରେ ଜିଅନ୍ତା ମାଛ

ଚୀନ୍‌ରୁ ଏକ ଅଜବ ତଥା ସମ୍ପୂର୍ଣ୍ଣ ଦୁର୍ଲଭ ଘଟଣା ସାମ୍ନାକୁ ଆସିଛି। ହୁନାନ ଅଞ୍ଚଳର ଜଣେ ୩୩ ବର୍ଷୀୟ ବ୍ୟକ୍ତିଙ୍କର ଅସହ୍ୟ ପେଟ ଯନ୍ତ୍ରଣା ହେବାରୁ ସେ ହସ୍‌ପିଟାଲ ଗଲେ। ସେଠାରେ ଡାକ୍ତର ତାଙ୍କର ପରୀକ୍ଷା କରିବାରୁ ଫୁଟେ ଲମ୍ବାର ଏକ ଜିଅନ୍ତା ମାଛ ତାଙ୍କ ପେଟ ଭିତରେ ଥିବାର ଜଣାପଡ଼ିଲା। ଏହି ଘଟଣାରେ କେବଳ ସାଧାରଣ ଲୋକ ନୁହଁନ୍ତି, ବରଂ ଡାକ୍ତରମାନେ ବି ବିସ୍ମିତ ହୋଇଛନ୍ତି। ତାଙ୍କ ପେଟର ସିଟି ସ୍କାନ କରାଯିବାରୁ ଏକ ବଡ଼ ଲମ୍ବା ବସ୍ତୁ ପେଟ ଭିତରେ ଭାସୁଥିବାର ଦେଖାଗଲା। ତେଣୁ ଡାକ୍ତରମାନେ ତାଙ୍କର ଅସ୍ତ୍ରୋପଚାର କରିବା ନିଷ୍ପତ୍ତି ନେଲେ। ଏହି ସମୟରେ ଡାକ୍ତରମାନେ ତାଙ୍କ ପେଟ ଭିତରେ ଜିଅନ୍ତା ଇଲ୍ ମାଛ ଭାସୁଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଅସ୍ତ୍ରୋପଚାର ସମୟରେ ଜଣାପଡ଼ିଲା ଇଲ୍‌ଟି ତାଙ୍କ ଅନ୍ତନଳୀକୁ ସମ୍ପୂର୍ଣ୍ଣ ଛେଦ କରି ପେଟ ଭିତରେ ପହଁରୁଛି। ଏହାପରେ ଡାକ୍ତରମାନେ ଅସ୍ତ୍ରୋପଚାର ମାଧ୍ୟମରେ ମାଛଟିକୁ ବାହାର କରି ଦେଇଥିଲେ। ସର୍ଜରୀ ପରେ ଏହି ବ୍ୟକ୍ତି ଜଣକ ଏବେ ସୁସ୍ଥ ଅଛନ୍ତି। ତେବେ ଏହି ବ୍ୟକ୍ତି ଜଣକ ପେଟକୁ କିପରି ଜିଅଁନ୍ତା ମାଛ ଆସିଲା ତାହା ଜଣାପଡ଼ିନାହିଁ।





## ଷୋଳ ସୋମବାର ବ୍ରତର ଲାଭ

ହିନ୍ଦୁ ଶାସ୍ତ୍ରରେ ସୋମବାର ଅତ୍ୟନ୍ତ ସ୍ୱତନ୍ତ୍ର ବିବେଚନା କରାଯାଏ। ଏହା ପଛର କାରଣ ହେଉଛି ଏହି ଦିନ ଭଗବାନ ଶିବଙ୍କୁ ସମର୍ପିତ। ଦେବ ଦେବ ମହାଦେବଙ୍କୁ ପ୍ରସନ୍ନ କରିବା ଏବଂ ତାଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଶ୍ରଦ୍ଧାଳୁମାନେ ଷୋଳ ସୋମବାର ବ୍ରତ ପାଳନ କରିଥାନ୍ତି। କୁହାଯାଏ, ଏହି ବ୍ରତକୁ ପୂରା ଶ୍ରଦ୍ଧା ଓ ବିଧିବିଧାନ ସହିତ ପାଳନ କରିବା ଦ୍ୱାରା ସମସ୍ତ ମନସ୍କାମନା ପୂରଣ ହୁଏ। ଏହି ବ୍ରତ ଅବିବାହିତ ଝିଅଙ୍କ ପାଇଁ ଫଳଦାୟୀ। ମାତା ପାର୍ବତୀ ଭଗବାନ ଶିବଙ୍କୁ ନିଜ ସ୍ୱାମୀ ଭାବେ ପାଇବା ପାଇଁ ଏହି ବ୍ରତ ରଖିଥିଲେ ବୋଲି କୁହାଯାଏ। ବିବାହିତ ମହିଳା ବୈବାହିକ ଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ପାଇଁ ଏହି ବ୍ରତ ରଖନ୍ତି। ଏହା ଦ୍ୱାରା ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପ୍ରେମ ଓ ବୁଝାମଣା ବଢ଼ିଥାଏ ଏବଂ ଘର ପରିବାରରେ ଖୁସି ଆସେ। ସନ୍ତାନ ସୁଖ କାମନା ଲାଗି ଷୋଳ ସୋମବାର ବ୍ରତ କରିବା ଶୁଭଙ୍କର। ଏହି ବ୍ରତ କରିବା ଦ୍ୱାରା ଅଜାଣତରେ କରାଯାଇଥିବା ପାପ ନାଶ ହୁଏ ଏବଂ ଜୀବନର ବାଧା ବିଘ୍ନ ଦୂର ହୁଏ। ଜାତକରେ ଅଶୁଭ ଗ୍ରହ ଥିଲେ ଏହି ବ୍ରତ ଦ୍ୱାରା ନକାରାତ୍ମକ ପ୍ରଭାବ କମ୍ ହୁଏ। ଜୀବନରେ ସୁଖ ଶାନ୍ତି ଆସେ। ଏହି ବ୍ରତ ରଖିବା ଦ୍ୱାରା ଘରେ ଧନ ବୃଦ୍ଧି ହୁଏ। ଆର୍ଥିକ ସ୍ଥିତି ମଜଭୁତ ହୁଏ।

## ସ୍ୱସ୍ତି

## ବୋଲବମ୍ ଯାତ୍ରାର ମହତ୍ତ୍ୱ

**ଶ୍ରାବଣ ମାସରେ ବୋଲବମ୍ ଯାତ୍ରାର ବିଶେଷ ମହତ୍ତ୍ୱ ଅଛି। ଦେବଦେବ ମହାଦେବଙ୍କୁ ସମର୍ପିତ ଏହି ପବିତ୍ର ମାସରେ ଭକ୍ତମାନେ ଭଗବାନ ଶିବଙ୍କୁ ଜଳାଭିଷେକ କରିଥାନ୍ତି। ସେଥିପାଇଁ ସେମାନେ ବୋଲବମ୍ ଯାତ୍ରା କରିଥାନ୍ତି। ଶିବଭକ୍ତମାନେ ଗେରୁଆ ବସ୍ତ୍ର ପରିଧାନ ସହ ବାହୁଙ୍ଗିରେ ପବିତ୍ର କଳସ ଜଳକୁ ବହନ କରି ଖାଲି ପାଦରେ ଚାଲିଥାନ୍ତି।**

**ପର୍ଶୁରାମଙ୍କଠୁ ଆରମ୍ଭ:** ହିନ୍ଦୁ ଧର୍ମ ଅନୁସାରେ, ଭଗବାନ ଶିବ ଭକ୍ତ ପର୍ଶୁରାମ ସର୍ବପ୍ରଥମେ ଶ୍ରାବଣ ମାସରେ ବୋଲବମ୍ ଯାତ୍ରାରେ ବାହାରି ଥିଲେ। ସେ ଗଙ୍ଗାଜଳ ଶିବଲିଙ୍ଗ ଉପରେ ଲାଗି କରିଥିଲେ। ସେବେଠୁ ଶିବଭକ୍ତମାନେ ଏହି ପରମ୍ପରା ପାଳନ କରି ଆସୁଛନ୍ତି। ଶ୍ରାବଣ ମାସରେ ଶିବଭକ୍ତ ପବିତ୍ର ନଦୀରୁ ଜଳ ଆଣିବା ଯାତ୍ରାକୁ ବୋଲବମ୍ ବା କାଉଡ଼ି ଯାତ୍ରା କୁହାଯାଏ। ଭକ୍ତମାନେ ନଦୀରୁ ଜଳ ଆଣି ମହାଦେବଙ୍କଠାରେ ଜଳାଭିଷେକ କରନ୍ତି।

**ଖାଲିପାଦରେ ଚାଲନ୍ତି ଶିବଭକ୍ତ:** ଶିବଙ୍କୁ ଆରାଧନା ଓ ଉପାସନା ପାଇଁ ସମର୍ପିତ ଏହି ମାସ। ମାନ୍ୟତା ଅଛି, ଶ୍ରାବଣ ମାସ ଯାକ ମହାଦେବ ହରିଦ୍ୱାରରେ ନିବାସ କରିଥାନ୍ତି। ସେହିପରି ଏହି ମାସରେ ବିଷ୍ଣୁ ଶୟନ ମୁଦ୍ରାରେ ରହୁଥିବାରୁ ତିନି ଲୋକର କଥା ବୁଝନ୍ତି ସ୍ୱୟଂ ମହାଦେବ। ଏହି କାରଣ ଯୋଗୁଁ ବୋଲବମ୍ ଯାତ୍ରୀ ଗଙ୍ଗାଜଳ ପାଇଁ ହରିଦ୍ୱାର ଆସନ୍ତି। ଏହି ଯାତ୍ରା ସମୟରେ ଭକ୍ତମାନେ ଖାଲିପାଦରେ ଚାଲନ୍ତି। ଅନ୍ୟପଟେ ଏବେ ବୋଲବମ୍ ଯାତ୍ରାରେ କେବଳ ପୁରୁଷ ନୁହଁନ୍ତି, ମହିଳା ଓ ଛୋଟପିଲାମାନେ ମଧ୍ୟ ସାମିଲ ହେଉଥିବା ଦେଖିବାକୁ ମିଳୁଛି।



## କାଉଡ଼ିଆ କଥା

**ସମ୍ପ୍ରତି ବୋଲବମ୍ ଯାତ୍ରାରେ ଆସ୍ଥାର ଅଲଗା ଦୃଶ୍ୟ ନଜର ଆସୁଛି। ଏହି କ୍ରମରେ ଉତ୍ତର ପ୍ରଦେଶ ମୁଜାଫରନଗରରୁ ଏକ ହୃଦୟସ୍ପର୍ଶୀ ଘଟଣା ସାମ୍ନାକୁ ଆସିଛି। ଏଠାରେ ୧୦ ବର୍ଷ ବୟସର ଜଣେ ବାଳକ ଦଣ୍ଡବତ କାଉଡ଼ି ଯାତ୍ରାରେ ବାହାରିଛନ୍ତି।**




ଶାମଲି ଜନପଦରେ ରହୁଥିବା ୧୭ ବର୍ଷୀୟା ଶିବମ୍ କର୍କଟ ରୋଗରେ ପୀଡ଼ିତ ଥିଲେ। ପରିବାର ଲୋକେ ଯେତେବେଳେ ଶିବମ୍‌ଙ୍କ ଚିକିତ୍ସାରେ ବ୍ୟସ୍ତ ଥିଲେ, ସେତିକି ବେଳେ ତାଙ୍କ ୧୦ ବର୍ଷ ବୟସର ସାନ ଭାଇ ଭଗବାନ ଶିବଙ୍କ ପାଖରେ ମନସ୍କାମନା କଲେ। ସେ କହିଥିଲେ, ତାଙ୍କ ଭାଇ ସୁସ୍ଥ ହୋଇଗଲେ, ସେ ଦଣ୍ଡବତ କାଉଡ଼ି ଯାତ୍ରା କରିବେ। ଶିବମ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ସୁସ୍ଥ ଅଛନ୍ତି। ତେଣୁ କୃଷ୍ଣା ତାଙ୍କ କଥା ରଖି ହରିଦ୍ୱାରରୁ ଦଣ୍ଡବତ କାଉଡ଼ି ଯାତ୍ରାରେ ବାହାରିଛନ୍ତି। ହରିଦ୍ୱାରରୁ ଗଙ୍ଗା ଜଳ ଉଠାଇଛନ୍ତି ଏବଂ ସେ ନିତିଦିନ ୧୦ କିମି ଦଣ୍ଡବତ ଯାତ୍ରା କରୁଛନ୍ତି। ଅର୍ଥାତ୍ ସେ ତଳେ ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ କରି ଯାତ୍ରା କରୁଥିବା ଦେଖା ଯାଇଛି। ସେହିପରି ତାଙ୍କ ସହିତ ତାଙ୍କ ବଡ଼ ଭାଇ ଶିବମ୍ ଏବଂ ପରିବାର ଲୋକ ବି ପଦଯାତ୍ରା କରୁଛନ୍ତି। ଶେଷରେ ସେମାନେ ଶାମଲିରେ ଜଳାଭିଷେକ କରିବେ। କୃଷ୍ଣା କହନ୍ତି, ଥକ୍କା ଲାଗିଲେ, ରାସ୍ତାରେ ବିଶ୍ରାମ ନିଅନ୍ତି। ରାସ୍ତାରେ କୃଷ୍ଣାଙ୍କ ଭକ୍ତିଭାବକୁ ଦେଖି ଲୋକେ ଭାବବିହ୍ୱଳ ହେଉଛନ୍ତି। ଏହାସହ ତାଙ୍କୁ କେହି ପାଣି ପିଇବାକୁ ଦେଉଥିବା ବେଳେ ଆଉ କିଏ ଖାଦ୍ୟ ପ୍ରଦାନ କରୁଛନ୍ତି। ଅନ୍ୟପଟେ କୃଷ୍ଣାଙ୍କର ଏହି ଯାତ୍ରା ଭାଇଚାରା, ଆସ୍ଥା ଏବଂ ଦୃଢ଼ ସଂକଳ୍ପର ଏକ ପ୍ରେରଣାଦାୟୀ ମିଶାଲ ସୃଷ୍ଟି କରିଛି।

## ଆଂଶିକ ଉପବାସ

**ବିଭିନ୍ନ ପର୍ବ ତଥା ଓଷାବ୍ରତରେ ଲୋକେ ଉପବାସ ରଖନ୍ତି। କିଏ ନିର୍ଜଳା ଉପବାସ ରଖନ୍ତି ତ ଆଉ କିଏ କେବଳ ଫଳ ଖାଇ ଉପବାସ ପାଳନ କରିଥାନ୍ତି। ସେହିପରି କେହି କେହି ଆଂଶିକ ଉପବାସ ବି କରନ୍ତି। ତେବେ ଏ ଆଂଶିକ ଉପବାସ କ'ଣ, ସେ ସମ୍ପର୍କରେ ଜାଣିବା।**

- ଏହି ଉପବାସରେ କେବଳ ଥରୁଟିଏ ଭୋଜନ କରିବାକୁ ହୋଇଥାଏ।
- ଭୋଜନରେ ପିଆଜ, ରସୁଣ ଏବଂ ଆମିଷ ଖାଇବା ମନା।
- ଏଥିରେ ଫଳ, ଶାଗୁ, କ୍ଷୀର ଆଦି ଥରେ ଖିଆଯାଏ।
- ଜଣେ ନିଜ ସମୟ ଓ ସୁବିଧାରେ ଏହି ଉପବାସ ପାଳନ କରିପାରିବେ।
- ଆଂଶିକ ଉପବାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶରୀରକୁ ଆଦୌ ଭୋକିଲା ନ ରଖି ମନ ଓ ଇନ୍ଦ୍ରିୟକୁ ନିୟନ୍ତ୍ରଣରେ ରଖିବା।
- ତେବେ ଏହି ଉପବାସ ଏକାଦଶୀ ଏବଂ ନବରାତ୍ରୀରେ ଅଧିକ ପ୍ରଚଳିତ।



## ଇସିବିକୁ ୨୦୩୧ ପର୍ଯ୍ୟନ୍ତ ଡବ୍ଲ୍ୟୁବିସି ଫାଇନାଲ ଆୟୋଜନ ଅଧିକାର


**ସିଙ୍ଗାପୁର, ୨୦।୭ (ଏଜେନ୍ସି):** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ରବିବାର ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ର ଆଗାମୀ ୩ଟି ସଂସ୍କରଣର ଫାଇନାଲ ମ୍ୟାଚ୍ ଆୟୋଜନ ଅଧିକାର ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)କୁ ମିଳିଛି। ପୂର୍ବରୁ ଇଂଲଣ୍ଡରେ ଡବ୍ଲ୍ୟୁଟିସିର ପ୍ରଥମ ୩ଟି ସଂସ୍କରଣ ୨୦୨୧, ୨୦୨୩ ଓ ୨୦୨୫ର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଯଥାକ୍ରମେ ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଚାମ୍ପିଅନ ହୋଇଥିଲେ। ଆଇସିସିର ସଦ୍ୟ ନିଷ୍ପତ୍ତି ମୁତାବକ ୨୦୨୭, ୨୦୨୯ ଓ ୨୦୩୧ ସଂସ୍କରଣର ଡବ୍ଲ୍ୟୁଟିସି ଫାଇନାଲ ମଧ୍ୟ ଇଂଲଣ୍ଡରେ ଆୟୋଜନ ହେବ। ପ୍ରଥମ ୩ଟି ସଂସ୍କରଣର ଫାଇନାଲକୁ ସଫଳତାର ସହ ଆୟୋଜନ କରିଥିବାରୁ ଇଂଲଣ୍ଡକୁ ଆଗାମୀ ୩ଟି ଫାଇନାଲ ଆୟୋଜନ ଅଧିକାର ପ୍ରଦାନ କରାଯାଇଛି ବୋଲି ସିଙ୍ଗାପୁରରେ ଅନୁଷ୍ଠିତ ଆଇସିସିର ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ୍)ରେ କୁହାଯାଇଛି। ଆଇସିସିର ଏହି ନିଷ୍ପତ୍ତି ଫଳରେ ବିଶ୍ୱର ସବୁଠୁ ଧନୀ କ୍ରିକେଟ୍ ବୋର୍ଡ ବିସିସିଆଇକୁ ଝଟ୍‌କା ଲାଗିଛି। ନିକଟରେ ବିସିସିଆଇ ଡବ୍ଲ୍ୟୁଟିସିର ଆଗାମୀ ଫାଇନାଲ ଆୟୋଜନ ନେଇ ଆଗ୍ରହ ପ୍ରକାଶ କରିଥିଲା।

## ୧୧୦ରେ ପହଞ୍ଚିଲା ଆଇସିସି ସଦସ୍ୟ ସଂଖ୍ୟା

**ସିଙ୍ଗାପୁର, ୨୦।୭ (ଏଜେନ୍ସି):** ଆଇଫ୍ରିକୀୟ ରାଷ୍ଟ୍ର ଜାମ୍ବିଆ ଓ ଏସୀୟ ରାଷ୍ଟ୍ର ତିମୋର-ଲିଷ୍ଟେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ନୂଆ ସଦସ୍ୟତା ଲାଭ କରିଛନ୍ତି। ଫଳରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିର ସଦସ୍ୟ ସଂଖ୍ୟା ୧୧୦ରେ ପହଞ୍ଚିଛି। 'ଆଇସିସି ପରିବାରରେ ୨ଟି ନୂଆ ସଦସ୍ୟ ଯୋଡ଼ି ହୋଇଛନ୍ତି। ଜାମ୍ବିଆ କ୍ରିକେଟ୍ ୟୁନିୟନ ଓ ତିମୋର-ଲିଷ୍ଟେ କ୍ରିକେଟ ମହାସଂଘ ଆନୁଷ୍ଠାନିକ ଭାବେ ଆଇସିସି ସହଯୋଗୀ ସଦସ୍ୟତା ଲାଭ କରିଛନ୍ତି। ଆଇସିସି ସଦସ୍ୟ ରାଷ୍ଟ୍ର ସଂଖ୍ୟା ଏଥିସହ ୧୧୦ରେ ପହଞ୍ଚିଛି' ବୋଲି ଆଇସିସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଆଫ୍ରିକା ମହାଦେଶର ୨୨ତମ ଦେଶ ଭାବେ ଜାମ୍ବିଆ ଆଇସିସିରେ ସାମିଲ ହୋଇଛି। ସେହିଭଳି ତିମୋର-ଲିଷ୍ଟେ ପୂର୍ବ ଏସିଆର ୧୦ମ ରାଷ୍ଟ୍ର ଭାବେ ବିଶ୍ୱ କ୍ରିକେଟ୍ ବୋର୍ଡର ସଦସ୍ୟତା ହାସଲ କରିଛି।

## ଜିମ୍ବାୱେର ହ୍ୟାଟ୍ରିକ୍ ପରାଜୟ

**ହରାରେ, ୨୦।୭ (ଏଜେନ୍ସି):** ଆୟୋଜକ ଜିମ୍ବାୱେ ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ହ୍ୟାଟ୍ରିକ ପରାଜୟବରଣ କରିଛି। ରବିବାର ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୭ ୱିକେଟ୍‌ରେ ଘରୋଇ ଜିମ୍ବାୱେକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୬ ୱିକେଟ୍‌ରେ ୧୪୪ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୭.୨ ଓଭରରେ ୩ ୱିକେଟ୍ ହରାଇ ବିଜୟୀ ହୋଇଥିଲା।



## ୧୭ ବର୍ଷର ଜାତୀୟ ରେକର୍ଡ ଭାଙ୍ଗିଲେ ନଟରାଜ

**ବର୍ଲିନ, ୨୦।୭ (ଏଜେନ୍ସି):** ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତର ଅଲିମ୍ପିଆନ ସନ୍ତରଣକାରୀ ଶ୍ରୀହରି ନଟରାଜ ଆଉ ୨ଟି ଇଭେଣ୍ଟରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ୧୦୦ ମିଟର ଫ୍ରିଷ୍ଟାଇଲ୍ ଓ ୫୦ ମିଟର୍ ବ୍ୟାକ୍‌ଷ୍ଟ୍ରୋକରେ ଶ୍ରୀହରି ସେମିକୁ ଉଠିଛନ୍ତି। ୧୦୦ ମିଟର୍ ଫ୍ରିଷ୍ଟାଇଲ୍ ରେସକୁ ସେ ୪୯.୪୬ ସେକେଣ୍ଡରେ ଫିନିଶ୍ କରି ୧୭ ବର୍ଷ ତଳର ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ୨୦୦୮ରେ ବିର୍ଦ୍ଧାୱାଲ୍ ଖାଡେ ୪୯.୪୭ ସେକେଣ୍ଡରେ ରେସ୍ ଶେଷ କରି ଜାତୀୟ ରେକର୍ଡର ଅଧିକାରୀ ରହିଥିଲେ। ପୂର୍ବରୁ ଶ୍ରୀହରି ଏହି ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୨୦୦ ମିଟର୍ ଫ୍ରିଷ୍ଟାଇଲ୍‌ରେ ଜାତୀୟ ରେକର୍ଡ ଭଙ୍ଗକରି ମଧ୍ୟ ସେମିରେ ପ୍ରବେଶ କରିଥିଲେ।

## ପ୍ରଥମ ଟି-୨୦: ବାଂଲାଦେଶଠୁ ୭ ୱିକେଟ୍‌ରେ ହାରିଲା ପାକିସ୍ତାନ

**ଢାକା, ୨୦।୭ (ଏଜେନ୍ସି):** ଏଠାରେ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚରେ ଘରୋଇ ବାଂଲାଦେଶ ୭ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ଫକର୍ ଜମାନଙ୍କ ୪୪ ରନ ବଳରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୧୯.୩ ଓଭରରେ ୧୦୯ ରନରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ବାଂଲାଦେଶ ପରଭେଜ ହୋସେନ ଏମନଙ୍କ ଅପରାଜିତ ୫୬ ରନ ସହାୟତାରେ ୧୫.୩ ଓଭରରେ ୩ ୱିକେଟ୍ ବିନିମୟରେ ବିଜୟୀ ହୋଇଥିଲା। ଟି-୨୦ କ୍ରିକେଟ୍‌ରେ ପାକିସ୍ତାନ ବିପକ୍ଷରେ ବାଂଲାଦେଶର ଏହା ୪ର୍ଥ ବିଜୟ। ସିରିଜର ୨ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ।

### ଚତୁର୍ଥ ଟେଷ୍ଟ ପୂର୍ବରୁ ଭାରତର ଅଡୁଆ ବଢ଼ିଲା

# ଦୀପ, ଅର୍ଶଦୀପ ଆହତ; କାମ୍ବୋଜ ସାମିଲ

ଲଣ୍ଡନ,୨୦।୭ (ଏଜେନ୍ସି)





ଭାରତ ଓ ଇଂଲଣ୍ଡ ମଧ୍ୟରେ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ଟି ଜୁଲାଇ ୨୩ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଚତୁର୍ଥ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଭାରତର ଦୁଇ ଫାଷ୍ଟ ବୋଲର ଆକାଶ ଦୀପ୍ ଓ ଚତୁର୍ଥ ଟେଷ୍ଟରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ଥିବା ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଆହତ ହୋଇଛନ୍ତି। ଉଭୟ ବୋଲର ଓଲ୍ଡ ଟ୍ରାଫୋର୍ଡ଼ରେ ଖେଳିବାର ସମ୍ଭାବନା କମ୍। ଦଳରେ ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜ ଏବେ ଫିଟ୍ ବୋଲର ଭାବେ ଖେଳୁଛନ୍ତି। ଆଉ ଦୁଇ ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ଥିଲେ ମଧ୍ୟ ଚୟନକର୍ତ୍ତାମାନେ ହରିୟାଣାର ଫାଷ୍ଟ ବୋଲର ଅଂଶୁଲ କାମ୍ବୋଜଙ୍କୁ ଦଳରେ ସାମିଲ କରିଛନ୍ତି। ନିକଟରେ ଭାରତ-ଏ' ଦଳ ପକ୍ଷରୁ କାମ୍ବୋଜ୍ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୨ଟି ଯାକ ଅନ୍ ଅଫିସିଆଲ ଟେଷ୍ଟ ଖେଳି ୫ଟି ୱିକେଟ ଅକ୍ତିଆର କରିଥିଲେ। ତାଙ୍କ ବୋଲିଂ କଞ୍ଜୁସ ହୋଇଥିଲା। ଦ୍ୱିତୀୟ ଟେଷ୍ଟରେ ତନୁଷ କୋଟିଆନ୍‌ଙ୍କ ସହ ୧୦ମ ୱିକେଟ ଯୋଡିରେ ସେ ୧୪୯ ରନ୍‌ର ଭାଗିଦାରୀ କରିଥିଲେ। ୫୧ ରନ୍ କରିଥିବା କାମ୍ବୋଜ୍‌ଙ୍କୁ ଜଣେ ବୋଲିଂ ଅଲରାଉଣ୍ଡର ଭାବେ ବିବେଚନା କରାଯାଉଛି। ଉପରୋକ୍ତ ଦୁଇ ଖେଳାଳି ଅନ୍‌ଫିଟ୍ ହେଲେ ଓ ବୁମ୍‌ରାଙ୍କୁ ବିଶ୍ରାମ ଦେବାକୁ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଲେ କାମ୍ବୋଜ ଓଲ୍ଡ ଟ୍ରାଫୋର୍ଡରେ ଟେଷ୍ଟ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟ ପକ୍ଷରେ ୱିକେଟ ରକ୍ଷକ ଋଷଭ ପନ୍ତ୍ ଆହତ ସମସ୍ୟାରୁ ମୁକୁଳିନାହାନ୍ତି। ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦେବାକୁ ଚିନ୍ତା କରୁଥିବା ଭାରତୀୟ ଦଳ ଏବେ ଚତୁର୍ଥ ଟେଷ୍ଟ ଖେଳିବା ପୂର୍ବରୁ ଅଡୁଆରେ ପଡ଼ିଯାଇଛି।

ମାଞ୍ଚେଷ୍ଟରରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟର ଫଳାଫଳ ଭାରତ ସପକ୍ଷରେ ଗଲେ ସିରିଜ୍ ବରାବର ସ୍ଥିତିକୁ ଆସିବ। କିନ୍ତୁ ଇଂଲଣ୍ଡ ସପକ୍ଷରେ ଗଲେ ଭାରତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ପରାଜିତ ହେବ। ଏଭଳି ସ୍ଥିତିରେ କି ପ୍ରକାର ନିଷ୍ପତ୍ତି ନେବାକୁ ପଡ଼ିବ, କିଏ ଦଳରେ ରହିବେ ଓ କିଏ ଦଳରୁ ବାଦ୍ ପଡ଼ିବେ ତାହାକୁ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଅଡୁଆ ସ୍ଥିତିରେ ପଡ଼ିବା ସ୍ୱାଭାବିକ୍। ଏହା ମଧ୍ୟରେ ଟିମ୍ ମ୍ୟାନେଜମେଣ୍ଟ ନିକଟରେ ଦୁଇଟି ନିଷ୍ପତ୍ତି ନେବାକୁ ବାଧ ହୋଇପାରେ ବୋଲି କୁହାଯାଇଛି। ପ୍ରଥମଟି ହେଉଛି ଚତୁର୍ଥ ଟେଷ୍ଟରେ ବୁମ୍‌ରାଙ୍କୁ ଖେଳାଇବା। ସେହିପରି ଦ୍ୱିତୀୟଟି ହେଉଛି ଋଷଭ ପନ୍ତ୍‌ଙ୍କୁ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଓ ଧ୍ରୁବ ଜୁରେଲଙ୍କୁ ୱିକେଟ କିପର ଭାବେ ଖେଳାଇବା। ଏହା ଫଳରେ ନଂ-୩ରେ କରୁନ ନାୟାରଙ୍କୁ ନେଇ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ତାହା ମଧ୍ୟ ଦୂର ହୋଇପାରିବ। ପନ୍ତ୍ କିମ୍ବା ଜୁରେଲଙ୍କ ମଧ୍ୟରୁ ଜଣେ ଏହି ପୋଜିସନରେ ଖେଳିପାରିବେ।

ଲର୍ଡ୍ସରେ ତୃତୀୟ ଟେଷ୍ଟ ଖେଳିବାବେଳେ ଆକାଶ ଦୀପ୍ ଆହତ ହୋଇଥିଲେ। ଦ୍ୱିତୀୟ ଟେଷ୍ଟରେ ସେ ୧୦ଟି ୱିକେଟ ନେଇ ଭାରତକୁ ଜିତାଇଥିଲାବେଳେ ତୃତୀୟ ଟେଷ୍ଟରେ ସେପରି କିଛି ପ୍ରଭାବ ପକାଇ ପାରି ନ ଥିଲେ। ଏପରିକି ସେ ତାଙ୍କ ବୋଲିଂ ରିଦିମ୍‌ରେ ଖେଳିପାରି ନ ଥିଲେ। ହ୍ୟାରୀ ବ୍ରୁକ୍‌ଙ୍କ ସହ ଧକ୍କା ଖାଇବା ପରେ ତୃତୀୟ ଟେଷ୍ଟରେ ତାଙ୍କର ଭୂମିକା କମିଯାଇଥିଲା। ତୃତୀୟ ଦିନ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ବ୍ୟାଟିଂ କରିବାକୁ ଆସି ଆଉଟ ହୋଇଥିଲେ। ଚତୁର୍ଥ ଦିନ ପରଠାରୁ ସେ ପଡ଼ିଆ ଛାଡ଼ିବା ପରେ ଆଉ ଖେଳିବାକୁ ଆସି ନ ଥିଲେ। ଏବେ ସେ ଟିମ୍ ସହ ଅଭ୍ୟାସ ଲାଗି ଆଦୌ ଆସି ନ ଥିଲେ। କିନ୍ତୁ ଫିଜିଓଙ୍କ ସେ ଫିଟ୍‌ନେସ ଟ୍ରେନିଂ କରୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଅର୍ଶଦୀପ୍ ଜୋରଦାର ଅଭ୍ୟାସ କରୁଥିଲେ। କିନ୍ତୁ ବୋଲିଂ କଲାବେଳେ ଫଲୋ ଥ୍ରୁ'ରେ ଫିଲ୍ଡିଂ କରିବାକୁ ଯାଇ ସେ ତାଙ୍କ ବୋଲିଂ କରୁଥିବା ବାମହାତରେ ଆହତ ପାଇଥିଲେ। ଏହା ପରେ ସେ ହାତ ବ୍ୟାଣ୍ଡେଜ୍ କରି ବସିରହିଥିଲେ। ଏଣୁ ତାଙ୍କର ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆକାଶ ଦୀପ୍ ଫିଟ୍ ହୋଇ ନ ଥିଲେ ଅର୍ଶଦୀପ ତାଙ୍କ ସ୍ଥାନରେ ଚତୁର୍ଥ ଟେଷ୍ଟରେ ନିଶ୍ଚିତ ଖେଳିଥାନ୍ତେ। କିନ୍ତୁ ଏବେ ଉଭୟ ଖେଳାଳିଙ୍କ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇବା ପରେ ଭାରତର ଟିମ୍ ମ୍ୟାନେଜ୍‌ମେଣ୍ଟ ଅଡୁଆ ପରିସ୍ଥିତିରେ ପଡ଼ିଛି।

## ପାକିସ୍ତାନ ସହ ଖେଳିବାକୁ ମନାକଲେ ଭାରତୀୟ ଖେଳାଳି

**ଲଣ୍ଡନ,୨୦।୭ (ଏଜେନ୍ସି):** ଇଂଲଣ୍ଡ କ୍ରିକେଟ ବୋର୍ଡ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୱାର୍ଲ୍ଡ ଚାମ୍ପିଅନ୍ସ ଲିଗ୍‌ରେ ପାକିସ୍ତାନ ସହ ଖେଳିବାକୁ ଭାରତର ୬ଜଣ ଖେଳାଳି ମନା କରିବା ଫଳରେ ଉଭୟ ଦେଶ ମଧ୍ୟରେ ହେବାକୁ ଥିବା ମୁକାବିଲାକୁ ବାତିଲ କରିଦିଆଯାଇଛି। ଗତକାଲି ରବିବାର ଏହି ମ୍ୟାଚ୍ ବର୍ମିଂହାମ୍‌ରେ ଖେଳାଯିବାର ଥିଲା। କିନ୍ତୁ ଭାରତୀୟ ଦଳରେ ସାମିଲ ହୋଇଥିବା ଯୁବରାଜ ସିଂହ, ସୁରେଶ ରାଇନା, ହରଭଜନ ସିଂହ, ଇର୍ଫାନ ପଠାନ ଓ ଶିଖର ଧାୱନ ପାକିସ୍ତାନ ଖେଳିବାକୁ ମନା କରିବାରୁ ଏହି ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଛି।

## କର୍ଣ୍ଣାଟକକୁ ଫେରିଲେ କରୁନ୍

**ନୂଆଦିଲ୍ଲୀ,୨୦।୭ (ଏଜେନ୍ସି):** ଭାରତ ପକ୍ଷରୁ ଇଂଲଣ୍ଡରେ ଟେଷ୍ଟ ଖେଳୁଥିବା ବ୍ୟାଟର କରୁନ ନାୟାର ଚଳିତ କ୍ରିକେଟ ଋତୁରେ ନିଜ ରାଜ୍ୟ କର୍ଣ୍ଣାଟକ



ପକ୍ଷରୁ ଖେଳିବେ। ସେ ଗତ ଦୁଇବର୍ଷ ହେଲା ବିଦର୍ଭ ପକ୍ଷରୁ ଖେଳିଆସୁଛନ୍ତି। ଅନ୍ୟପକ୍ଷରେ କର୍ଣ୍ଣାଟକର ୩୨ ବର୍ଷୀୟ ଫାଷ୍ଟ ବୋଲର ବାସୁକି କୌଶିକ୍ ଏବର୍ଷ ଗୋଆ ପକ୍ଷରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ମୁମ୍ବଇର ଯଶସ୍ୱୀ ଜୟସ୍ୱାଲ ଗୋଆରୁ ଖେଳିବାକୁ ରାଜି ହୋଇଥିଲେ ମଧ୍ୟ ପରେ ମନା କରିଦେଇଛନ୍ତି। ଏହା ମଧ୍ୟରେ ମହମ୍ମଦ୍ ସାମି ବେଙ୍ଗଲ ରଣଜୀ ସମ୍ଭାବ୍ୟ ଦଳରେ ସ୍ଥାନ ପାଇଛନ୍ତି।

## ବିସି ରାୟ ଟ୍ରଫିରେ ଓଡ଼ିଶା ପରାସ୍ତ

**କଟକ,୨୦।୭ (ସମିସ):** ପଞ୍ଜାବର ଅମ୍ରିତସରରେ କନିଷ୍ଠ ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଡଃ ବି.ସି ରାୟ ଟ୍ରଫି ଆଜିଠାରୁ ଆରମ୍ଭ ହୋଇଛି। ଗ୍ରୁପ-ସିରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ମୁକାବିଲାରେ ପରାଜୟର ସମ୍ମୁଖୀନ ହୋଇଛି। ଜିଏନଡିୟୁ ସ୍ପୋର୍ଟସ କମ୍ପ୍ଲେକ୍ସରେ କର୍ଣ୍ଣାଟକ ୩-୧ ଗୋଲରେ ବିଜୟ ହାସଲ କରିଛି। ୬ଷ୍ଠ ମିନିଟରେ ଓଡ଼ିଶା ଫରୱାର୍ଡ ଇଶାନ୍ତ କୁମାର ଦଳ ନିମନ୍ତେ ଗୋଲ ଖାତା ଖୋଲିଥିଲେ। ୭ମ ମିନିଟରେ କର୍ଣ୍ଣାଟକର ହୃଷିକେଶ ଚରଣ ଗୋଲ ଦେଇ ସ୍ଥିତି ବରାବର କରିଥିଲେ। ୧୭ତମ ମିନିଟରେ ପଭିଶ କୁମାର ଏବଂ ଅତିରିକ୍ତ ୪୮ତମ ମିନିଟରେ ହୃଷିକେଶଙ୍କ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଯୋଗୁଁ କର୍ଣ୍ଣାଟକ ୩-୧ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ଖେଳ ଗୋଲ ଶୂନ୍ୟ ରହିବା ସହ କର୍ଣ୍ଣାଟକ ବିଜୟୀ ହୋଇଥିଲା। ବିବି ରନ୍ଧି ସ୍ପୋର୍ଟସ ଷ୍ଟାଡିୟମରେ ୨୨ ତାରିଖରେ ଓଡ଼ିଶା ମଣିପୁର ବିପକ୍ଷରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।



ପ୍ରସିଦ୍ଧ ମାଞ୍ଚେଷ୍ଟର ୟୁନାଇଟେଡ୍ ଖେଳାଳିଙ୍କ ସହ ଭାରତୀୟ କ୍ରିକେଟ ଦଳର ସଦସ୍ୟମାନେ

## ବ୍ୟାଡ୍‌ମିଣ୍ଟନରେ ଭାରତକୁ ଐତିହାସିକ କାଂସ୍ୟ

**ଭୁବନେଶ୍ୱର, ୨୦।୭ (ସମିସ):** ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ବ୍ୟାଡ୍‌ମିଣ୍ଟନରେ ଭାରତ ଐତିହାସିକ କାଂସ୍ୟ ପଦକ ବିଜୟୀ ହୋଇଛି। ରବିବାର ଅନୁଷ୍ଠିତ ମିକ୍ସଡ୍ ଟିମ୍ ସେମିଫାଇନାଲରେ ଭାରତ ୨-୩ରେ ଚାଇନିଜ ତାଇପେଇ ନିକଟରୁ ହାରି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଏହି ସମ୍ମାନଜନକ କ୍ରୀଡ଼ା ଇତିହାସରରେ ବ୍ୟାଡ୍‌ମିଣ୍ଟନରୁ ଭାରତ ପ୍ରଥମ ପଦକ ବିଜୟୀ ହୋଇଛି। କାଂସ୍ୟ ବିଜୟୀ ଭାରତୀୟ ଦଳର ଅଧିକାଂଶ ବ୍ୟାଡ୍‌ମିଣ୍ଟନ ଖେଳାଳି କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କିଟ୍‌ରେ ଅଧ୍ୟୟନ କରୁଥିବା ଅନିମେଶ କୁଜୁରଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଅନିମେଶ ୧୦୦, ୨୦୦ ଓ ୪ଗୁଣା ୧୦୦ ମିଟର ରିଲେ ରେସରେ ଭାଗନେବେ।

ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ଆନ୍ଧ୍ରପ୍ରଦେଶରେ ଓଡ଼ିଶା ଦଳର ଫିଟ୍‌ନେସ୍ ଶିବିର

**କଟକ,୨୦।୭ (ସମିସ):** ଆନ୍ଧ୍ରପ୍ରଦେଶର ଅନନ୍ତପୁରରେ ଓଡ଼ିଶା କ୍ରିକେଟ ଦଳର ୨୦ ଦିନିଆ ଫିଟ୍‌ନେସ୍ ଓ କୌଶଳ ବିକାଶ ଶିବିର ଅନୁଷ୍ଠିତ ହେବ। ଏଥି ନିମନ୍ତେ ୨୭ଜଣିଆ ଦଳ ଆନ୍ଧ୍ରପ୍ରଦେଶ ଯାତ୍ରା କରିଛି। ବିସିସିଆଇର ଆଗାମୀ ଘରୋଇ ସିଜନକୁ ଦୃଷ୍ଟିରେ ରଖି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏଭଳି ପଦକ୍ଷେପ ନେଇଛି। ୨୭ଜଣିଆ ଦଳରେ ବରିଷ୍ଠ ବର୍ଗର ଖେଳାଳିଙ୍କ ସମେତ ୨୩ବର୍ଷରୁ କମ୍ ଏବଂ ୧୯ବର୍ଷରୁ କମ୍ ବୟସ ବର୍ଗର ଖେଳାଳି ମଧ୍ୟ ରହିଛନ୍ତି। ରାଜ୍ୟ ବରିଷ୍ଠ ଦଳର ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ, ସହକାରୀ କୋଚ୍ ସୌରଭ ସେହଗଲ୍, ଫିଜିଓଥେରାପିଷ୍ଟ ରୋନି ଚାଟାର୍ଜୀ, ଗୌରବ କୋଶିକସହ ରତ୍ନାକର ବେହେରା ଦଳ ସହ ଯାତ୍ରା କରିଛନ୍ତି।

### ଏସ୍‌ଆର୍ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଉଦ୍‌ଯାପିତ

# ଟାଇଟଲ ଜିତିଲେ ଶ୍ରଦ୍ଧାସ୍ମରଣିକା

ଭୁବନେଶ୍ୱର,୨୦।୭ (ସମିସ)]

କଟକର ଶ୍ରଦ୍ଧା ସ୍ମରଣିକା ନନ୍ଦ ଏସ୍‌ଆର୍ ରାଜ୍ୟସ୍ତରୀୟ ସ୍କୁଲ ଓପନ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ପ୍ରତିଯୋଗିତା ଶେଷରେ ଶ୍ରଦ୍ଧା ଓ ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ୍‌ର ଓମ୍ ସ୍ୱରୂପ ପାଢ଼ୀ ସମାନ ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲ୍‌ଜ୍‌ରେ ଶ୍ରଦ୍ଧା ପ୍ରଥମ ଓ ଓମ୍ ରନର୍ସ ଅପ୍ ହୋଇଥିଲେ। ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ସାୟାଂଶ ଦାସ ତୃତୀୟ, ଆୟେଷା ମହାନ୍ତି ଚତୁର୍ଥ, ଡିପିଏସ୍ କଳିଙ୍ଗାର ଆଦଭିକ୍ ଅଦୈତ ସ୍ୱାଇଁ ୫ମ, ମଦର୍ସର ସତ୍ୟମ ସ୍ୱରୂପ ସାହୁ ୬ଷ୍ଠ, ଲଳିତ ରଞ୍ଜନ ସାହୁ ୭ମ, ରୋହିତ ମଲ୍ଲିକ ୮ମ, ସନ୍ ପବ୍ଲିକ୍‌ର ଶିବାଦିତ୍ୟ ଦାସ ୯ମ ଓ ବଲାଙ୍ଗୀର ଓଏଭିର ଦେବାଂଶ ନାଏକ ୧୦ମ ସ୍ଥାନ ଅଧିକାର କରିଛନ୍ତି।

ଓଡ଼ିଶାର ପ୍ରମୁଖ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର୍ ଚେସ ସେଣ୍ଟର ଓ ଡି ୱେଙ୍କରବିଏୱେର୍ବର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ ଅବସରରେ ଆଜି କଟକ ତ୍ରିଶୁଳିଆସ୍ଥିତ ସେରେମୋନିୟମ ମଣ୍ଡପ ପରିସରରେ ଆୟୋଜିତ ହୋଇଥିଲା। ଏଥିରେ ସମଗ୍ର ରାଜ୍ୟରୁ ୧୭୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚାମ୍ପିଅନ୍ ଶ୍ରଦ୍ଧାଙ୍କୁ ଟ୍ରଫି ସହ ୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା।



ମୋଟରେ ୨୦,୦୦୦ ଟଙ୍କାର ପୁରସ୍କାର ଦିଆଯାଇଥିଲା। ବୋଲି ଆୟୋଜକ ଏସ୍‌ଆର ଚେସ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ ସଭାପତି ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି।

## ଉଦୟକାନ୍ତ ଜିତିଲେ ରାଜ୍ୟ ସ୍କୁଲ ଓପନ ଚେସ୍



**ଭୁବନେଶ୍ୱର,୨୦।୭ (ସମିସ):** ଉଦୟକାନ୍ତ ନାୟକ ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍କୁଲ ଓପନ ଚେସ୍‌ରେ ଟାଇଟଲ ବିଜୟୀ ହୋଇଛନ୍ତି। ଭୁବନେଶ୍ୱର ଶାନ୍ତନୁ ଇଂଲିଶ ମିଡିୟମ୍ ସ୍କୁଲ୍‌ର ଛାତ୍ର ଶାନ୍ତନୁ ୫ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ସାତ୍ତ୍ୱିକ ସ୍ୱାଇଁ ରନର୍ସ ଅପ୍, ଲୋୟଲା ସ୍କୁଲ୍‌ର ମନୀଷ ମିଶ୍ର ତୃତୀୟ ଓ ସୁମନ ପ୍ରତୀକ ମିଶ୍ର ଚତୁର୍ଥ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଏଏ ଦାସ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ଦେବାଶିଷ ପାଣିଗ୍ରାହୀ, ସୁଦେଷ୍ଣା ନନ୍ଦ ଓ ବିରଞ୍ଚି ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନଙ୍କୁ ଟ୍ରଫି ସହ ୧୦,୦୦୦ ଟଙ୍କା ଓ ରନର୍ସ ଅପ୍ ସାତ୍ତ୍ୱିକଙ୍କ ଟ୍ରଫି ସହ ୭,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

## ସୌମ୍ୟଙ୍କୁ ୮୪ତମ ଟାଇଟଲ

**ଭୁବନେଶ୍ୱର,୨୦।୭ (ସମିସ):** ଅନ୍ତର୍ଜାତୀୟ ଚେସ ଦିବସ ଅବସରରେ ନେକ୍ସସ ଏସ୍‌ପ୍ଲାନେଡ୍ ମଲ ପରିସରରେ ରବିବାର ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଫିଡେ



ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଚାମ୍ପିଅନ ହୋଇଛନ୍ତି। ସୌମ୍ୟଙ୍କର ଏହା ୮୪ତମ ଟାଇଟଲ। ଏହି ଟୁର୍ଣ୍ଣାମେଣ୍ଟରେ ତପନ ବଡମୁଣ୍ଡି, ଫକିର ମାଝୀ, କୌସ୍ତୁଭ ଦାଶ, ମନୀନ୍ଦ୍ର କାର୍ଜୀ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି।




ଅନ୍ତର୍ଜାତୀୟ ଚେସ ଦିବସ ଅବସରରେ ଭୁବନେଶ୍ୱର ପ୍ରୋଚେସ୍‌ଟା ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ

### ସାହାଣୀ କପ୍-୨୦୨୫

## ଗଜପତିକୁ ହରାଇଲା ଭୁବନେଶ୍ୱର



**କଟକ,୨୦।୭ (ସମିସ):** ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ରାଜ୍ୟର ୪ଟି ଜୋନ୍‌ରେ ଖେଳାଯାଉଛି। ରବିବାର ବ୍ରହ୍ମପୁର ଜୋନରେ ଅନୁଷ୍ଠିତ ଏକ ମ୍ୟାଚରେ ଭୁବନେଶ୍ୱର ୩-୨ ଗୋଲରେ ଗଜପତିକୁ ପରାସ୍ତ କରିଥିଲା। ଖେଳର ଦ୍ୱିତୀୟ ଏବଂ ୩ୟ ମିନିଟରେ ଲଗାତର ଦୁଇଟି ଗୋଲ ସ୍କୋର କରି ଭୁବନେଶ୍ୱର ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ରଖିଥିଲା। ଗୁଲସନ ଡିଗଲ ଏବଂ ବିଘ୍ନେଶ ସାମଲ ପ୍ରଥମ ଦୁଇ ଗୋଲ ଦେଇଥିଲେ। ୨୯ତମ ମିନିଟରେ ଅସୀମ ଡୁଙ୍ଗଡୁଙ୍ଗ'ଙ୍କ ଗୋଲ ସହାୟତାରେ ଭୁବନେଶ୍ୱର ମ୍ୟାଚ୍‌ରେ ସ୍ଥିତିକୁ ସୁଦୃଢ଼ କରିଥିଲା। ତେବେ ଏହାର ଦୁଇ ମିନିଟ ପରେ ଗଜପତି ଗୋଟିଏ ଗୋଲ୍ ସୁଝାଇବାରେ ସକ୍ଷମ ହୋଇଥିଲା। ଖୁଡିଆ ହାଁସଦା ଏହି ଗୋଲ ସ୍କୋର କରିଥିଲେ। ୩-୧ ସ୍ଥିତିରେ ପ୍ରଥମାର୍ଦ୍ଧର ଖେଳ ସମାପ୍ତ ହୋଇଥିଲା। ପଛୁଆ ଥିବା ଗଜପତି ୬୬ତମ ମିନିଟରେ ଦ୍ୱିତୀୟ ଗୋଲ୍ ଦେଇ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନର ବାଟ ଫିଟାଇଥିଲା। ଖୁଡିଆ ଦଳ ନିମନ୍ତେ ଦ୍ୱିତୀୟ ଗୋଲ୍ ମଧ୍ୟ ଦେଇଥିଲେ। ତେବେ ଅବଶିଷ୍ଟ ସମୟରେ କୌଣସି ଗୋଲ ନହେବା ଯୋଗୁଁ ଭୁବନେଶ୍ୱର ବିଜୟ ପଏଣ୍ଟ ହାତେଇଥିଲା। ଏହି ଜୋନରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ନବରଙ୍ଗପୁର ୨-୧ ଗୋଲରେ ଗଞ୍ଜାମକୁ ହରାଇଛି। କେନ୍ଦୁଝରେ ଜୋନରେ ଅନୁଗୋଳ ୪-୩ ଗୋଲରେ ଯାଜପୁରକୁ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ୧-୦ ଗୋଲରେ କେନ୍ଦୁଝରକୁ, କେନ୍ଦ୍ରାପଡ଼ା ଜୋନରେ କେନ୍ଦ୍ରାପଡ଼ା ୧-୦ ଗୋଲରେ ଜଗତସିଂହପୁରକୁ, ଝାରସୁଗୁଡା ୫-୩ ଗୋଲରେ ଭଦ୍ରକକୁ, ବୌଦ୍ଧ ଜୋନରେ ବଲାଙ୍ଗିର ୩-୧ ଗୋଲରେ ନୂଆପଡାକୁ ହରାଇଥିବା ବେଳେ ବୌଦ୍ଧ ଏବଂ କନ୍ଧମାଳ ବିପକ୍ଷ ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS